

ସନ୍ୟାସ ନେଲେ ୱେଷ୍ଟଇଣ୍ଡିଜ କ୍ରିକେଟର୍ ନିକୋଲାସ ପୂରନ
ପୃଷ୍ଠା ୬

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR




Vol. 34 | ISSUE 79 | ଭାଗ ୩୪ | ସଂଖ୍ୟା ୭୯
Bhubaneswar | Wednesday 11 June 2025 | Page 8 Rs. 4.00
● ଭୁବନେଶ୍ୱର ବୁଧବାର ୧୧ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

### ପ୍ରଥମ ବର୍ଷରେ ସଫଳତାର ତାଲିକା ଦେଲେ ମୋହନ

# ଲୋକଙ୍କ ଦୁଆରେ 'ତୃତୀୟ ମହଲା'

**ଭୁବନେଶ୍ୱର,୧୦।୬(ସଂଚାର ବ୍ୟୁରୋ):** ସ୍ୱାଧୀନ ଭାରତର ରାଜନୈତିକ ଇତିହାସରେ ଆଜିର ଦିନଟି ବେଶ୍ ମହତ୍ତ୍ୱପୂର୍ଣ୍ଣ। କାରଣ ଆଦିର ଦିନରେ ଦେଶର ସବୁଠୁ ଲୋକପ୍ରିୟ ଜନନାୟକ ନରେନ୍ଦ୍ର ମୋଦି ଲଗାତାର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ଗତକାଲି ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସଫଳତାର ସହ ୧୧ ବର୍ଷ ପୂରା କରିବା ସହ ତୃତୀୟ ପାଳିର ପ୍ରଥମ ବାର୍ଷିକୀ ପୂରଣ କରିଛି। ଗତ ୨୦୧୬ ମେ' ୨୬ ତାରିଖରେ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ପଦରେ ଆସୀନ ହୋଇଥିବା ମୋଦି ଦେଶରେ ଦୁର୍ନୀତିଗ୍ରସ୍ତ, ଅପାରଗ ଓ ସାରା ଦେଶରେ ଖେଳିଯାଇଥିବା ନକାରାତ୍ମକ ଭାବନା ବଦଳରେ ଆଶାର ଆଲୋକ ସଂଚାର କରିଥିଲେ।

ଏହି ୧୧ ବର୍ଷରେ ମୋଦି ସରକାର ହାସଲ କରିଥିବା ସଫଳତାର ତାଲିକା ବେଶ୍ ଲମ୍ବା। କିନ୍ତୁ ସଂକ୍ଷେପରେ କହିଲେ ଦେଶର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ସ୍ଥିତିରେ ଅଭୂତପୂର୍ବ ପରିବର୍ତ୍ତନ ଆସିଛି। ଆମ ପାଇଁ ଦେଶ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ମୋଦି ସରକାରର ସବୁଠୁ ବଡ଼ ସଫଳତା ଥିଲା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରି ଜାମ୍ମୁ-କାଶ୍ମୀରକୁ ଦେଶ ସହ ସାମିଲ କରିବା। ଏଥିସହ ମହିଳାଙ୍କ ରାଜନୈତିକ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ନାରୀ ଶକ୍ତି ବନ୍ଦନ ଅଧିନିୟମ, ଟ୍ରିପଲ ତଲାକ ଉଚ୍ଛେଦ, ଦେଶରେ ଏକକ ଜିଏସ୍‌ଟି ପ୍ରଚଳନ ଓ କୋଭିଡ ବିରୋଧରେ ଲୋକଙ୍କୁ ସୁରକ୍ଷିତ ରଖିବା ଆଦି ମଧ ଆଉ କିଛି ମହତ୍ତ୍ୱପୂର୍ଣ୍ଣ ଉପଲବ୍‌ଧି। ସେହିପରି ଦେଶରେ ଦାରିଦ୍ର୍ୟ ସ୍ଥିତିରେ ଉଲ୍ଲେଖନୀୟ ଉନ୍ନତି ଘଟିଛି। ନିକଟରେ ବିଶ୍ୱ ବ୍ୟାଙ୍କ ପ୍ରକାଶ କରିଥିବା ରିପୋର୍ଟରେ ୧୩ ବର୍ଷ ମଧରେ ଦେଶରେ ଦାରିଦ୍ର୍ୟ ହାର ୨୭.୧ରୁ ୫.୩ ପ୍ରତିଶତକୁ ହ୍ରାସ ପାଇଛି। ଅର୍ଥାତ୍ ଗତ ୧୨ ବର୍ଷ ମଧରେ ଦେଶର ପ୍ରାୟ ୨୭ କୋଟି ଲୋକ ଦାରିଦ୍ର୍ୟ ତାଡନାରୁ ମୁକ୍ତ ହୋଇଛନ୍ତି। ଏହା ସାଧାରଣ ଜନତାଙ୍କ ବିକାଶ ଦିଗରେ ମୋଦିଙ୍କ ପ୍ରତିଶ୍ରୁତିବଦ୍ଧତାର ଏକ ପ୍ରକୃଷ୍ଟ ଉଦାହରଣ। ଏହାଛଡ଼ା ସାଧାରଣ ଜନତାର ଜୀବନ ଶୈଳୀକୁ ଆୟୁଷ୍ମାନ ଭାରତ-ଜନ ଆରୋଗ୍ୟ ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ଭାରତ ଯୋଜନା, ନୂତନ ଶିକ୍ଷା ନୀତି, ଜନଧନ ଯୋଜନା, ବେଟି ବଚାଓ ବେଟି ପଢାଓ ଆଦି ଯୋଜନା ➺ପୃଷ୍ଠା-୬




- ଶାସକ-ଶାସିତ ଭିତରେ ଥିବା ପ୍ରାଚୀରକୁ ଭାଙ୍ଗିଛୁ
- ଜନସେବା ପାଇଁ ୨୪ ବର୍ଷ ନୁହେଁ, ୨୪ ମିନିଟ୍ ଯଥେଷ୍ଟ
- ନକାରାତ୍ମକ ଭାବନାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ମୋଦି
- ଦୁର୍ନୀତିର ପକ୍ଷଚ୍ଛେଦନରେ ମିଳିଛି ସଫଳତା
- ଚଳିତ ବର୍ଷ ୪୦ ହଜାର ସରକାରୀ ନିଯୁକ୍ତି



# ଓଡ଼ିଆ ଅଧିକାରୀଙ୍କୁ ଆର୍‌ପିଏସ୍‌ସି ଅଧ୍ୟକ୍ଷ ଦାୟିତ୍ୱ

**ଜୟପୁର,୧୦।୬:** ଓଡ଼ିଆ ପୁଅ ଉତ୍କଳ ରଞ୍ଜନ ସାହୁଙ୍କୁ ରାଜସ୍ଥାନରେ ବଡ଼ ଦାୟିତ୍ୱ ମିଳିଛି। ଭାରତୀୟ ପୁଲିସ ସେବା (ଆଇପିଏସ୍) ଅଧିକାରୀ ଶ୍ରୀ ସାହୁଙ୍କୁ ରାଜସ୍ଥାନ ସରକାର ରାଜସ୍ଥାନ ଲୋକସେବା ଆୟୋଗ (ଆର୍‌ପିଏସ୍‌ସି)ର ଅଧ୍ୟକ୍ଷ ପଦବୀରେ ନିଯୁକ୍ତି ଦେଇଛନ୍ତି। ଏହି ପଦବୀରେ ନିଯୁକ୍ତ ପାଇବା ପରେ ୧୯୮୮ ବ୍ୟାଚ୍‌ର ଆଇପିଏସ୍ ଶ୍ରୀ ସାହୁ ନିଜର ଆଗାମୀ ଯୋଜନା ସମ୍ପର୍କରେ ଗଣମାଧ୍ୟମର ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ଶ୍ରୀ ସାହୁ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଆଦେଶାନୁସାରେ ତାଙ୍କୁ ଦାୟିତ୍ୱ ମିଳିଛି। ଏହାକୁ ନିଷ୍ଠାର ସହ ପାଳନ କରିବି। ମୁଁ ଗତ ୩୫ ବର୍ଷ ହେଲା ସରକାରୀ ସେବାରେ ରହିଛି ଓ ସବୁବେଳେ ଆଦେଶର ପାଳନ କରିଛି। ବର୍ତ୍ତମାନ ନୂଆ ଦାୟିତ୍ୱ ମିଳିଥିବାରୁ ମୁଁ ସମ୍ପୂର୍ଣ୍ଣ ଭାବେ ଉଦ୍ୟମ କରିବି ଯେ ଏହି ପଦ ଅନୁସାରେ କାମ କରାଯିବ। ଯଥା ସମ୍ଭବ ଭଲ କରିବାକୁ ଉଦ୍ୟମ କରିବି। ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍‌ର କୋଶଳା ଗାଁରେ ଜନ୍ମିତ ଶ୍ରୀ ସାହୁ କହିଛନ୍ତି ଯେ ବିଗତ କିଛି ବର୍ଷରେ ନିଯୁକ୍ତି ପରୀକ୍ଷା ସମ୍ପର୍କିତ ଅନେକ ସମସ୍ୟା ଆସିଥିଲା। ପରୀକ୍ଷାକୁ ନିରପେକ୍ଷ ଭାବେ ପରିଚାଳନା କରିବାକୁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। କିନ୍ତୁ ଗତ ଦେଢ଼ ବର୍ଷ ମଧ୍ୟରେ ଯେତିକି ପରୀକ୍ଷାର ଆୟୋଜନ କରାଯାଇଛି, ସେଗୁଡ଼ିକ ସଠିକ ଓ ବ୍ୟବସ୍ଥିତ ଭାବେ ସମ୍ପନ୍ନ ହୋଇଛି। ଏହି ପରୀକ୍ଷାଗୁଡ଼ିକୁ ସଫଳତା ପୂର୍ବକ କରିବାକୁ ଏସ୍‌ଆଇଟି, ରାଜସ୍ଥାନ ପୁଲିସର ଫିଲ୍ଡ ଅଫିସର ଓ ଅନ୍ୟ ଏଜେନ୍ସିର ସମନ୍ୱୟ ଗୁରୁତ୍ୱପୂର୍ଣ୍ଣ ରହିଛି। ଆଜି ରାଜସ୍ଥାନ ରାଜ୍ୟପାଳ ହରିଭାଉ ବାଗାଡେ ଶ୍ରୀ ସାହୁଙ୍କୁ ଆରପିଏସସିର ନୂତନ ସ୍ଥାୟୀ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେବା ପାଇଁ ଏକ ଆଦେଶନାମା ଜାରି କରିଛନ୍ତି। ରିପୋର୍ଟ ଅନୁଯାୟୀ, ରାଜ୍ୟର ପୁଲିସ ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ସାହୁ ଏବେ ନୂଆ ଦାୟିତ୍ୱ ଗ୍ରହଣ କରିବା ପାଇଁ ପୁଲିସ ମୁଖ୍ୟ ପଦରୁ ଇସ୍ତଫା ଦେବେ।

# ଓଜେଇଇ-୨୦୨୫ ଫଳାଫଳ ପ୍ରକାଶିତ




### ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଲେ ମନ୍ତ୍ରୀ

**ଭୁବନେଶ୍ୱର,୧୦।୬(ସଂଚାର ବ୍ୟୁରୋ):** ଓଡ଼ିଶା ମିଳିତ ପ୍ରବେଶିକା ପରୀକ୍ଷା (ଓଜେଇଇ-୨୦୨୫) ଫଳାଫଳ ଆଜି ପ୍ରକାଶ ପାଇଛି। ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସ୍ଥାନୀୟ ଏସ୍‌ସିଟିଇଭିଟି ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଜେଇଇ -୨୦୨୫ର ଫଳାଫଳ ଘୋଷଣା କରିବା ସହ ଫଳାଫଳ ପୁସ୍ତିକା ଉନ୍ମୋଚନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ପରିଶ୍ରମ ଓ ଅଧବସାୟକୁ ଅବ୍ୟାହତ ରଖି ଆଗାମୀ ଜୀବନରେ ସଫଳତା ହାସଲ କରିବା ସହ ଜଣେ ଜଣେ ସୁନାଗରିକ ହୋଇ ଓଡ଼ିଶାର ସୁନାମକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅଧିକରୁ ଅଧିକ ଋଦ୍ଧିମନ୍ତ କରିବା ପାଇଁ ପରାମର୍ଶ ଦେଇଛନ୍ତି ।

୨୦୨୫-୨୬ ଶିକ୍ଷାବର୍ଷ ନିମନ୍ତେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନମାନଙ୍କରେ ପ୍ରଚଳିତ ୧୭ଟି ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମ ଯଥା ବି. କ୍ୟାଟ୍, ଏଲ୍‌ଇ-ବି.ଟେକ୍, (ଡିପ୍ଲୋମା), ଏଲ୍‌ଇ-ବି. ➺ପୃଷ୍ଠା-୬

### ଯାଜପୁରରେ ଡରାଇଲା ଡାଇରିଆ

# ୩ ଘଣ୍ଟାରେ ଶହେରୁ ଅଧିକ ଆକ୍ରାନ୍ତ



### ଆନନ୍ଦପୁରରେ ଭୋଜି ଖାଇ ୩୦ରୁ ଅଧିକ ଅସୁସ୍ଥ

**ଯାଜପୁର/କେନ୍ଦୁଝର,୧୦।୬ (ସଂଚାର ବ୍ୟୁରୋ):** କଣାସ ପରେ ଯାଜପୁରରେ ବ୍ୟାପିଛି ଡାଇରିଆ ଆତଙ୍କ। ତିନି ଘଣ୍ଟାରେ ଶହେ ଟପିଲାଣି ରୋଗୀଙ୍କ ସଂଖ୍ୟା। ଦାନଗଦି, ସୁକିନ୍ଦା, କୋରେଇ, ଧର୍ମଶାଳା, ବ୍ୟାସନଗର ଆଦି ଅଞ୍ଚଳରୁ ଝାଡ଼ାବାନ୍ତିରେ ପୀଡ଼ିତ ହୋଇ ଶତାଧିକ ରୋଗୀ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଆସିଲେଣି। ରୋଗୀଙ୍କ ସଂଖା ଆହୁରି ବଢ଼ିବାର ଆଶଙ୍କା ମଧ୍ୟ ରହିଛି। ଘଟଣାକୁ ନେଇ ଜିଲ୍ଲାରେ ଭୟ ବଢୁଥିବା ବେଳେ ଯାଜପୁର ଜିଲ୍ଲାପାଳ ନିଜେ ଉପସ୍ଥିତ ରହି ପରିସ୍ଥିତିର ସମୀକ୍ଷା କରିଛନ୍ତି। ହସ୍ପିଟାଲରେ ଅତିରିକ୍ତ ଡାକ୍ତର ମୁତୟନ କରିବା ସହ ଔଷଧ ମହଜୁଦ ରଖିବାକୁ ନିର୍ଦ୍ଦେଶ ➺ପୃଷ୍ଠା-୬

### ତେଲେଙ୍ଗାନାରେ ମୋଦି ସରକାରଙ୍କ ୧୧ ବର୍ଷର ହିସାବ ଦେଲେ ଧର୍ମେନ୍ଦ୍ର

# ଭାରତ ସହାନୁଭୂତି ଓ ସମାନତାପୂର୍ଣ୍ଣ ବିଜ୍ଞାନରେ ବିଶ୍ୱାସୀ

**ହାଇଦ୍ରାବାଦ,୧୦।୬(ସଂଚାର ବ୍ୟୁରୋ):** ଭାରତ ସହାନୁଭୂତିଶୀଳ, ନୈତିକ ଓ ସମାନତାପୂର୍ଣ୍ଣ ବିଜ୍ଞାନରେ ବିଶ୍ୱାସ କରେ ବୋଲି ଆଜି ଆଇଆଇଟି ହାଇଦ୍ରାବାଦରେ ବିଶ୍ୱ ଯୁବ ବୈଜ୍ଞାନିକ ସମ୍ମିଳନୀ ଓ ଗ୍ଲୋବାଲ୍ ୟଙ୍ଗ୍ ଏକାଡେମୀର ବାର୍ଷିକ ସାଧାରଣ ସଭାରେ ଅଧକ୍ଷତା କରିବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଶ୍ରୀ ପ୍ରଧାନ ତାଙ୍କ ଅଭିଭାଷଣରେ ସମ୍ମିଳନୀରେ ଯୋଗ ଦେଇଥିବା ତଥା ବିଶ୍ୱର ବିଭିନ୍ନ ସ୍ଥାନରୁ ଆସିଥିବା ଯୁବ ବୈଜ୍ଞାନିକଙ୍କୁ ସ୍ୱାଗତ କରିବା ସହ ଗ୍ଲୋବାଲ୍ ୟଙ୍ଗ୍ ଏକାଡେମୀର ୩୦ ଜଣ ନୂଆ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ପ୍ରଧାନ କହିଥିଲେ ଯେ ଏହି ସମ୍ମିଳନୀ କେବଳ ବୈଜ୍ଞାନିକମାନଙ୍କର ଏକ ସମାବେଶ ନୁହେଁ, ବରଂ ଆଶା, ଉଦ୍ଦେଶ୍ୟ ଏବଂ ଏକ ସହଭାଗୀତାକୁ ପ୍ରତିନିଧିତ୍ୱ କରୁଥିବା ଏକ ମଞ୍ଚ। ଭାରତ ପାଇଁ 'ବସୁଧୈବ କୁଟୁମ୍ବକମ୍-ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ' କେବଳ ଏକ ସ୍ଲୋଗାନ ନୁହେଁ ବରଂ ଜୀବନ ବଞ୍ଚିବାର ଏକ ପଦ୍ଧତି। ଭାରତ ଏପରି ବିଜ୍ଞାନରେ ବିଶ୍ୱାସ କରେ ଯାହା ସହାନୁଭୂତିଶୀଳ, ନୈତିକ ଓ ନ୍ୟାୟସଙ୍ଗତ ହୋଇଥିବ। ଭାରତର ବୈଶ୍ୱିକ ଭାଗିଦାରୀ ଏକ ବ୍ୟାପକ ମୂଲ୍ୟବୋଧରେ ଅନ୍ତର୍ନିହିତ। ଅନ୍ତଃରାଷ୍ଟ୍ରୀୟ ସୌର ଗଠବନ୍ଧନ, ବିପର୍ଯ୍ୟୟ ପ୍ରତିରୋଧ ଭିତ୍ତିଭୂମି ପାଇଁ ପଦକ୍ଷେପ, ମିଶନ ଲାଇଫ୍ ଏବଂ ଭାରତ ବିଜ୍ଞାନ ଓ ଗବେଷଣା ଛାତ୍ରବୃତ୍ତି ଭଳି ପଦକ୍ଷେପଗୁଡ଼ିକ ଭାରତର ବିଶ୍ୱ ବନ୍ଧୁତ୍ୱ ତଥା ବିଜ୍ଞାନ ମାଧମରେ ବିଶ୍ୱ ବନ୍ଧୁତାର ପ୍ରତିଫଳନ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।



### 'ବସୁଧୈବ କୁଟୁମ୍ବକମ୍' ଜୀବନ ବଞ୍ଚିବାର ଏକ ପଦ୍ଧତି

### ଆଇଆଇଟି ହାଇଦ୍ରାବାଦ କ୍ୟାମ୍ପସ୍‌ରେ ଚାରାରୋପଣ

ସେ ଆହୁରି ମଧ କହିଛନ୍ତି ଯେ ବୈଜ୍ଞାନିକ, ଉଦ୍ଭାବକ ଓ ନୀତି ନିର୍ଦ୍ଧାରକମାନେ ଏକାଠି ହୋଇ କାମ କରିବା ସହ ଦୁର୍ବଳ ଲୋକଙ୍କୁ ସଶକ୍ତ କରୁଥିବା ପରିସଂସ୍ଥାନ ଏବଂ ସମାଧାନ ତିଆରି କରିବା ଜରୁରୀ। ବର୍ତ୍ତମାନର ସେହି ସମୟ ଉପନୀତ ➺ପୃଷ୍ଠା-୬

# ଲାଞ୍ଚୁଆ ଆଇଏଏସ ଅଫିସର ନିଲମ୍ବିତ



### ଭିଜିଲାନ୍ସରେ ଧରାଇଦେଲେ କ୍ରସର ମାଲିକ

### ୩ କୋଟି ଫାଇନର ଧମକ ଦେଇ ମାଗିଥିଲେ ଲାଞ୍ଚ

**ଭୁବନେଶ୍ୱର,୧୦।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ ଉପଜିଲ୍ଲାପାଳ ଓ ୨୦୨୧ ବ୍ୟାଚର ଆଇଏଏସ ଅଫିସର ଧୀମାନ ଚକ୍‌ମାଙ୍କୁ ନିଲମ୍ବନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହେବା ପରେ ମୁଖ୍ୟମନ୍ତ୍ରୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ନିଲମ୍ବନ ସମୟରେ ଶ୍ରୀ ଚକ୍‌ମାଙ୍କ ମୁଖ୍ୟାଳୟ ସାଧାରଣ ପ୍ରଶାସନ ବିଭାଗ ରହିବ। ସେ ସରକାରଙ୍କ ବିନାନୁମତିରେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ବୋଲି କୁହାଯାଇଛି। ସୂଚନାନୁଯାୟୀ, ଜଣେ କ୍ରସର ମାଲିକଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ରବିବାର ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ ଶ୍ରୀ ➺ପୃଷ୍ଠା-୬

### ଅଭିଯୁକ୍ତଙ୍କ କୋର୍ଟ ଚାଲାଣକୁ ବିରୋଧ

# ତାତିଲେ ଲୋକେ, ଥାନାରେ ଲଙ୍କାକାଣ୍ଡ

**ଭୁବନେଶ୍ୱର,୧୦।୬(ସଂଚାର ବ୍ୟୁରୋ):** ଇନଫୋସିଟି ଥାନା ଭିତରେ ଖଣ୍ଡଯୁଦ୍ଧ। ଉଡ଼ିଲା ଚେୟାର ଆଉ ଫୁଲକୁଣ୍ଡ। ଆଇଆଇସିଙ୍କୁ ଆକ୍ରମଣ ସହ ଥାନା ଭିତରେ ପଶି ଭଙ୍ଗାରୁଜା କରିଛନ୍ତି। ଅଭିଯୁକ୍ତକୁ ଗିରଫ ନୁହେଁ, ବରଂ ଟଙ୍କା ଫେରସ୍ତ କରାଇବା ପାଇଁ ଦାବି କଲେ ଉତ୍ତ୍ୟକ୍ତ ଜନତା। ପୁଲିସ ଲୋକଙ୍କ ମଧରେ ହୋଇଥିବା ଧସ୍ତାଧସ୍ତିରେ ଜଣେ ମହିଳା ଆହତ ହୋଇଛନ୍ତି। ଏକ ଠକେଇ ମାମଲାରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିବା ଘଟଣାକୁ ବିରୋଧ କରିବାରୁ ଏନେଇ ଅଳସୁଆ ଗାଁ ଲୋକଙ୍କ ସହ ପୁଲିସର ଖଣ୍ଡଯୁଦ୍ଧ ହୋଇଥିଲା। ଅଳସୁଆ ଅଞ୍ଚଳରେ ରହୁଥିବା ଅଜୟ ମହାନ୍ତି ନାମକ ଯୁବକ ସାହାଯ୍ୟ କରିବା ଆଳରେ ୪୨ ଜଣଙ୍କଠାରୁ ଲକ୍ଷ ➺ପୃଷ୍ଠା-୬



ମହିଳା ଓ ଥାନାଧିକାରୀ ଆହତ



### କାନ ଡେରିଆ

ଦୀର୍ଘ ଦିନ ଧରି ଶାସନରେ ରହି
ଶୃଙ୍ଖଳା ଶିଖିଲେ ନାହିଁ
ଶଙ୍ଖ ଭବନର କାର୍ଯ୍ୟ
କଳାପକୁ
ମିଡ଼ିଆ ଦେଖିଲା ଯାଇ
ଭକ୍ତି ଭାବ ଦିଶୁଥାଇ...
ଏଡ଼େ ବଡ଼ ଗଛ ଉପାଡ଼ିବା ପାଇଁ
ଚକ୍ରାନ୍ତ କେ କରୁ ଥାଇ।

■ ଦେବାଶିଷ

# କାଉଣ୍ଟର ପାଇଁ ବିଜେଡିରେ ଯୋଦ୍ଧା ସଙ୍କଟ

**ଭୁବନେଶ୍ୱର,୧୦।୬(ସଂଚାର ବ୍ୟୁରୋ):** ସଫଳତାର ସହ ବର୍ଷଟିଏ ପୂରଣ କରିଥିବା ମୋହନ ସରକାରଙ୍କୁ କାଉଣ୍ଟର କରିବା ପାଇଁ ବିଜେଡିରେ ଏବେ ଯୋଦ୍ଧା ସଙ୍କଟ। ଯେଉଁମାନେ ବି ଅଛନ୍ତି ସେମାନଙ୍କର ଯୁଦ୍ଧ କରିବାର ବଳ ନାହିଁ। ଯୁବ ଓ ଛାତ୍ର ସଂଗଠନ ଏକପ୍ରକାର ମୁରବୀବିହୀନ ହୋଇଥିବାରୁ ଟିମ୍ ମୋହନଙ୍କୁ କିଏ ଟକ୍କର ଦେବ, ତା' ଏବେ ଦଳ ପାଇଁ ବଡ଼ ଆହ୍ୱାନ ହୋଇଛି। ମୋହନ ମାଝୀଙ୍କ ନେତୃତ୍ୱାଧୀନ ସରକାର ତାଙ୍କର ବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ ଏହାର କାଉଣ୍ଟର ପାଇଁ ବିଜେଡି ମୋର୍ଚ୍ଚା ଖୋଲିଛି। ଆରମ୍ଭ କରିଛି ଜନଜାଗରଣ ଅଭିଯାନ । ହେଲେ ଜନଙ୍କୁ କିଏ ଜଗାଇବ ତାହା ସ୍ଥିର ହୋଇପାରୁନାହିଁ। କାରଣ ଏବେ ବି ଦଳ ଭିତରେ ଚାଲିଛି କ୍ଷମତା କନ୍ଦଳ। ବିଜୁ ଲିଗାସୀ ଏକପ୍ରକାର କୋଣଠେସା ହୋଇଥିବାବେଳେ ବରିଷ୍ଠମାନେ ମଝିରେ ମଝିରେ ଦଳର ମାମଲତକାରମାନଙ୍କୁ ତେର୍‌ଛା ବାଣ ମାରୁଛନ୍ତି। ସବୁଠାରୁ ବଡ଼ କଥା ହେଲା ଦଳର ଯୁବ ଓ ଛାତ୍ର ମୁଖିଆ ବଛାହୋଇ ପାରୁନାହାନ୍ତି। ଯେଉଁମାନେ ଏବେ ଏହାର ମଙ୍ଗ ଧରିଛନ୍ତି ତାଙ୍କୁ ବଦଳାଯିବ ବୋଲି ଦୀର୍ଘଦିନ ହେଲା ଆଲୋଚନା ଚାଲିଛି। ତେଣୁ ସେମାନେ ବି ଆଉ ମଙ୍ଗ ଧରିବାକୁ ଆଗ୍ରହୀ ନୁହନ୍ତି। ତେବେ ଏହି ଛାମୁଆ ସଂଗଠନର ନୂଆ ମୁହଁ କିଏ ହେବ, ତାକୁ ନେଇ ମାମଲତକାରଙ୍କ ମଧରେ ଛକାପଞ୍ଝା ଚାଲିଛି। ଦଳର ରାଜନୈତିକ ବ୍ୟାପାର କମିଟିରେ ଅଭିଜ୍ଞ ନେତା ନଥିବାରୁ ସଂଗଠନ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ବର୍ତ୍ତମାନ ଦଳରେ ରାଜନୈତିକ ନିଷ୍ପତ୍ତି କିଏ ନେଉଛି ଓ ରାଜନୈତିକ ବ୍ୟାପାର କମିଟି କେବେ କେଉଁଠାରେ ବସି ନିଷ୍ପତ୍ତି ନିଆଯାଉଛି, ତା'ର ଟେର କର୍ମୀ ତ ଦୂରର କଥା ଛାମୁଆ ନେତାମାନେ ବି ପାଇପାରୁନାହାନ୍ତି। ଅବସ୍ଥା ଏଭଳି ହୋଇଛି ଯେ ପ୍ରତିଦିନ ଦଳର ବ୍ଲକ ଅଧକ୍ଷ ଓ ଉପାଧକ୍ଷମାନେ ବିଜେପିକୁ ଡେଉଁଥିଲେ ମଧ ସେଥିରେ ବ୍ରେକ୍ ଲାଗିପାରୁନାହିଁ। ବର୍ତ୍ତମାନ ବିଜେପିକୁ କେଉଁମାନେ କାଉଣ୍ଟର ➺ପୃଷ୍ଠା-୬




### ଯୁବ ଓ ଛାତ୍ର ସଂଗଠନ ଦିଶାହୀନ

### ଗୋଷ୍ଠୀ କନ୍ଦଳ ଯୋଗୁଁ କମୁଛି ମନୋବଳ



## ଶ୍ରୀ ବଳଦେବଜୀଉଙ୍କ ଦର୍ଶନ କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ

**କେନ୍ଦ୍ରାପଡା,୧୦।୬ (ସଂଚାର ବ୍ୟୁରୋ):** ରାଜ୍ୟ ଦକ୍ଷତା ବିକାଶ ଓ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ଦିନିକିଆ କେନ୍ଦ୍ରାପଡ଼ା ଜିଲ୍ଲା ଗ୍ରସ୍ତରେ ଆସି ଆରାଧ ଦେବତା ପ୍ରଭୁ ବଳଦେବ ଜୀଉଙ୍କୁ ଦର୍ଶନ କରିଥିଲେ । ମହାପ୍ରଭୁଙ୍କୁ ଦର୍ଶନ କରିବା ସଙ୍ଗେ ବେଢ଼ା ଭ୍ରମଣ, ମହାଲକ୍ଷ୍ମୀ ମନ୍ଦିର, ନବଗ୍ରହ ମନ୍ଦିର, କନକ ଦୁର୍ଗା ମନ୍ଦିର ଦର୍ଶନ କରିଥିଲେ । ସାଙ୍ଗରେ ବିଧାୟକ ଡ଼. ଦୁର୍ଗା ପ୍ରସନ୍ନ ନାୟକ ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ , କୃଷ୍ଣ ଚନ୍ଦ୍ର ପଣ୍ଡା ଅମିତାଭ ସୁଆର, ଲକ୍ଷ୍ମୀକାନ୍ତ ସାହୁ, ରାଜେନ୍ଦ୍ର ପତି, ବିକାଶ ବ୍ରହ୍ମ ଚାରି, ସେବାୟତ ନୃସିଂହ ପ୍ରସାଦ ପତ୍ରୀ, ଜ୍ୟୋତି ରଞ୍ଜନ ପତ୍ରୀ, ସ୍ୱାଗତ କରିଥିଲେ ।

## ଶ୍ରୀ ବଳଦେବଜୀଉ ନୂତନ ଟ୍ରଷ୍ଟ ବୋର୍ଡର ପ୍ରଥମ ବୈଠକ



**କେନ୍ଦ୍ରାପଡ଼ା,୧୦।୬(ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଆରାଧ ଦେବତା ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ମନ୍ଦିରର ସୁପରିଚାଳନା ନିମନ୍ତେ ମଙ୍ଗଳବାର ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୋର୍ଡର ବରିଷ୍ଠ ସଭ୍ୟ ହୃଷିକେଶ ରଥଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ପୂର୍ବତନ ନଗରପାଳ ଧିରେନ୍ କୁମାର ସାହୁ, କେନ୍ଦ୍ରାପଡା ପୌରସଂସ୍ଥାର ଅଧିକାରୀ ଅଜିତ୍ ନାରାୟଣ ଗିରି, କେନ୍ଦ୍ରାପଡା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗଉଡ, ସେବକ ନୃସିଂହ ପତ୍ରି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଉପଜିଲ୍ଲାପାଳଙ୍କୁ ସର୍ବସମ୍ମତିକ୍ରମେ ମଧର୍ବୀକାଳୀନ ଟ୍ରଷ୍ଟବୋର୍ଡର ସଭାପତି ଭାବେ ମନନୟନ କରାଗଲା । ଏହି ପ୍ରସ୍ତାବକୁ ଗୃହୀତ କରାଯାଇ ଦେବୋର କମିଶନରଙ୍କ ନିକଟକୁ ପଠାଯିବାକୁ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରି ଙ୍କୁ ଦାୟିତ୍ୱ ଦିଆଗଲା । ବୈଠକ ଆରମ୍ଭରେ ଦେବୋର ସଂସ୍ଥାର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଦେବୋର କମିଶନରଙ୍କ ଦ୍ୱାରା ପଠାଇଥିବା ନିଯୁକ୍ତିପତ୍ରକୁ ପାଠ କରିଥିଲେ । ପରର୍ବୀ ବୈଠକରେ ମନ୍ଦିରର ରଥଯାତ୍ରା ଓ ଅନ୍ୟ ସମସ୍ୟା ସଂପର୍କରେ ଆଲୋଚନା କରାଯିବାକୁ ସ୍ଥିର କରାଯାଇଛି ।

### ଅନଲାଇନ ଗେମ୍ ହେଲା କାଳ

## ଯବାନ କଲେ ଆତ୍ମହତ୍ୟା



**ଗରଦପୁର, ୧୦।୬ (ସଂଚାର ବ୍ୟୁରୋ):** ଅନଲାଇନ ଗେମରେ ଲକ୍ଷ ଲକ୍ଷ ଟଙ୍କା ହରାଇ ଆତ୍ମହତ୍ୟା କରିଛନ୍ତି ଜଣେ ବିଏସଏଫ ଯବାନ । ଯବାନ ଜଣଙ୍କ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ପହଣା ଗ୍ରାମର ଅଭିରାମ ଦାଶଙ୍କ ପୁଅ ସୂର୍ଯ୍ୟକାନ୍ତ ଦାଶ(୩୬) । ସେ ବିଏସଏଫର କୋଲକତା ହେଡକ୍ୱାଟରରେ କାର୍ଯ୍ୟରତ ଥିଲେ । ଗତ କିଛଦିନ ହେଲା ସେ ଅନଲାଇନ ଗେମ ମାୟାଜାଲରେ ପଡ଼ିଯାଇଥିଲେ ବୋଲି ଅଞ୍ଚଳବାସୀ କହିଛନ୍ତି । ଲକ୍ଷ ଲକ୍ଷ ଟଙ୍କା ହରାଇବା ପରେ ମାନସିକ ଭାରସାମ୍ୟ ହରାଇ ବସିଥିଲେ । ନିଜକୁ ଏକୁଟିଆ ପାଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଛନ୍ତି । ଏନେଇ ଅଞ୍ଚଳରେ ଖବର ପ୍ରଚାରିତ ହେବା ପରେ ସମଗ୍ର ଗରଦପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମଙ୍ଗଳବାର କଲିକତାରୁ ତାଙ୍କ ମରଶରୀର ଆସିବା ପରେ ଗାଁ ଶ୍ମଶାନରେ ଶେଷକୃତ ସମ୍ପନ୍ନ ହୋଇଥିଲା ।

### ମଉଦା ପଞ୍ଚାୟତରେ କୃତଜ୍ଞତା ଓ ଜନଶୁଣାଣି ସଭା

## 'ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ଯୋଗାଇ ଦିଆଯିବ'




**ମାହାଙ୍ଗା, ୧୦।୬ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ମଉଦା ପଂଚାୟତସ୍ଥ କେଳା ପଡିଆ ଠାରେ ଏକ କୃତଜ୍ଞତା ଓ ଜଣଶୁଣାଣି ସଭା ଅନୁଷ୍ଠିତ ହୋଇଯାଇଛି । ନାରୀ ନେତ୍ରୀ ଯାଜ୍ଞସେନୀ ଜେନାଙ୍କ ସଭାପତିତ୍ୱ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ଯୋଗ ଦେଇ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କ ରେ ଅବଗତ ହୋଇ ସେଗୁଡିକୁ ସମାଧାନ କରିବା ସହ ଜନଶୁଣାଣି କାର୍ଯ୍ୟକ୍ରମ ସଫଳ ଭାବେ ସମ୍ପାଦନ କରିଥିଲେ । ତତ ସହିତ ଦଳମତ ନିର୍ବିଶେଷରେ ସମସ୍ତ ଜନସାଧାରଣଙ୍କୁ ସମାନ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ ।

ଏହି କାର୍ଯ୍ୟକ୍ରମରେ ମଉଦା ସରପଞ୍ଚ ଚିନ୍ମୟୀ ବରାଳ,ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଶତପଥୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କୃଷ୍ଣ ଚନ୍ଦ୍ର ମିଶ୍ର, ବିଜେପି ମଣ୍ଡଳ ସଭାପତି ମନୋରଞ୍ଜନ ବିଶ୍ୱାଳ,ପଞ୍ଚାୟତ ସଭାପତି ମାନସ ରଞ୍ଜନ ଦାସ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ମଉଦା ସେବା ସମବାୟ ସମିତି ସମ୍ପାଦକ ବିଭୁ ଭୂଷଣ ଦାସ, ୱାର୍ଡ ସଭାପତି ଭାନୁ ନାୟକ, ୱାର୍ଡ ସଭାପତି ରବି ଦାସ, ହେମନ୍ତ କୁମାର ମିଶ୍ର, ଭଗତ ବେହେରା, ବିପୁନ ବେହେରା, ସୁରୟା ସାମଲ ,ସୁରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସରପଂଚ ଚିନ୍ମୟୀ ବରାଳ ଧନ୍ୟବାଦ୍ ଅର୍ପଣ କରିଥିଲେ।



## କେନ୍ଦ୍ରାପଡ଼ାରେ ଯୋଗଦେଲେ ନୂତନ ଅତିରିକ୍ତ ଜିଲ୍ଲାପାଳ

**କେନ୍ଦ୍ରାପଡା, ୧୦।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବେ ନବକ୍ରିଷ୍ଣା ଜେନା ମଙ୍ଗଳବାର ଯୋଗ ଦେଇଛନ୍ତି । ପୂର୍ବରୁ ସେ ଯାଜପୁର ଜିଲ୍ଲାରେ ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ସୂଚାରୁ ରୁପେ ସମ୍ପାଦାନ କରିଆସିଛନ୍ତି। ପୂର୍ବରୁ ଏହି ଦାୟିତ୍ୱରେ ନିଲୁ ମହାପାତ୍ର ଥିବା ବେଳେ ତାଙ୍କୁ ପୁରୀ ଜିଲ୍ଲାକୁ ବଦଳି କରାଯାଇଛି ।

### ଦାବି ମାନିଲା ପ୍ରଶାସନ

## ୫ ଦିନ ପରେ ଆମରଣ ଅନଶନ ପ୍ରତ୍ୟାହୃତ

**ରାଜନଗର, ୧୦।୬ (ସଂଚାର ବ୍ୟୁରୋ):** ରାଜନଗରର ଥାନା ଆଗରେ ନିର୍ବାଚିତ ୪୦ ରୁ ଉର୍ଦ୍ଧ ଲୋକ ପ୍ରତିନିଧି ୩ ଦିନ ଅନଶନ ଓ ଦୁଇ ଦିନ ଧରି ଆମରଣ ଅନଶନରେ ବସିବା ପରେ ପ୍ରଶାସନ ଦାବି ମାନି ନେଇଛି। ଆଜି ଆମରଣ ଅନଶନ ସ୍ଥଳରେ ରାଜନଗର ବିଧାୟକ ଧ୍ରୁବ ସାହୁ ପହଞ୍ଚି ଆମରଣ ଅନଶନକାରୀଙ୍କ ସହ ବସିଥିଲେ। କେନ୍ଦ୍ରାପଡା ଏସପି ଓ ଅତିରିକ୍ତ ଜିଲ୍ଲାପାଳ ରାଜନଗର ଥାନାରେ ପହଞ୍ଚିଥିଲେ। ଏସପି, ଅତିରିକ୍ତ ଜିଲ୍ଲାପାଳ, ବିଧାୟକ ଓ ଆମରଣ ଅନଶନକାରୀଙ୍କ ଏକ ପ୍ରତିନିଧି ଦଳ ସହ ଆଲୋଚନା କରିଥିଲେ। ୩୧ ତାରିଖ ଦିନ ବିଡିଓ, ପଞ୍ଚାୟତ ସମିତି ଅଧକ୍ଷ୍ୟା ଓ ବିଧାୟକ ଉନ୍ନୟନ ମୂଳକ କାମ ସମ୍ପର୍କରେ ଆଲୋଚନା କରୁଥିବା ବେଳେ ବିଡିଓଙ୍କ କବାଟକୁ ଗୋଇଠା ମାରି ଅରାଜକତା ସୃଷ୍ଟି କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ରାଜନଗର ବିଡିଓ ଏତଲା ଦେବେ। ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ନିଆଯିବ। ପେଣ୍ଠ ବାତ୍ୟା ଆଶ୍ରୟସ୍ଥଳୀରେ ଚୋରି ଓ ସମ୍ପାଦକଙ୍କୁ ମାଡ ଘଟଣାରେ ଦୁଇଟି ମାମଲା ରୁଜୁ ହୋଇଛି। ଆଇଆଇସି ନିଜେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି କାର୍ଯ୍ୟନୁଷ୍ଠାନ ନେବେ ବୋଲି ଏସପି ଓ ଅତିରିକ୍ତ ଜିଲ୍ଲାପାଳଙ୍କ ପତିଶ୍ରୁତି ପରେ ଆମରଣ ଅନଶନ ପ୍ରତ୍ୟାହୃତ ହୋଇଛି

### ବ୍ଲକସ୍ତରୀୟ ଖାଦ୍ୟ ପ୍ରତିଯୋଗିତାରେ ବ୍ୟାପକ ଅନିୟମିତତା

## କାନ୍ଦି କାନ୍ଦି ଫେରିଲେ ସୁଭଦ୍ରା ମାଆ

**ଡେରାବିଶ, ୧୦।୬ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ତରଫରୁ ପ୍ରତି ବ୍ଲକ ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ହେଉଥିଲା ବେଳେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ମଙ୍ଗଳବାର ମଧ୍ୟାହ୍ନରେ ମିଶନ ଶକ୍ତି ମା' ମାନଙ୍କ ଦ୍ୱାରା ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ଖାଦ୍ୟ ପ୍ରତିଯୋଗିତାରେ ୧୨ଟି ମିଶନ ଶକ୍ତି ଗ୍ରୁପ୍‌ର ମା'ମାନେ ଯୋଗ ଦେଇଥିବା ବେଳେ ଦୁଇଟି ଗ୍ରୁପ୍‌କୁ ପୁରସ୍କୃତ କରାଯାଇଥିବା ବେଳେ ଅନ୍ୟାନ୍ୟ ଗ୍ରୁପ୍‌ର ମା'ମାନେ ନିରାଶରେ କାନ୍ଦି ବୋବେଇ ଘରକୁ ଫେରିଥିବା ଦେଖିବା ପାଇଁ ମିଳିଥିଲା।

ସୂଚନା ମୁତାବକ ଏହି କାର୍ଯ୍ୟକ୍ରମ ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୧ଲକ୍ଷ ଟଙ୍କାର ବ୍ୟବସ୍ଥା ରହିଥିବା ବେଳେ ବ୍ଲକ ପ୍ରସାସନ ପକ୍ଷରୁ ବିଭିନ୍ନ ପଂଚାୟତରୁ ଆସିଥିବ ମିଶନ ଶକ୍ତି ମା' ମାନଙ୍କୁ ଗ୍ୟାସ ଚୂଲା ଯୋଗାଇ ଦେବା କଥା ଯାହାକି ଏଠାରେ ତାହା ନହୋଇ କେବଳ ଗ୍ୟାସ୍ ସିଲିଣ୍ଡର୍ ନୁହେଁ ୧୨ଟି ମିଶନ ଶକ୍ତି ଗ୍ରୁପରୁ କିଛି ମା'ମାନେ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ଗ୍ୟାସ୍ ସିଲିଣ୍ଡର୍‌ରେ ଖାଦ୍ୟ ପ୍ରସ୍ତୁତ କରିଥିଲେ। ଆଉ କିଛି ମା'ମାନେ ନିଜ ଘରୁ ତ ଆଉ କିଛି ଦୋକାନ ବଜାରରୁ ସ୍ୱାଦିଷ୍ଟ ଖାଦ୍ୟ କିଣି ଆଣି ପ୍ରଦର୍ଶିତ କରିଥିବା କଥା କୁହାଯାଉଛି। ମିଶନ ଶକ୍ତି ମା'ମାନେ ହଜାର ହଜାର ଟଙ୍କା ବ୍ୟୟ କରି ପୋଡ ପିଠା, ମାଣ୍ଡିଆ ପିଠା,ଛେନା ପୋଡ଼, କାକରା, ଦହିବରା ଭଳି ଅନେକ ପ୍ରକାରର ସ୍ୱାଦିଷ୍ଟ ଖାଦ୍ୟ ଅଣିଥିବା ବେଳେ ବ୍ଲକ୍ ପ୍ରସାସନ ତଥା, କିରାଣୀ, ସମନ୍ୱିତ ଶିଶୁ ବିକାଶ ଯୋଜନାର କର୍ମଚାରୀମାନେ ଖୁବ୍ ମଜାର ସହ ପେଟପୁରାଇ ଖାଇଥିଲେ। ଏହା ସହ ଜରିରେ ପୁରାଇ ଘରକୁ ନେଇଥିଲେ।

ଉକ୍ତ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାର ପ୍ରାୟ ଲକ୍ଷାଧିକ ଟଙ୍କା ଯୋଗାଇ ଦିଆଯାଇଥିବା ବେଳେ ସଙ୍କୋଚିତ ରୁପେ ସମ୍ମିଳନୀ କକ୍ଷରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଖାଦ୍ୟ ପ୍ରତିଯୋଗିତାରେ ଭାଗ ନେଇଥିବା ମିଶନ ଶକ୍ତି



ମା' ମାନଙ୍କ ମଧ୍ୟରୁ ଦୁଇଟି ଗ୍ରୁପ୍‌କୁ ଶାନ୍ତ୍ୱନା ମୂଳକ ପୁରସ୍କାର ଦିଆଯାଇ ଥିବା ବେଳେ ଅନ୍ୟ ଗ୍ରୁପ୍ ର ମା'ମାନେ ହଜାର ହଜାର ଟଙ୍କା ବ୍ୟୟରେ ଖାଦ୍ୟ ପ୍ରସ୍ତୁତ କରି ଅଫିସର ମାନଙ୍କୁ ଖୁଆଇ ନିରାଶରେ କାନ୍ଦି କାନ୍ଦି ଘରକୁ ଫେରିଥିଲେ। ଯାହା ରାଜ୍ୟ ସରକାରଙ୍କ ସୁଭଦ୍ରା ମା ମାନଙ୍କ ପ୍ରତି ଏକ ପରିହାସ ସଦୃଶ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

### କେନ୍ଦ୍ରାପଡ଼ାରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସମୀକ୍ଷା

## ଲୋକଙ୍କ ପାଖରେ ସରକାରୀ ଯୋଜନା ପହଞ୍ଚାଅ :ସୂର୍ଯ୍ୟବଂଶୀ

**କେନ୍ଦ୍ରାପଡ଼ା, ୧୦।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଭାରୀ ତଥା ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟପାର ଏବଂ ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତରେ ଆସି ସରକାରଙ୍କ ବିଭିନ୍ନ ଯୋଜନା ଓ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ମହାକାଳପଡା ବିଧାୟକ ଡ.ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକରେ ମନ୍ତ୍ରୀ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧିକାରୀମାନେ ତୃଣମୂଳ ସ୍ତରକୁ ଯାଇ ଲୋକଙ୍କ ସମସ୍ୟା ବୁଝିବା ସହିତ ତାର ସମାଧାନ ଉପରେ କାର୍ଯ୍ୟ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମହତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି



ଯୋଜନା, ସ୍ୱଚ୍ଛଭାରତ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଧାନ ସଂଗ୍ରହ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ବୟୋବନ୍ଦନା ଯୋଜନାରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ ସହିତ ଜିଲ୍ଲାର ସମସ୍ତ ଅଙ୍ଗନବାଡିର ସ୍ଥିତ ସମୀକ୍ଷା କରିଥିଲେ । ଏହା ସହିତ ମହିଳା ତଥା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ନୂଆ ସମ୍ଭାବନା ସୃଷ୍ଟି କରି ଜୀବନ ଜୀବିକା ତଥା ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଉନ୍ନତି କରିବାକୁ ପଡିବ ବୋଲି ମନ୍ତ୍ରୀ କହିଥିଲେ । ଅନ୍ତୋଦୟ ଗୃହ ଯୋଜନାରେ ଘର ଯୋଗେଇବା ଏବଂ ହିତାଧିକାରୀ ଚୟନ ପ୍ରକ୍ରିୟାରେ ସଠିକ ତଦନ୍ତ, ଶଯ୍ୟାଶାୟୀ, ୮୦ ବର୍ଷରୁ ଉର୍ଦ୍ଧ ହିତାଧିକାରୀଙ୍କ କିପରି ଘର ଦାଣ୍ଡରେ ପହଂଚିବ ସେଥିପ୍ରତି ଯତ୍ନବାନ ହେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏକ ଟିମ ହୋଇ କାର୍ଯ୍ୟକରିବା ଏବଂ ଜିଲ୍ଲାର ଉନ୍ନତିରେ ନିଜର ଆନ୍ତରିକତା ଓ ଅତ୍ମୀୟତା ରହିଲେ ନିଶ୍ଚିତ ଭାବେ ଜିଲ୍ଲା ଏକ ନମ୍ବର ହୋଇପାରିବ ବୋଲି ମନ୍ତ୍ରୀ କହିଥିଲେ ।




## ବିଜେପି ନେତା ହିମାଂଶୁଙ୍କ ଜନ୍ମଦିନରେ ମେଗା ରକ୍ତଦାନ ଶିବିର

**ସାଲେପୁର, ୧୦।୬ (ସଂଚାର ବ୍ୟୁରୋ):** ଆଜି ସାଲେପୁରର ବିଜେପି ନେତା ତଥା ଲୋକସେବା ଫାଉଣ୍ଡେସନର ଅଧକ୍ଷ ହିମାଂଶୁ ମହାନ୍ତିଙ୍କ ଜନ୍ମଦିନ ଅବସରରେ ସାଲେପୁରର ଗୁଜରପୁର ଠାରେ ଏକ ମେଗା ରକ୍ତ ଦାନ ଶିବିର ଏବଂ ବୃକ୍ଷ ରୋପଣ କାର୍ଯ୍ୟକର୍ମ ଅନୁଷ୍ଠିତ ହୋଇଯାଇଛି । ରକ୍ତ ଦାନ ମହତ ଦାନ,ଏହି ରକ୍ତ ଦାନ ଶିବିରରେ କଟକ ରେଡ କ୍ରସ ଫାଉଣ୍ଡେସନ ର ସହଯୋଗରେ ଅନେକ ସ୍ୱଚ୍ଛାସେବି, ମହିଳା, ପୁରୁଷ ସ୍ୱଚ୍ଛା କୃତ ଭାବେ ନିଜର ରକ୍ତ ଦାନ କରିଥିଲେ । ଯାହା ୧୧୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ଜଣା ଯାଇଛି । ସେହିଭଳି ନିଜ ଅଞ୍ଚଳରେ ଅନେକ ମୂଲ୍ୟବାନ ଗଛ ପ୍ରତିରୋପଣ କରି ପରିବେଶକୁ ସୁନ୍ଦର ରଖିବା ସହ ଭବିଷ୍ୟତରେ ଗଛର ଆବଶ୍ୟକତା ଉପରେ ମଧ ସୁନ୍ଦର ବାର୍ତ୍ତା ସମାଜ କୁ ଦେଇଥିବା ଜଣାଯାଇଛି । ହିମାଂଶୁ ମହାନ୍ତି ଜଣେ ସ୍ୱଚ୍ଛ, ସରଳ, ଏବଂ ଦରଦି ବନ୍ଧୁ ହିସାବରେ ତାଙ୍କର ଅନେକ ଲୋକପ୍ରିୟତା ଅଛି ଏଥିରେ ଦ୍ୱିମତ ନାହିଁ ।

## ଶିକ୍ଷକ ସଂଘ ପକ୍ଷରୁ ଆଲୋଚନା




**ମାର୍ଶାଘାଇ,୧୦।୬(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଏଲିମେଣ୍ଟାରୀ ଶିକ୍ଷକ ସଂଘ (ଏନପିଏସ) ପକ୍ଷରୁ 'ଗୁଣାତ୍ମକ ଶିକ୍ଷାରେ ଶିକ୍ଷକ ମାନଙ୍କ ଭୂମିକା' ଶୀର୍ଷକ ଆଲୋଚନା ଚକ୍ର ପୁରୁଷୋତ୍ତମପୁର ମଠ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ନାରାୟଣ ଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାର୍ଶାଘାଇ ଏବିଇଓ ତଥା ବିଆରସିସି ବଳଦେବ ପ୍ରସାଦ ଜେନା, ଏବିଇଓ ସୁଶାନ୍ତ କୁମାର ବେଉରା, ପ୍ରଧାନ ଶିକ୍ଷକ ଅମରେନ୍ଦ୍ର ଲେଙ୍କା, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପାର୍ଥସାରଥୀ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଭଞ୍ଜ କିଶୋର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଦୁଇଶହରୁ ଅଧିକ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇ ନିଜର ମତବ୍ୟକ୍ତ କରିଥିଲେ । ସଂଘ ସଂପାଦକ ନିରଞ୍ଜନ ରାଉତ ମଞ୍ଚ ପରିଚାଳନା କରିଥିଲେ।

ଏହି ଅବସରରେ ମଠ ପରିସରରେ ସଂଘ ପକ୍ଷରୁ ବୃକ୍ଷ ରୋପଣ କରାଯାଇଥିଲା । ଏହା ପରେ ମଧ୍ୟାହ୍ନରେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ପଥଚାରୀଙ୍କୁ ଦହି ପଣା ଏବଂ ବିଭିନ୍ନ କିସମର ଚାରା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଇଓ ପ୍ରଫୁଲ୍ଲ ସ୍ୱାଇଁ, ମହାକାଳପଡ଼ା ନୋଡାଲ ପ୍ରଧାନ ଶିକ୍ଷକ ରଘୁନାଥ ଦାସ,ଜଗବନ୍ଧୁ ମାଝୀ,ପ୍ରଭାତ ପ୍ରଧାନ, ଗଗନ କୁମାର ସ୍ୱାଇଁ,କୈଳାସ ଚନ୍ଦ୍ର ଜେନା, ପର୍ଶୁରାମ ନାୟକ, ଦୁର୍ଗାମାଧବ ରାଉତରାୟଙ୍କ ସମେତ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ନୀଳକଣ୍ଠପୁର ସରପଞ୍ଚଙ୍କ ମୃତ୍ୟୁ

**ପଟ୍ଟାମୁଣ୍ଡାଇ,୧୦।୬(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକର ଅନ୍ୟତମ ନୀଳକଣ୍ଠପୁର ପଂଚାୟତର ଲୋକପ୍ରିୟ ଯୁବ ସରପଞ୍ଚ ଜ୍ଞାନ ରଞ୍ଜନ ଖଣ୍ଡାୟୀ (୪୬)ଙ୍କ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। କଟକ ଅଶ୍ୱିନୀ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ବିଳମ୍ବିତ ରାତିରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଏହି ଖବର ପ୍ରଚାରିତ ହେବା ପରେ ପଟ୍ଟାମୁଣ୍ଡାଇର ବିଭିନ୍ନ ମହଲରେ ଶୋକ



ପ୍ରକାଶ ପାଇଛି । ଆଜି ଅପରାହ୍ନରେ କଟକରୁ ଜ୍ଞାନ ରଞ୍ଜନଙ୍କ ମର ଶରୀର ପଟ୍ଟାମୁଣ୍ଡାଇ ବ୍ଲକ ପରିସରକୁ ଅଣାଯାଇଥିଲା । ସେଠାରେ ବିଧାୟକ, ପଟ୍ଟାମୁଣ୍ଡାଇ ବିଡ଼ିଓ, ବ୍ଲକ ଅଧ୍ୟକ୍ଷ,ଉପାଧ୍ୟାକ୍ଷା ଓ ବିଭିନ୍ନ ବିଭାଗ ଅଧିକାରୀ ଓ ବିଭିନ୍ନ ପଂଚାୟତ ସରପଞ୍ଚ ଓ ସମିତି ସଭ୍ୟମାନେ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରେ ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

## ବିପୁଳ ପରିମାଣର ଚୋରା ମଦ ଜବତ, ୩ ମହିଳାଙ୍କ ସମେତ ୭ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା,୧୦।୬(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଡେରାବିଶ,ଆଳି,ରାଜକନିକା,ଜମ୍ବୁ ମେରାଇନ ଓ ମହାକଳପଡ଼ା ଥାନା ଅଧିନିସ୍ତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ରାଜନଗର ଗ୍ରାମର ନିରଞ୍ଜନ ମଳିକଙ୍କ ଠାରୁ ୨୯ ଲିଟର ଦେଶୀ ମଦ, ଅରବଳଶାସନ ଗ୍ରାମର ଭାରତୀ ବେହେରାଙ୍କ ଠାରୁ ୨୫ ଲିଟର ଦେଶୀ ମଦ, ବରୋଦା ଗ୍ରାମର ଶେଖର ସେଠୀଙ୍କ ଠାରୁ ୨୩ ଲିଟର ଦେଶୀ ମଦ, ପ୍ରଭାକରପୁର ଗ୍ରାମର ରାଇବାରୀ ରାଉତଙ୍କ ଠାରୁ ୪୮୦ ଲିଟର ଦେଶୀ ରନ୍ଧା ମଦ, ରଜତ ରାଉତଙ୍କ ଠାରୁ ୬୫୦ ଲିଟର ଦେଶୀ ରନ୍ଧା ମଦ ଓ ଆଶା ରାଉତଙ୍କ ଠାରୁ ୩୯୦ ଲିଟର ଦେଶୀ ରନ୍ଧା ମଦ ଏବଂ ମାଲଢ଼ିଅ ଗ୍ରାମର ଗଗନ ସ୍ୱାଇଁଙ୍କ ଠାରୁ ୩୯ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି। ଏମାନଙ୍କ ପାଖରୁ ସମୁଦାୟ ୧୬୩୬ ଲିଟର ବିଦେଶୀ, ଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯାଇ ୩ ମହିଳା ସମେତ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି ବୋଲି ଅବକାରୀ ଅଧିକ୍ଷକ ଶ୍ରୀ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଏହି ଚଢାଉରେ ଅବକାରୀ ନିରିକ୍ଷକ ଶ୍ରୀ ହିତାଂଶୁ ଶେଖର ମଳିକ, ଅବକାରୀ ଉପ ନିରିକ୍ଷକ ଶ୍ରୀ ଧର୍ମପଦ ଦାସ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।



## କେନ୍ଦ୍ରାପଡା ଜିଲ୍ଲା ଯାଦବ ମହାସଭା ପକ୍ଷରୁ ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡ଼ା,୧୦।୬(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଯାଦବ ମହାସଭା ପକ୍ଷରୁ ରେଜାଙ୍ଗାଲା ରାଜ କଳସ ଶୋଭାଯାତ୍ରାକୁ ଜିଲ୍ଲା ତରଫରୁ ଭବ୍ୟ ସ୍ୱାଗତ ପାଇଁ ପ୍ରସ୍ତୁତ ବୈଠକ ଆଜି ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଯାଦବ ମହାସଭାର ରାଜ୍ୟ ଯୁବ ଯାଦବ ସାଧାରଣ ସମ୍ପାଦକ ତଥା କେନ୍ଦ୍ରାପଡ଼ା ସଂଯୋଜକ ଚିତ୍ତରଞ୍ଜନ ଦାସଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ସଭାରେ ରାଜ୍ୟ ଯାଦବ ସମ୍ପାଦକ ତଥା କଳସ ଯାତ୍ରାର ରାଜ୍ୟ ସଂଯୋଜକ ନନ୍ଦଲାଲ ସିଂ ଯାଦବ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ୧୯୬୨ ମସିହା ନଭେମ୍ବର ୧୮ ତାରିଖରେ ଲଦାଖର ରେଜେଙ୍ଗଲା ଠାରେ ହୋଇଥିବା ଚୀନ-ଭାରତ ଯୁଦ୍ଧ ଭାରତୀୟ ସେନାର ୧୩ ତମ କୁମାରମ ରେଜିମେଣ୍ଟ ଏବଂ ଚୀନର ପିପୁଲ ଲେବ୍ରିଶନ ଆର୍ମି ମଧ୍ୟରେ ହୋଇଥିଲା। ଚାର୍ଲିସ କମ୍ପାନୀ, ଆହିରଓୟାଲ ଅଞ୍ଚଳର ୧୨୦ ଜଣ ଭାରତୀୟ ସୈନିକ(ଯାଦବ) ୩୦୦୦ରୁ ଅଧିକ ଚୀନ ସୈନିକଙ୍କ ସାମ୍ନା କରିଥିଲେ। ଯେଉଁଥିରେ ୧୪୦୦ରୁ ଅଧିକ ଚୀନ ସୈନ୍ୟ ସହିଦ ହେବା ସହିତ ରେଜେଙ୍ଗାଲାର ରାଜନୈତିକ ପର୍ବତ ପଥକୁ ସଫଳତାର ସହିତ ରକ୍ଷା କରାଯାଇ ପାରିଥିଲା। ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭା ତରଫରୁ ସହିଦ ଅହିର ଯାଦବ ମାନଙ୍କ ସମ୍ମାନାର୍ଥେ ପବିତ୍ର ରେଜେଙ୍ଗାଲାର ମାଟି ସଂଗୃହିତ କରାଯାଇ ସମଗ୍ର ଭାରତବର୍ଷର ପ୍ରତ୍ୟେକ ଗ୍ରାମରେ ପହଞ୍ଚିବାର ଯୋଜନା କରାଯାଇଛି। ଏହି ପରୀପ୍ରେକ୍ଷୀରେ ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭା ସେହି ସାହାସୀ ସହିଦ ଅହିର ମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଏକ ପୃଥକ୍ ଅହିର ରେଜିମେଣ୍ଟ ଦାବି କରି ଆସୁଛି। ଏହି ପବିତ୍ର ରେଜେଙ୍ଗାଲା ମାଟି କଳସ ଯାତ୍ରା ପରିକ୍ରମା ବିହାରର ଚମ୍ପାରଣରୁ ଆରମ୍ଭ ହୋଇ ସମଗ୍ର ଭାରତ ପରିକ୍ରମାରେ ଅଛି। ଏହି କଳସ ଯାତ୍ରାକୁ କେନ୍ଦ୍ରାପଡ଼ା ଜିଲ୍ଲା ରେ ଭବ୍ୟ ସ୍ୱାଗତ ପାଇଁ ନୀଳନକ୍ସା ପ୍ରସ୍ତୁତି ବୈଠକ ମାଧ୍ୟମରେ କରାଯାଇଛି।

## ସୁପାରୀକିଲରଙ୍କୁ କହିଥିଲେ ସୋନମ

# ୨୦ ଲକ୍ଷ ଦେବି, ମାରି ଦିଅ

### ପ୍ରେମିକଙ୍କୁ କହିଥିଲେ ବିଧବା ହୋଇ ବିବାହ କରିବି



**ଇନ୍ଦୋର,୧୦।୬:** ମଧ୍ୟପ୍ରଦେଶର ଇନ୍ଦୋରର ବ୍ୟବସାୟୀ ରାଜା ରଘୁବଂଶୀଙ୍କୁ ହତ୍ୟା ଏବେ ସାରା ଦେଶରେ ଚହଳ ପକାଇଛି। ତାଙ୍କ ନିଜ ସ୍ତ୍ରୀ ସୋନମ ରଘୁବଂଶୀ ତାଙ୍କ ପ୍ରେମିକ ଏବଂ ବନ୍ଧୁମାନଙ୍କ ସହାୟତାରେ ରାଜାଙ୍କୁ ହତ୍ୟା କରିଛନ୍ତି। ତେବେ ଏହି ହତ୍ୟାକାଣ୍ଡରେ ଗୋଟିଏ ପରେ ଗୋଟିଏ ନୂଆ ଖୁଲାସା ହେବାରେ ଲାଗିଛି। ଏବେ ଜଣାପଡ଼ିଛି ଯେ, ସୋନମ ନିଜ ସାମ୍ନାରେ ହିଁ ରାଜାଙ୍କର ହତ୍ୟା କରାଇଥିଲା। ସୋନମ ରାଜାଙ୍କୁ ଫଟୋଶୁଟ ବାହାନାରେ ଏକ ନିର୍ଜନ ପାହାଡିଆ ଅଞ୍ଚଳକୁ ନେଇଯାଇଥିଲେ। ସେଠାରେ ଅଭିଯୁକ୍ତମାନେ ପାହାଡ ଚଢ଼ି ଥକି ଯାଇଥିବାରୁ ହତ୍ୟା କରିବାକୁ ମନା କରି ଦେଇଥିଲେ। ତା'ପରେ ସୋନମ କହିଥିଲେ, ମୁଁ ୨୦ ଲକ୍ଷ ଦେବି, କିନ୍ତୁ ତୁମକୁ ତାଙ୍କୁ ହତ୍ୟା କରିବାକୁ ପଡ଼ିବ। ସେହି ସମୟରେ ରାଜାଙ୍କ ପର୍ସରୁ ୧୫ ହଜାର ଟଙ୍କା ବାହାର କରି ସେମାନଙ୍କୁ ଦିଆଯାଇଥିଲା। ଏହା ପରେ ଅଭିଯୁକ୍ତ ବିଶାଲ ଚୌହାନ ରାଜାଙ୍କ ମୁଣ୍ଡକୁ କୁରାଢ଼ିରେ ଆକ୍ରମଣ କରିଥିଲେ। ତାଙ୍କ ସହିତ ଥିବା ଅନ୍ୟ ଜଣେ ଅଭିଯୁକ୍ତ ଆକାଶ ରାଜପୁତ ଦୂରରୁ ବାଇକ ଉପରେ ଜଗି ରହିଥିଲେ। ମେ ୨୩ରେ ରାଜାଙ୍କୁ ହତ୍ୟା କରାଯାଇଥିଲା।

ସେହି ସନ୍ଧ୍ୟାରେ ସୋନମ ଶିଲଂରୁ ଗୌହାଟୀରେ ପହଞ୍ଚିଥିଲେ। ସେଠାରୁ ସେ ଏକ ଟ୍ରେନ ଧରି ବାରାଣସୀ ଦେଇ ଗାଜିପୁର ଯାଇଥିଲେ। ତଦନ୍ତ ସମୟରେ ସୋନମଙ୍କୁ ସିସିଟିଭି ଫୁଟେଜ ସାମ୍ନାକୁ ଆସିଥିଲା। ଏଥିରେ ସେ ଅଭିଯୁକ୍ତଙ୍କ ସହ କଥା ହେଉଥିବାର ଦେଖାଯାଇଥିଲା। ତା'ପରେ ସିଡିଆର୍ ଏବଂ କଲ ଟ୍ରେସିଂରୁ ରାଜ କୁଶୱାହାଙ୍କ ଇନ୍ଦୋରରେ ଥିବା ସ୍ଥାନ ଜଣାପଡ଼ିଥିଲା ଏବଂ ପୁଲିସ ତାଙ୍କୁ ଗିରଫ କରିଥିଲା ବୋଲି ଶିଲଂ ଏସପି ବିବେକ ଶ୍ୟାଇମ କହିଛନ୍ତି। ରାଜା ହତ୍ୟାକାଣ୍ଡରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୂରା ଅପରେସନକୁ 'ଅପରେସନ ହନିମୁନ' ନାମ ଦିଆଯାଇ ଥିଲା, ଯେଉଁଥିରେ ୧୨୦ ପୁଲିସକର୍ମୀ ସାମିଲ ଥିଲେ। ରାଜା ଏବଂ ସୋନମ ମେ ୧୧ରେ ବିବାହ କରିଥିଲେ। ସୋନମ ରାଜ କୁଶୱାହାଙ୍କୁ କହିଥିଲେ, ଆସ ରାଜାଙ୍କୁ ହତ୍ୟା କରିବା। ତା'ପରେ ମୁଁ ବିଧବା ହୋଇଯିବି ଏବଂ ବାପା ମଧ୍ୟ ଆମ ବିବାହକୁ ଅନୁମୋଦନ କରିବେ। ଏହି ଷଡ଼ଯନ୍ତ୍ର ଏତେ ବିପଦପୂର୍ଣ୍ଣ ଥିଲା ଯେ, ଯିଏ ଶୁଣିବ ଥରହର ହୋଇଯିବ। ରାଜାଙ୍କୁ ଯେଉଁ କୁରାଢ଼ୀ ସାହାଯ୍ୟରେ ହତ୍ୟା କରାଯାଇଥିଲା ତାହା ଗୌହାଟୀରୁ ଅନଲାଇନରେ ମଗାଯାଇ ଥିବା ଜଣାପଡିଛି।

# ଅଷ୍ଟ୍ରିଆ ସ୍କୁଲରେ ଗୁଳିକାଣ୍ଡ, ୧୧ ମୃତ



**ଭିଏନ୍ନା, ୧୦।୬ :** ୟୁରୋପୀୟ ଦେଶ ଅଷ୍ଟ୍ରିଆର ଦ୍ୱିତୀୟ ବୃହତ୍ତମ ସହର ଗ୍ରାଜରେ ଗୁଳିକାଣ୍ଡ ଘଟିଛି। ଏକ ସ୍କୁଲରେ ଜଣେ ବନ୍ଧୁକଧାରୀ ଆଖିବୁଜା ଗୁଳି ଚଳାଇବାରୁ ୭ ଛାତ୍ରଛାତ୍ରୀଙ୍କ ସମେତ ମୋଟ ୧୧ ଜଣ ମୃତ୍ୟୁବରଣ କରିଛନ୍ତି। ଗ୍ରାଜର ମେୟର ଏଲକେ କାହରଙ୍କ ସୂଚନା ଅନୁସାରେ ବନ୍ଧୁକଧାରୀ ଜଣକ ସେହି ସ୍କୁଲର ଜଣେ ଛାତ୍ର। ସେ ସ୍କୁଲ ଆସିବା ବେଳେ ଏକ ବନ୍ଧୁକ ନେଇ ଆସିଥିଲା ଓ ଆଗରେ ଯାହାକୁ ଦେଖିଲା ତାକୁ ଗୁଳିମାରିଥିଲା। ପରେ ସେ ସ୍କୁଲର ୱାସରୁମକୁ ଯାଇ ସେଠାରେ ନିଜ ମୁଣ୍ଡକୁ ଗୁଳିକରି ଆତ୍ମହତ୍ୟା କରିଥିଲା। ଏହି ଘଟଣା ସ୍ଥାନୀୟ ସମୟ ସକାଳ ୧୦ଟା ବେଳେ ଘଟିଥିଲା। ସେତେବେଳେ ସ୍କୁଲ ଚାଲିଥିଲା। ସ୍ଥାନୀୟ ପୁଲିସ ଲୋକମାନଙ୍କୁ ସେହି ଅଞ୍ଚଳରୁ ଦୂରେଇ ରହିବାକୁ ଏବଂ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପାଳନ କରିବାକୁ ପରାମର୍ଶ ଦେଇଛି। ପୁଲିସ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରିଛି ଯେ ସ୍କୁଲକୁ ଖାଲି କରାଯାଇଛି ଏବଂ ସମସ୍ତଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ସେ ଆହୁରି କହିଛନ୍ତି ଯେ ପରିସ୍ଥିତି ନିୟନ୍ତ୍ରଣରେ ଅଛି ଏବଂ ବର୍ତ୍ତମାନ କୌଣସି ବିପଦ ନାହିଁ। ଅଷ୍ଟ୍ରିଆର ଗ୍ରାଜ୍ ସହର ଦେଶର ଦକ୍ଷିଣ-ପୂର୍ବରେ ଅବସ୍ଥିତ ଏବଂ ଏହାର ଜନସଂଖ୍ୟା ପ୍ରାୟ ୩ ଲକ୍ଷ।

## କେନିଆରେ ବସ ଦୁର୍ଘଟଣା

# ୫ ଭାରତୀୟ ନାଗରିକଙ୍କ ମୃତ୍ୟୁ



**ଦୋହା, ୧୦।୬:** କେନିଆ ଗସ୍ତରେ ଯାଇଥିବା କାତାରରେ ରହୁଥିବା ଅତି କମରେ ପାଞ୍ଚ ଜଣ ଭାରତୀୟ ନାଗରିକଙ୍କ ବସ୍ ଦୁର୍ଘଟଣାଗ୍ରସ୍ତ ହେବା ପରେ ମୃତ୍ୟୁ ଘଟିଛି। କାତାରରେ ଥିବା ଭାରତୀୟ ଦୂତାବାସ କହିଛି ଯେ ୨୮ ଜଣ ଭାରତୀୟଙ୍କ ଏକ ଦଳ କେନିଆ ଗସ୍ତରେ ଯାଉଥିବା ବେଳେ ସୋମବାର ସେମାନଙ୍କ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଦୁର୍ଘଟଣାରେ ୫ ଜଣ ଭାରତୀୟ ନାଗରିକ ପ୍ରାଣ ହରାଇଛନ୍ତି। ଏଚସିଆଇ ନାଇରୋବିର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ସାହାଯ୍ୟ ଯୋଗାଇ ଦେଇଥିବ ଦୂତାବାସ ଏକ୍ସରେ ପୋଷ୍ଟ କରିଛି। ନାଇରୋବିରେ ଥିବା ଭାରତୀୟ ଉଚ୍ଚାୟୋଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ସାହାଯ୍ୟ ଯୋଗାଇ ଦେଉଛନ୍ତି। ନ୍ୟାଣ୍ଡରୁଆ କାଉଣ୍ଟିର ଓଲ ଜୋରୋରୋକ-ନାକୁରୁ ରାସ୍ତାରେ ଘଟିଥିବା ଏହି ଦୁଃଖଦ ସଡ଼କ ଦୁର୍ଘଟଣାରେ ଆମେ ଗଭୀର ଦୁଃଖିତ ବୋଲି ନାଇରୋବିରେ ଥିବା ଭାରତୀୟ ଉଚ୍ଚାୟୋଗ ଏକ୍ସରେ ପୋଷ୍ଟ କରିଛନ୍ତି। ଶୋକସନ୍ତପ୍ତ ପରିବାର ପ୍ରତି ଆମର ଗଭୀର ସମବେଦନା। ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ଆମେ ପ୍ରାର୍ଥନା କରୁଛୁ। ଉଚ୍ଚାୟୋଗର କନସୁଲାର ଦଳ ଘଟଣାସ୍ଥଳରେ ପହଞ୍ଚିଛି ଏବଂ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇବା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ଘନିଷ୍ଠ ଯୋଗାଯୋଗରେ ରହିଛନ୍ତି। ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ଯାଞ୍ଚ କରାଯାଇ ନାହିଁ, ୨୭ ଜଣ ଆହତ ହୋଇ କେନିଆର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡିଛି।

## ବନ୍ଦେ ଭାରତରେ ଯାତ୍ରା କଲେ ଫାରୁକ

# ଲୁହଭରା ଆଖିରେ କହିଲେ ମୁଁ ବହୁତ ଖୁସି



**ଶ୍ରୀନଗର, ୧୦।୬:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାରିଦିନି ତଳେ ମାତା ବୈଷ୍ଣୋ ଦେବୀ କଟରା ଏବଂ ଶ୍ରୀନଗର ମଧ୍ୟରେ ଚାଲୁଥିବା ବନ୍ଦେ ଭାରତ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଦୁଇଟି ଟ୍ରେନ ଆରମ୍ଭ ହେବା ପରେ କଶ୍ମୀରର ରେଳ ସଂଯୋଗୀକରଣରେ ଉନ୍ନତି ଆସିଛି। ଏହି ଟ୍ରେନ ଚଳାଚଳ ଆରମ୍ଭ ହେବାର ମାତ୍ର ୪ ଦିନ ପରେ ଜମ୍ମୁ-କାଶ୍ମୀର ନ୍ୟାସନାଲ କନଫରେନ୍ସ ମୁଖ୍ୟ ତଥା ତିନିଥର ମୁଖ୍ୟମନ୍ତ୍ରୀ ଥିବା ଫାରୁକ ଅବଦୁଲ୍ଲା ଶ୍ରୀନଗରର ନୌଗାମ ରେଳ ଷ୍ଟେସନରୁ କଟରା ପର୍ଯ୍ୟନ୍ତ ବନ୍ଦେ ଭାରତ ଟ୍ରେନରେ ଯାତ୍ରା କରିଥିଲେ। ଏହି ସମୟରେ ସେ କହିଥିଲେ ଯେ, ମୁଁ ଏନେଇ ବହୁତ ଖୁସି। ଏହା ଜମ୍ମୁ-କାଶ୍ମୀରକୁ ସମଗ୍ର ଦେଶ ସହିତ ସଂଯୋଗ କରିବା ପାଇଁ ସବୁଠାରୁ ବଡ଼ ଉପହାର।

ନ୍ୟାସନାଲ କନଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା ମଙ୍ଗଳବାର ଦିନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଶ୍ମୀର ପାଇଁ ଆରମ୍ଭ କରିଥିବା ନୂତନ ଟ୍ରେନ୍ ସେବା ସ୍ଥାନୀୟ ଲୋକଙ୍କ ସହିତ ପର୍ଯ୍ୟଟକଙ୍କୁ ମଧ ଲାଭ ଦେବ। ମୁଁ ଆଜି ଏହି ଟ୍ରେନ୍‌ରେ କଟରା ଯାତ୍ରା କରୁଥିବାରୁ ବହୁତ ଖୁସି। ଏହା ଆମ ପାଇଁ ସବୁଠାରୁ ବଡ଼ ଲାଭ। କାଶ୍ମୀରକୁ ଭାରତର ଅନ୍ୟାନ୍ୟ ଅଂଶ ସହିତ ସଂଯୋଗ କରୁଥିବା ଟ୍ରେନ୍‌ଟି ଉପତ୍ୟକାର ଲୋକଙ୍କ ପାଇଁ ଏକ ନିର୍ଭରଯୋଗ୍ୟ ପରିବହନ ସଂଯୋଗ ହେବ। ସେ କହିଛନ୍ତି, ଶ୍ରୀନଗର ଏବଂ ଜମ୍ମୁ ମଧ୍ୟରେ ରାସ୍ତା କେତେବେଳେ ବନ୍ଦ ହୋଇଯାଏ, ଯାହା ଯାତ୍ରାକୁ ବହୁତ ଚିନ୍ତାଜନକ କରିଥାଏ। ଯଦି ବିମାନ କମ୍ପାନୀଗୁଡ଼ିକୁ ଦ୍ୱିତୀୟ ବିକଳ୍ପ ଭାବରେ ବାଛି ଦିଆଯାଏ, ତେବେ ସେମାନେ ମୂଲ୍ୟ ବୃଦ୍ଧି କରି ଲୋକଙ୍କୁ ଲୁଟିବା ଆରମ୍ଭ କରିଥାନ୍ତି। ଏହି ଟ୍ରେନ ଲୋକଙ୍କୁ ଏହି ସମସ୍ୟାରୁ ରକ୍ଷା କରିବାରେ ସାହାଯ୍ୟ କରିବ। ରେଳ ସଂଯୋଗ କଶ୍ମୀରର ଉଦ୍ୟାନ କୃଷି କ୍ଷେତ୍ର ପାଇଁ ମଧ ଲାଭଦାୟକ ହେବ। କାରଣ ଏହି ପ୍ରକଳ୍ପ ଆରମ୍ଭ ହେବା ସହିତ, ଉତ୍ପାଦିତ ଦ୍ରବ୍ୟ ବଜାରରେ ଦ୍ରୁତ ଗତିରେ ପହଞ୍ଚିବ। ଚେନାବ ସେତୁ ପାର ହେବା ସମୟରେ ମୋ ଆଖିରେ ଲୁହ ଆସିଗଲା। ଶେଷରେ ସେହି ଦିନ ଆସିଗଲା ଯେତେବେଳେ ଆମେ ଟ୍ରେନ୍ ଯୋଗେ କାଶ୍ମୀରରୁ ଦେଶକୁ ଯାତ୍ରା କରିପାରିବା। ମୁଁ ଏହି ସେତୁ ନିର୍ମାଣ କରିଥିବା ସମସ୍ତ ଶ୍ରମିକ ଏବଂ ଇଞ୍ଜିନିୟରମାନଙ୍କୁ ଅଭିନନ୍ଦନ ଜଣାଉଛି ବୋଲି କହିଥିଲେ।

# ଆପାର୍ଟମେଣ୍ଟରେ ଭୟାବହ ଅଗ୍ନିକାଣ୍ଡ

### ତଳକୁ ଡେଇଁ ପଡ଼ିବାରୁ ବାପା ଓ ୨ଛୁଆଙ୍କ ମୃତ୍ୟୁ



**ନୂଆଦିଲ୍ଲୀ, ୧୦।୬:** ଦିଲ୍ଲୀର ଏକ ଆପାର୍ଟମେଣ୍ଟରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ମଙ୍ଗଳବାର ସକାଳେ ଦ୍ୱାରକା ସେକ୍ଟର-୧୩ ସ୍ଥିତ ବହୁମହଲା କୋଠା ନାମ 'ଶପଥ ଆପାର୍ଟମେଣ୍ଟ'ର ଉପର ମହଲାରେ ଅଗ୍ନିକାଣ୍ଡ ଘଟିଥିଲା। ଏହି ସମୟରେ ୭ମ ମହଲା ଘରେ ଉପସ୍ଥିତ ଥିବା ବାପା ୟସ ଯାଦବ ଜୀବନବିକଳରେ ତାଙ୍କର ୨ଜଣ ପିଲାଙ୍କୁ ଧରି କୋଠାରୁ ତଳକୁ ଡେଇଁ ପଡ଼ିଥିଲେ। ଦୁଃଖର ବିଷୟ ଏହି ଘଟଣାରେ ତିନିଜଣଙ୍କ ଘଟଣାରେ ସ୍ଥଳରେ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ଉଭୟ ପୁଅଝିଅଙ୍କ ବୟସ ୧୦ ବର୍ଷ ବୋଲି ଜଣାପଡିଛି। ମଙ୍ଗଳବାର ସକାଳ ୧୦ଟା ସମୟରେ 'ଶପଥ ଆପାର୍ଟମେଣ୍ଟ'ରେ ଅଗ୍ନିକାଣ୍ଡ ସମ୍ପର୍କରେ ଅଗ୍ନିଶମ ବିଭାଗକୁ ଫୋନ୍ କରି ସୂଚନା ଦିଆଯାଇଥିଲା। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଛି। ଯେଉଁଥିରେ କୋଠାର ଉପର ମହଲାରେ ନିଆଁ ଜଳୁଥିବାର ଭୟବହ ଦୃଶ୍ୟ ଦେଖିବାକୁ ମିଳୁଛି।ମୃତ ବାପାଙ୍କ ସହିତ ଦୁଇଜଣ ଛୁଆଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ବ୍ୟବଚ୍ଛେଦଗୃହକୁ ପଠାଇ ଦିଆଯାଇଛି।ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଅଗ୍ନିକାଣ୍ଡର କାରଣ ଜାଣିବା ପାଇଁ ଯାଞ୍ଚ କରୁଛି। 'ଶପଥ ଆପାର୍ଟମେଣ୍ଟ'ରେ ବସବାସ କରୁଥିବା ଲୋକେ ଏହି ଅଗ୍ନିକାଣ୍ଡ କୋଠାର କମିଟି ସଦସ୍ୟଙ୍କ ଅବହେଳା ହେତୁ ଘଟିଥିବା ଅଭିଯୋଗ କରି କହିଛନ୍ତି।

# ମାଲବାହୀ ଟ୍ରେନ ଧକ୍କାରେ ୨ ମୃତ



**ବାଲୋଦ, ୧୦।୬:** ଛତିଶଗଡ଼ର ବାଲୋଦ ଜିଲ୍ଲାରେ ରେଳ ଧାରଣା ଉପରେ ବିଶ୍ରାମ ନେଉଥିବା ସମୟରେ ଏକ ମାଲବାହୀ ଟ୍ରେନ୍ ଧକ୍କାରେ ଦୁଇଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି ଏବଂ ୨ଜଣ ଆହତ ହୋଇଥିବା ପୁଲିସ କହିଛି। ଏହି ଘଟଣା ଡଲିରଝାରା ଏବଂ କୁସୁମକାସା ଷ୍ଟେସନ ଡଲିରାଝରା-ଦୁର୍ଗ ରେଳ ରୁଟ୍ ମଧରେ ଭୋର ସମୟରେ ଘଟିଛି ବୋଲି ଜଣେ ଅଧିକାରୀ କହିଛନ୍ତି। ପ୍ରାୟ ୧୧ ଜଣ ଶ୍ରମିକ ରେଳ ଧାରଣା ଉପରେ ପାଦରେ କୁସୁମକାସା ଅଭିମୁଖେ ଯାଉଥିଲେ। ସେମାନଙ୍କ ମଧରୁ ପାଞ୍ଚ ଜଣ ବିଶ୍ରାମ ନେବା ପାଇଁ ଟ୍ରାକ ଉପରେ ବସିଥିଲେ ଏବଂ ସେହି ସମୟରେ ଏକ ମାଲବାହୀ ଟ୍ରେନ୍ ଆସିଯାଇଥିଲା। ସେମାନଙ୍କ ମଧରୁ ଜଣେ ଅନ୍ୟ ଲୋକଙ୍କୁ ସତର୍କ ପାଇଁ ଚିତ୍କାର କରି ଖସିଯିବାକୁ ସଫଳ ହୋଇଥିବା ବେଳେ ଅନ୍ୟ ଚାରି ଜଣଙ୍କୁ ଟ୍ରେନ୍ ଧକ୍କା ଦେଇଥିଲା। ଚାରି ଜଣଙ୍କ ମଧରୁ ଦୁଇଜଣଙ୍କର ଘଟଣାସ୍ଥଳେ ମୃତ୍ୟୁ ହୋଇଥିଲା। ମୃତକଙ୍କ ନାମ ଦିଲ୍ଲୁ ରାୟ (୧୯) ଏବଂ କୃଷ୍ଣ (୨୦) ବୋଲି ଚିହ୍ନଟ କରାଯାଇଛି। ଆହତଙ୍କ ନାମ ଅଜୟ ରାୟ ଏବଂ ବିକାଶ ଅମରନ। ସମସ୍ତେ ଶ୍ରମିକ ଏବଂ ଝାଡ଼ଖଣ୍ଡର ମୂଳ ବାସିନ୍ଦା ବୋଲି ଅଧିକାରୀ କହିଛନ୍ତି। ଆହତମାନଙ୍କୁ ଜିଲ୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ବୋଲି ସେ କହିଛନ୍ତି।

# ମଣିପୁରରେ ପୁଣି ବିକ୍ଷୋଭ ଓ ସଂଘର୍ଷ

**ଇମ୍ଫାଲ, ୧୦।୬:** ଗିରଫ ନେତାଙ୍କୁ ଛାଡିବା ଦାବିରେ ପୁଣି ବିକ୍ଷୋଭକାରୀଙ୍କ ପ୍ରତିବାଦ ସହ ପୋଡାଜଳା। ମଣିପୁରରେ ନିଷେଧ ଆଦେଶକୁ ଅବମାନନା କରି ବିକ୍ଷୋଭକାରୀମାନେ ଇମ୍ଫାଲ

### ୨ ପୁଲିସ ଆହତ
### ତିନି ଜିଲ୍ଲାରେ କର୍ଫ୍ୟୁ କୋହଳ



ଉପତ୍ୟକାର ବିଭିନ୍ନ ଜିଲ୍ଲାରେ ସୁରକ୍ଷା ବାହିନୀ ସହିତ ସଂଘର୍ଷ କରିଛନ୍ତି। ଗିରଫ ଅରାମ୍ବାଇ ଟେଙ୍ଗଗୋଲ ନେତା କାନନ ସିଂହ ଏବଂ ଅନ୍ୟ ଚାରି ଜଣଙ୍କୁ ନିଃସର୍ତ୍ତ ମୁକ୍ତ କରିବାକୁ ଦାବି କରିଥିଲେ। ସୋମବାର ରାତିରେ ଇମ୍ଫାଲ ପୂର୍ବ ଜିଲ୍ଲାର ଖୁରାଇ ଲାମଲଙ୍ଗ ଅଞ୍ଚଳରେ ଏହି ସଂଘର୍ଷ ଆରମ୍ଭ ହୋଇଥିଲା। ଫଳରେ ସୁରକ୍ଷା କର୍ମୀମାନେ ଲୋକଙ୍କୁ ଘଉଡ଼ାଇବା ପାଇଁ ଅନେକ ରାଉଣ୍ଡ ଲୁହବୁହା ଗ୍ୟାସ୍ ସେଲ୍ ଏବଂ ରବର ଗୁଳି ଚଳାଇଥିଲା। ପୁଲିସ କହିଛି ଯେ ବିକ୍ଷୋଭକାରୀମାନେ ଗୋଟିଏ ଚାରିଚକିଆ ଯାନ ଜାଳି ଦେଇଥିବା ଜଣାପଡ଼ିଛି। ଥୌବାଲ ଏବଂ କାକଚିଂ ଜିଲ୍ଲାରେ ମଧ୍ୟ ରାସ୍ତା ଅବରୋଧ ଏବଂ ଟାୟାର ଜାଳିବା ଭଳି ପ୍ରତିବାଦ କରାଯାଇଥିଲା। ସୋମବାର ସନ୍ଧ୍ୟାରେ ଇମ୍ଫାଲ ପଶ୍ଚିମ ଜିଲ୍ଲାର ତେରା ଅଞ୍ଚଳରେ ଅଜ୍ଞାତ ଦୁର୍ବୃତ୍ତମାନେ ସୁରକ୍ଷା ବାହିନୀ ଉପରେ ଗୁଳି ଚଳାଇବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ସିଆରପିଏଫ ଯବାନମାନେ ବିକ୍ଷୋଭକାରୀଙ୍କ ଦ୍ୱାରା ଲଗାଯାଇଥିବା ରାସ୍ତା ଅବରୋଧ ହଟାଇବା ସମୟରେ ଛୋଟ ବନ୍ଧୁକରୁ ଅତି କମରେ ସାତ ରାଉଣ୍ଡ ଗୁଳି ଚାଳନା କରାଯାଇଥିଲା। ବିଷ୍ଣୁପୁର ଜିଲ୍ଲାର ନାମ୍ବୋଲରେ ବିକ୍ଷୋଭକାରୀଙ୍କ ସହ ସଂଘର୍ଷ ସମୟରେ ଅତି କମରେ ଦୁଇ ଜଣ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ଅନ୍ୟ ଏକ ଘଟଣା କ୍ରମରେ ଇମ୍ଫାଲ ଉପତ୍ୟକାର ୩ଟି ଜିଲ୍ଲାରେ ପ୍ରଶାସନ ପକ୍ଷରୁ କର୍ଫ୍ୟୁ କୋହଳ କରାଯାଇଛି। ସକାଳ ୫ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଇମ୍ଫାଲ ପଶ୍ଚିମ, ଇମ୍ଫାଲ ପୂର୍ବ ଓ ବିଷ୍ଣୁପୁର ଅଞ୍ଚଳରେ କର୍ଫ୍ୟୁ କୋହଳ କରିଛନ୍ତି।

# ଭାରତ-ପାକିସ୍ତାନ ଅସ୍ତ୍ରବିରତିକୁ ମାସେ



**ନୂଆଦିଲ୍ଲୀ, ୧୦।୬:** ଭାରତ-ପାକିସ୍ତାନ ଅସ୍ତ୍ରବିରତିକୁ ଆଜି ମାସେ ପୂରିଲା। ଆଜିକୁ ୩୦ ଦିନ ତଳେ ଦୁଇ ଦେଶ ମଧ୍ୟରେ ହୋଇଥିଲା ଅସ୍ତ୍ରବିରତି ଘୋଷଣା । ମେ ୧୦ ତାରିଖ ଦିନ ସଂଧ୍ୟାରେ ଭାରତ-ପାକିସ୍ତାନ ଅସ୍ତ୍ରବିରତି ଘୋଷଣା ହୋଇଥିଲା। ପହଲଗାମରେ ଆତଙ୍କୀ ଆକ୍ରମଣ ପରେ ଭାରତ ପକ୍ଷରୁ ହୋଇଥିବା ଅପରେସନ ସିନ୍ଦୂର ଦ୍ୱାରା ପାକିସ୍ତାନର ଆତଙ୍କୀ ଆଡ୍ଡା ଛାରଖାର କରିବା ପରେ ପାକିସ୍ତାନ ଭାରତର ସୀମାବର୍ତ୍ତୀ ରାଜ୍ୟରେ ଆକ୍ରମଣ କରିଥିଲା । ଗୁଳିମାଡ, ଡ୍ରୋନ ହମଲାର ବଦଳା ନେବାକୁ ଭାରତ ପାକିସ୍ତାନ ଛାତିରେ ପ୍ରହାର କରି ପାକିସ୍ତାନକୁ ଛାରଖାର କରିବା ପରେ ଭୟରେ ପାକିସ୍ତାନ ଯୁଦ୍ଧ ପରିସ୍ଥିତି ବନ୍ଦ କରିବାକୁ ଭାରତ ପାଖରେ ଶରଣ ପଶିଥିଲା । ପରେ ଭାରତ କିଛି ସର୍ତ୍ତ ରଖି ଯୁଦ୍ଧ ବିରତି ପାଇଁ ରାଜି ହୋଇଥିଲା । ତେବେ ସର୍ତ୍ତ ଅନୁସାରେ ସୀମାରେ ଗୋଟିଏ ବି ଗୁଳି ଫୁଟିବନି। ଭାରତ-ପାକିସ୍ତାନ ସୀମାରେ ଗୋଟିଏ ବି ଗୁଳିର ଶବ୍ଦ ବି ଶୁଭାଯିବନି। ଭାରତ-ପାକିସ୍ତାନ ଡିଜିଏମଓ ସ୍ତରୀୟ ବୈଠକରେ ଏନେଇ ନିଷ୍ପତ୍ତି ହୋଇଥିଲା। ସୀମାରେ ଗୋଟିଏ ବି ଗୁଳି ନଫୁଟାଇବାକୁ ଦୁଇ ଦେଶର ସହମତି ପ୍ରକାଶ ପାଇଥିଲା। ଆକ୍ରମଣାତ୍ମକ କିମ୍ବା ଶତ୍ରୁତାପୂର୍ଣ୍ଣ ଆକ୍ସନ ନନେବା ସହ ସୀମାରୁ ଦୁଇ ଦେଶ ସୈନ୍ୟ ସଂଖ୍ୟା ହ୍ରାସ କରିବାକୁ ମଧ୍ୟ ବୈଠକରେ ସହମତି ପ୍ରକାଶ କରାଯାଇଥିଲା । ମେ ୧୦ ତାରିଖ ସନ୍ଧ୍ୟା ୫ଟାରୁ ଅସ୍ତ୍ରବିରତି ଲାଗୁ ହୋଇଥିବା ବେଳେ ଜଳ- ସ୍ଥଳ- ଆକାଶରେ କୌଣସି ଆକ୍ସନ ନହେବାକୁ ସର୍ତ୍ତ ଥିବାବେଳେ ଅମାନିଆ ପାକିସ୍ତାନ ସେହି ଦିନ ରାତିରେ ହିଁ ଗୁଳିମାଡ କରିଥିଲା । ପରେ ଭାରତର ରୌଦ୍ରରୂପ ଦେଖି ଅସ୍ତ୍ରବିରତି ଉଲ୍ଲଂଘନରୁ ଓହରିଥିଲା।

## ଚାଟଜିପିଟି ହେଲା ଡାଉନ

### ଲକ୍ଷ ଲକ୍ଷ ଉପଭୋକ୍ତା ପ୍ରଭାବିତ

**ନୂଆଦିଲ୍ଲୀ, ୧୦।୬:** ଚାଟଜିପିଟିର ମୂଳ କମ୍ପାନୀ ଓପନଏଆଇ ମଙ୍ଗଳବାର ଏକ ଗୁରୁତର ବୈଷୟିକ ସମସ୍ୟାର ସମ୍ମୁଖୀନ ହୋଇଥିଲା। ଏହାର ପ୍ରମୁଖ ସେବା ଚାଟଜିପିଟି, ସୋରା ଭିଡିଓ ଜେନେରେସନ ମଡେଲ ଏବଂ ଡେଭଲପର ଏପିଆଇ ଗୁଡ଼ିକ ଏକକାଳୀନ କ୍ରାସ୍ ହୋଇଯାଇଥିଲା। ଏହାଫଳରେ କୋଟି କୋଟି ଉପଭୋକ୍ତା ଏହି ଉପକରଣଗୁଡ଼ିକୁ ବ୍ୟବହାର କରିପାରି ନଥିଲେ। କମ୍ପାନୀ ପକ୍ଷରୁ ଏହାକୁ ସ୍ୱୀକାର କରାଯିବା ବେଳକୁ ଏହା ୪ ଘଣ୍ଟା ହୋଇସାରିଥିଲା। ବିଶ୍ୱ କ୍ରମଶଃ ଏଆଇ ଉପରେ ନିର୍ଭରଶୀଳ ହୋଇଚାଲିଥିବାରୁ ଏହି ତ୍ରୁଟିଯୋଗୁଁ ଅନେକ କ୍ଷେତ୍ର ପ୍ରଭାବିତ ହୋଇଥିଲା। ସାମ୍ ଅଲ୍ଟମ୍ୟାନଙ୍କ ନେତୃତ୍ୱାଧୀନ କମ୍ପାନୀ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରିଛି ଯେ ସେମାନଙ୍କ ସିଷ୍ଟମରେ ଅସାଧାରଣ ଭାବରେ ଉଚ୍ଚ ତ୍ରୁଟି ହାର ଏବଂ ବିଳମ୍ବତା ରେକର୍ଡ କରାଯାଉଛି। କମ୍ପାନୀ ଏହା ମଧ କହିଛି ଯେ ଏହି ବୈଷୟିକ ତ୍ରୁଟିଗୁଡ଼ିକର ତଦନ୍ତ କରାଯାଉଛି ଏବଂ ଶୀଘ୍ର ଏକ ସମାଧାନ ପାଇଁ କାମ କରାଯାଉଛି। ଏହା ଉଲ୍ଲେଖନୀୟ ଯେ ଓପନଏଆଇ ୨୦୨୫ ଶେଷ ସୁଦ୍ଧା ଚାଟଜିପିଟି ଉପଭୋକ୍ତାଙ୍କ ସଂଖ୍ୟା ୧ ବିଲିୟନକୁ ବୃଦ୍ଧି କରିବାର ଲକ୍ଷ୍ୟ ରଖିଛି, ଏପରି ପରିସ୍ଥିତିରେ ଏହି ବ୍ୟାଘାତ ସେମାନଙ୍କ ପାଇଁ ଚିନ୍ତାର ବିଷୟ ହୋଇପାରେ।

### ମଣିପୁରରୁ ୫୫ କୋଟି ଟଙ୍କାର ଡ୍ରଗ୍ସ ଜବତ

**ଇମ୍ଫାଲ, ୧୦।୬:** ମଣିପୁରରୁ ୫୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଡ୍ରଗ୍ସ ଜବତ କରାଯାଇଛି। ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ଡିଆରଆଇ, କଷ୍ଟମ୍ସ, ଆସାମ ରାଇଫଲ୍ସ ଓ ମଣିପୁର ପୁଲିସର ଏକ ମିଳିତ ଟିମ ଚୁରାଚାନ୍ଦପୁର ଜିଲ୍ଲାରେ ଏକ ଅଭିଯାନ ସମୟରେ ୫୫.୫୨ କୋଟି ଟଙ୍କାର ଡ୍ରଗ୍ସ ଏବଂ ନଗଦ ଟଙ୍କା ଜବତ କରିଛି। ଡିଆରଆଇ, କଷ୍ଟମ୍ସ, ଆସାମ ରାଇଫଲ୍ସ ଏବଂ ମଣିପୁର ପୁଲିସର ଏକ ମିଳିତ ଟିମ ଦ୍ୱାରା ଜୁନ ୫-୭ରେ ମଣିପୁରର ଚୁରାଚାନ୍ଦପୁର ଜିଲ୍ଲାର ସୀମାନ୍ତବର୍ତ୍ତୀ ଅଞ୍ଚଳରେ 'ଅପରେସନ୍ ହ୍ୱାଇଟ୍ ଭେଇଲ୍' ନାମକ ଏକ ସ୍ୱତନ୍ତ୍ର ଅଭିଯାନ କରାଯାଇଥିଲା ବୋଲି କୁହାଯାଇଛି। ଜୁନ ୬ ତାରିଖ ପ୍ରତ୍ୟୁଷରେ ମିଆଁମାର ସୀମାନ୍ତ ବେହିଆଙ୍ଗ ଗାଁରେ ଏକ ଗାଡ଼ିରେ ଦୁଇଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ସତର୍କତାର ସହ ପିଛା କରାଯାଇଥିଲା, ଯାହା ସିଙ୍ଗଙ୍ଗାଟ୍ ଉପ-ବିଭାଗର ଥାଙ୍ଗୋ ଭେଙ୍ଗରେ ଏକ ଆବାସିକ ଘର ପର୍ଯ୍ୟନ୍ତ ଯାଇଥିଲା। ଘର ତଲାସୀ କରିବା ସମୟରେ ହେରୋଇନ୍ ଥିବା ୨୧୯ ଟି ସାବୁନ୍ କେସ୍ ଏବଂ ଅଫିମ୍ ଥିବା ୮ ଟି ଛୋଟ ଟିନ୍ କ୍ୟାନ୍, ଦୁଇଟି ୱାକି-ଟକି ଏବଂ ୭.୫୮.୦୫୦ ଟଙ୍କା ସହିତ ଉଦ୍ଧାର କରାଯାଇଥିଲା। ବିବୃତ୍ତିରେ କୁହାଯାଇଛି ଯେ ଘରୁ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ବେଳେ, ପଳାୟନ କରିଥିବା ଅନ୍ୟ ଦୁଇ ଜଣଙ୍କୁ ବୁଆଲକୋଟ ଚେକ୍ ଗେଟ୍ ପାଖରେ ଅଟକାଯାଇଥିଲା।

# ମନରେଗା ଖର୍ଚ୍ଚ ସୀମା ସ୍ଥିର କଲେ କେନ୍ଦ୍ର ସରକାର



**ନୂଆଦିଲ୍ଲୀ,୧୦।୬ :** ସାରାଦେଶରେ ଗ୍ରାମାଞ୍ଚଳରେ ଶ୍ରମିକଙ୍କୁ ନିଯୁକ୍ତିର ଗ୍ୟାରେଣ୍ଟି ଦେଉଥିବା ମହତ୍ୱାକାଂକ୍ଷୀ ଯୋଜନା ମହାତ୍ମା ଗାନ୍ଧି ରାଷ୍ଟ୍ରୀୟ ଗ୍ରାମାଞ୍ଚଳ ରୋଜଗାର ଗ୍ୟାରେଣ୍ଟି ଯୋଜନା (ମନରେଗା)ରେ ପ୍ରଥମ ଥର କେନ୍ଦ୍ର ସରକାର ଖର୍ଚ୍ଚ ସୀମାରେ ପ୍ରତିବନ୍ଧକ ଲଗାଇଛନ୍ତି। କେନ୍ଦ୍ରୀୟ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମ ୬ ମାସରେ ମନରେଗା ଅନୁସାରେ ହେବାକୁ ଥିବା ଖର୍ଚ୍ଚକୁ ମୋଟ ବାର୍ଷିକ ଆବଣ୍ଟନର ୬୦ ପ୍ରତିଶତ ଯାଏ ସୀମିତ କରି ଦେଇଛନ୍ତି। ଏବେସୁଦ୍ଧା ଏହି ଯୋଜନାରେ ଖର୍ଚ୍ଚର କୌଣସି ସୀମା ସ୍ଥିର ନଥିଲା ଏବଂ ଏହା ଏକ ଚାହିଦା ଭିତ୍ତିକ ଯୋଜନା ଭାବେ ରହି ଆସିଛି। କେନ୍ଦ୍ରୀୟ ଅର୍ଥ ମନ୍ତ୍ରଣାଳୟ କେନ୍ଦ୍ରୀୟ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟକୁ ସୂଚିତ କରିଛି ଯେ, ଏବେ ଏହି ଯୋଜନା ଅନୁସାରେ ହେବାକୁ ଥିବା ଖର୍ଚ୍ଚକୁ ମାସିକ / ତ୍ରୟମାସିକ ବ୍ୟୟ ଯୋଜନା ଅନୁସାରେ ଅଣାଯିବ, ଯାହା ଏକ ଖର୍ଚ୍ଚ ଉପରେ ନିୟନ୍ତ୍ରଣର ଏକ ପଦକ୍ଷେପ। ଏହି ଯୋଜନାକୁ ଏବେ ସୁଦ୍ଧା ଏପରି ନିୟନ୍ତ୍ରଣର ପଦକ୍ଷେପରୁ ମୁକ୍ତ ରଖାଯାଇ ଥିଲା। ଆର୍ଥିକ ବର୍ଷ ୨୦୨୫-୨୬ର ଆରମ୍ଭରେ ହିଁ ଅର୍ଥ ମନ୍ତ୍ରଣାଳୟ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଥିଲେ ଯେ , ସେ ମନରେଗାକୁ ମଧ ମାସିକ/ତ୍ରୟମାସିକ ବ୍ୟୟ ଯୋଜନା ଢାଞ୍ଚାରେ ସାମିଲ କରନ୍ତୁ। ଗତ ମାସ ୨୦ ତାରିଖରେ କେନ୍ଦ୍ରୀୟ ଅର୍ଥ ମନ୍ତ୍ରଣାଳୟ ଏହି ମାମଲାରେ ବିକାଶ ମନ୍ତ୍ରଣାଳୟକୁ ଚିଠି ପଠାଇ ୬୦ ପ୍ରତିଶତ ଖର୍ଚ୍ଚର ସୀମା ସ୍ଥିର କରିବାର ନିଷ୍ପତ୍ତିକୁ ଅବଗତ କରାଇ ଥିଲେ। ୬ ମାସ ଭିତରେ ସେପ୍ଟେମ୍ବର ଯାଏ ମୋଟ ବଜେଟ୍ ଆବଣ୍ଟନର ୬୦ ପ୍ରତିଶତ ହିଁ ଖର୍ଚ୍ଚ କରାଯାଇ ପାରେ। ଅବଶିଷ୍ଟ ୪୦ ପ୍ରତିଶତ ପରବର୍ତ୍ତୀ ଦୁଇଟି ତ୍ରୟମାସିକ ବା ଦ୍ୱିତୀୟାର୍ଦ୍ଧ ମଧରେ ଖର୍ଚ୍ଚ କରିବାକୁ ପଡ଼ିବ। ଆର୍ଥିକ ବର୍ଷ ୨୦୨୫-୨୬ରେ ମନରେଗା ପାଇଁ ମୋଟ ବଜେଟ୍ ଆବଣ୍ଟନ ୮୬,୦୦୦ କୋଟି ଟଙ୍କା ରହିଛି। ସରକାରଙ୍କର ନୂଆ ବ୍ୟବସ୍ଥା ମୁତାବକ ପ୍ରଥମ ଛଅମାସରେ ଏବେ ୫୧,୬୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ।

# ସନ୍ୟାସ ନେଲେ ୱେଷ୍ଟଇଣ୍ଡିଜ କ୍ରିକେଟର୍ ନିକୋଲସ ପୂରନ



ବୟସ ମାତ୍ର ୨୯ ବର୍ଷ

**ନୂଆଦିଲ୍ଲୀ,୧୦।୬:** ୱେଷ୍ଟଇଣ୍ଡିଜ କ୍ରିକେଟ ଷ୍ଟାର କ୍ରିକେଟର୍ ନିକୋଲାସ ପୁରନ ତାଙ୍କ ପ୍ରଶଂସକମାନଙ୍କୁ ଏକ ବଡ଼ ଝଟକା ଦେଇଛନ୍ତି। ସେ ମାତ୍ର ୨୯ ବର୍ଷ ବୟସରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଏହି ଖବର କ୍ରିକେଟ ଜଗତ ପାଇଁ ଏକ ବଡ଼ ଝଟକା। କାରଣ ପୁରନ ଆଧୁନିକ କ୍ରିକେଟ୍ର ସବୁଠାରୁ ବିସ୍ଫୋରକ ବ୍ୟାଟ୍ସମ୍ୟାନ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏ। ସେ ଫ୍ରାଞ୍ଚାଇଜ କ୍ରିକେଟ୍ରେ ତାଙ୍କର ବିସ୍ଫୋରକ ବ୍ୟାଟିଂ ଜାରି ରଖିବେ। ନିକୋଲାସ ପୁରନ ୨ ଅକ୍ଟୋବର ୧୯୯୫ରେ ତ୍ରିନିଦାଦ ଏବଂ ଟୋବାଗୋରେ ଜନ୍ମଗ୍ରହଣ କରିଥିଲେ। ସେ ୨୦୧୬ରେ ୱେଷ୍ଟଇଣ୍ଡିଜ ପାଇଁ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ସହିତ ତାଙ୍କର କ୍ୟାରିଅର୍ ଆରମ୍ଭ କରିଥିଲେ। ତାଙ୍କର ଆକ୍ରମଣାତ୍ମକ ବ୍ୟାଟିଂ ଏବଂ ଉଇକେଟ୍କିପିଂ କ୍ଷମତା ତାଙ୍କୁ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ କରିଦେଇଥିଲା। ପୂରନ ୱେଷ୍ଟଇଣ୍ଡିଜ ପାଇଁ ଦିନିକିଆ ଏବଂ ଟି୨୦ ଫର୍ମାଟରେ ଅନେକ ସ୍ମରଣୀୟ ଇନିଂସ ଖେଳିଥିଲେ। ତାଙ୍କର ବିସ୍ଫୋରକ ବ୍ୟାଟିଂ ଏବଂ କଷ୍ଟକର ପରିସ୍ଥିତିରେ ରନ ସ୍କୋର କରିବାର କ୍ଷମତା ତାଙ୍କୁ ପ୍ରଶଂସକଙ୍କ ପ୍ରିୟ କରିଥିଲା। ପୂରନ ୱେଷ୍ଟଇଣ୍ଡିଜ ପାଇଁ ୬୧ଟି ଦିନିକିଆରେ ୩୯.୬୬ ହାରରେ ୧୯୮୩ ରନ କରିଥିଲେ, ଯେଉଁଥିରେ ୩ ଶତକ ଏବଂ ୧୧ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ। ସେହି ସମୟରେ, ଅନ୍ତର୍ଜାତୀୟ ଟି-୨୦ରେ, ସେ ୧୦୬ ମ୍ୟାଚରେ ୨୨୭୫ ରନ କରିଥିଲେ। ଏଥିରେ ତାଙ୍କର ଷ୍ଟ୍ରାଇକ ରେଟ ୧୩୬.୩୯ ଥିଲା। ଏହା ବ୍ୟତୀତ, ସେ ଜଣେ ଚମତ୍କାର ଉଇକେଟକିପର ମଧ୍ୟ ଥିଲେ, ଯିଏ ଅନେକ ଚମତ୍କାର ଷ୍ଟମ୍ପିଂ ଏବଂ କ୍ୟାଚ ନେଇଥିଲେ। ସେ ଅନ୍ତର୍ଜାତୀୟ କ୍ରିକେଟ ଅପେକ୍ଷା ଫ୍ରାଞ୍ଚାଇଜ କ୍ରିକେଟରେ ଅଧିକ ରୋଜଗାର କରନ୍ତି। ନିଜର ଅବସର ଘୋଷଣା କରି ନିକୋଲାସ ପୁରନ ଇନଷ୍ଟାଗ୍ରାମରେ ଲେଖିଛନ୍ତି, ବହୁତ ଚିନ୍ତା କରିବା ପରେ, ମୁଁ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି। ଏହି ଖେଳ ମୋତେ ବହୁତ କିଛି ଦେଇଛି – ଆନନ୍ଦ, ଉଦ୍ଦେଶ୍ୟ, ଅନେକ ସ୍ମୃତି ଏବଂ ୱେଷ୍ଟଇଣ୍ଡିଜ ଦଳକୁ ପ୍ରତିନିଧିତ୍ୱ କରିବାର ସୁଯୋଗ। ମେରୁନ ଜର୍ସି ପିନ୍ଧିବା, ଜାତୀୟ ସଙ୍ଗୀତ ପାଇଁ ଠିଆ ହେବା ଏବଂ ପ୍ରତ୍ୟେକ ଥର ପଡ଼ିଆରେ ପାଦ ଦେବା ସମୟରେ ସବୁକିଛି ଦେବା... ଏହା ମୋ ପାଇଁ ପ୍ରକୃତରେ କ'ଣ ଅର୍ଥ ରଖେ ତାହା ଶବ୍ଦରେ ବର୍ଣ୍ଣନା କରିବା କଷ୍ଟକର। ଅଧିନାୟକ ଭାବରେ ଦଳର ନେତୃତ୍ୱ ନେବା ଏକ ସମ୍ମାନ ଯାହା ମୁଁ ସର୍ବଦା ମୋ ହୃଦୟରେ ରଖିବି। ପ୍ରଶଂସକମାନଙ୍କୁ ସେମାନଙ୍କର ଅତୁଟ ପ୍ରେମ ପାଇଁ ଧନ୍ୟବାଦ। ଆପଣମାନେ କଠିନ ମୁହୂର୍ତ୍ତରେ ମୋତେ ସମର୍ଥନ କରିଥିଲେ ଏବଂ ଭଲ ମୁହୂର୍ତ୍ତଗୁଡ଼ିକୁ ଅତୁଳନୀୟ ଉତ୍ସାହର ସହିତ ପାଳନ କରିଥିଲେ। ମୋ ସହିତ ଏହି ଯାତ୍ରା ଚଳାଇବା ପାଇଁ ମୋର ପରିବାର, ବନ୍ଧୁ ଏବଂ ସାଥୀମାନଙ୍କୁ ଧନ୍ୟବାଦ। ଆପଣଙ୍କ ବିଶ୍ୱାସ ଏବଂ ସମର୍ଥନ ମୋତେ ଏସବୁ ଦେଇ ଆଗକୁ ବଢ଼େଇଛି।

### ଭାରତର ଘରୋଇ ଶୃଙ୍ଖଳା ଭେନ୍ୟୁରେ ଅଦଳବଦଳ

## ବାରବାଟୀ ଟ୍ୱେଣ୍ଟି-୨୦ ଅପରିବର୍ତ୍ତିତ

**ନୂଆଦିଲ୍ଲୀ, ୧୦।୬:** ବିସିସିଆଇ ସୋମବାର ୨୦୨୫ ଅନ୍ତର୍ଜାତୀୟ ଘରୋଇ ଋତୁ ସୂଚୀରେ ସାମାନ୍ୟ ପରିବର୍ତ୍ତନ କରିଛି। ଅକ୍ଟୋବର ୨ରୁ ଆରମ୍ଭ ହେବାକୁଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳାର ଦ୍ୱିତୀୟ ଟେଷ୍ଟ୍ର ଭେନ୍ୟୁ ପରିବର୍ତ୍ତନ ହୋଇଛି। ଅକ୍ଟୋବର ୧୦ରୁ ୧୪ ପର୍ଯ୍ୟନ୍ତ କୋଲକାତାରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟ୍ ମ୍ୟାଚ୍ ଦିଲ୍ଲୀକୁ ଘୁଞ୍ଚିଛି। ପ୍ରଥମ ଟେଷ୍ଟ୍ ଅହମଦାବାଦରେ ଅକ୍ଟୋବର ୨ରୁ ଖେଳାଯିବ। ସେହିଭଳି ନଭେମ୍ବର ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଦିଲ୍ଲୀରୁ କୋଲକାତାକୁ ସ୍ଥାନାନ୍ତର ହୋଇଛି। ଅନ୍ୟଟି ଗୁଆହାଟୀରେ ନଭେମ୍ବର ୨୨ରୁ ଖେଳାଯିବ। ଭାରତ ଗସ୍ତରେ ୱେଷ୍ଟଇଣ୍ଡିଜ୍ କେବଳ ୨ଟି ଟେଷ୍ଟ୍ ଖେଳିବାକୁ ଥିଲା ବେଳେ ଦକ୍ଷିଣ ଆଫ୍ରିକା ପୂର୍ଣ୍ଣାଙ୍ଗ ଶୃଙ୍ଖଳା (୨ ଟେଷ୍ଟ୍, ୩ ଦିନିକିଆ, ୫ ଟ୍ୱେଣ୍ଟି-୨୦) ଖେଳିବ। ଚେନ୍ନାଇର ଏମ୍ଏ ଚିଦାମ୍ବରମ ଷ୍ଟାଡିୟମ୍ର ପଡ଼ିଆ ଓ ପିଚ୍ ନବୀକରଣ କାର୍ଯ୍ୟ ଚାଲିଥିବାରୁ ଭାରତ-ଅଷ୍ଟ୍ରେଲିଆ ମହିଳା ଦିନିକିଆ ଶୃଙ୍ଖଳାର ପ୍ରଥମ ଦୁଇ ମ୍ୟାଚ୍ ନୂଆ ଚଣ୍ଡିଗଡ଼ସ୍ଥିତ ନୂଆ ପିସିଏ ଷ୍ଟାଡିୟମ୍କୁ ଏବଂ ଶେଷ ମ୍ୟାଚ୍ ନୂଆଦିଲ୍ଲୀର ଅରୁଣ ଜେଟ୍ଲୀ ଷ୍ଟାଡିୟମ୍କୁ ସ୍ଥାନାନ୍ତରିତ ହୋଇଛି। ଅକ୍ଟୋବର ୩୦ରୁ ଖେଳାଯିବାକୁ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ଦିନିକିଆ ମ୍ୟାଚ୍କୁ ଚେନ୍ନାଇରୁ ରାଜକୋଟର ସୌରାଷ୍ଟ୍ର କ୍ରିକେଟ୍ ସଂଘ ଷ୍ଟାଡିୟମ୍କୁ ବଦଳାଯାଇଛି।

## ଦୃଷ୍ଟିବାଧିତ ମହିଳା କ୍ରିକେଟ୍: ଓଡ଼ିଶାର ବିଜୟ ଜାରି




**ଭୁବନେଶ୍ୱର, ୧୦।୬ (ସଂଚାର ବ୍ୟୁରୋ):** ବିଶାଖାପାଟଣାରେ ଚାଲିଥିବା ଏନ୍ଟିପିସି ଏମ୍-ପାୱାର ଅନ୍ତଃରାଜ୍ୟ ଦୃଷ୍ଟିବାଧିତ ମହିଳା କ୍ରିକେଟ୍ ପ୍ରତିଯୋଗିତାରେ ଓଡ଼ିଶାର ବିଜୟ ଧାରା ଜାରି ରହିଛି। ୪ ଦଳୀୟ ଏହି ପ୍ରତିଯୋଗିତାରେ ପ୍ରଥମ ମ୍ୟାଚ୍ରେ ଦିଲ୍ଲୀକୁ ହରାଇଥିବା ଓଡ଼ିଶା ସୋମବାର ୯ ୱିକେଟ୍ରେ କେରଳକୁ ପରାସ୍ତ କରିଛି। ଦ୍ୱିତୀୟ ଲିଗ୍ ମ୍ୟାଚ୍ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କେରଳ ନିର୍ଦ୍ଧାରିତ ୧୫ ଓଭରରେ ୯ ୱିକେଟ୍ ହରାଇ ୬୭ ରନ୍ କରିଥିଲା। ଓଡ଼ିଶାର ସୁକାନ୍ତି ଦଳପତି ୨ ଏବଂ ପଦ୍ମିନୀ ଟୁଡ଼ୁ ଓ ପାର୍ବତୀ ଟୁଡ଼ୁ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ଜବାବରେ ଓଡ଼ିଶା ୭.୧ ଓଭରରେ ମାତ୍ର ଗୋଟିଏ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଝିଲି ବିରୁଆ ୨୮, ଯମୁନାରାଣୀ ଟୁଡ଼ୁ ୨୨ ଓ ସୁକାନ୍ତି ଦଳପତି ୮ ରନ୍ କରିଥିଲେ। ଅଲ୍ରାଉଣ୍ଡ ପ୍ରଦର୍ଶନ ଲାଗି ଝିଲି ବିରୁଆଙ୍କୁ ମ୍ୟାଚ୍ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ଓଡ଼ିଶା ମଙ୍ଗଳବାର ଶେଷ ଲିଗ୍ ମ୍ୟାଚ୍ରେ ଆନ୍ଧ୍ରପ୍ରଦେଶକୁ ଭେଟିବ।

# ବେକେନହାମ୍ରେ ବୁମ୍ରାଙ୍କ ଅଗ୍ନିବର୍ଷା

**ବେକେନହାମ (କେଣ୍ଟ), ୧୦।୬:** ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ କ୍ରିକେଟ୍ ଦଳ ଐତିହାସିକ ଲର୍ଡସ ଷ୍ଟାଡିୟମ୍ସ୍ଥିତ ଇନ୍ଡୋର ଭିତ୍ତିଭୂମିରେ ବନ୍ଦଦ୍ୱାର ଅଭ୍ୟାସ କରିବା ପରେ ଏବେ ଖୋଲା ପଡ଼ିଆରେ ପ୍ରସ୍ତୁତି ଆରମ୍ଭ କରିଛି। ଲଣ୍ଡନଠାରୁ ପାଖାପାଖି ୧୭ କିଲୋମିଟର ଦୂରରେ ଅବସ୍ଥିତ ବେକେନହାମ୍ ସହରସ୍ଥିତ ଇଂଲିସ୍ କାଉଣ୍ଟି କ୍ଲବ୍ 'କେଣ୍ଟ'ର ଦ୍ୱିତୀୟ ଘରୋଇ ପଡ଼ିଆରେ ଭାରତୀୟ ଦଳର ଶିବିର ଲାଗିଛି। ସୋମବାର ଟିମ୍ ଇଣ୍ଡିଆର ଅଭ୍ୟାସରେ ଅଣପାରମ୍ପରିକ ବୋଲିଂ ଶୈଳୀ ତଥା ପ୍ରତିପକ୍ଷକୁ ବରାବର ଘାଇଲା କରିବା ପାଇଁ ପରିଚିତ ଦୁର୍ଦ୍ଧର୍ଷ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍ରା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ଶାଣିତ ୟର୍କର ତଥା ସ୍ଥିର ଲାଇନ୍ ଲେନ୍ଥରେ ବୋଲିଂ କରି ସବୁ ଭାରତୀୟ ବ୍ୟାଟରଙ୍କୁ ସେ ନେଟ୍ସରେ ହଇରାଣରେ ପକାଉଥିବା ଦେଖିବାକୁ ମିଳିଥିଲା। ବୋଲିଂ ପ୍ରଶିକ୍ଷକ ମର୍ଣ୍ଣି ମର୍କେଲଙ୍କ ତୀକ୍ଷ୍ଣ ନଜର ତଳେ ବୁମ୍ରା କ୍ରମଶଃ ଅଗ୍ନିବର୍ଷୀ ବୋଲିଂ କରିଥିଲେ। ସେହିଭଳି ଉଭୟ ୨୦୧୮ ଗସ୍ତରେ ବୁମ୍ରା ଟ୍ରେଣ୍ଟ ବ୍ରିଜ୍ଠାରେ ଦୁଇଟି ପାଞ୍ଚ ୱିକେଟ୍ ସଫଳତା ହାସଲ କରିବା ନେଇ ମଧ୍ୟ ଚର୍ଚ୍ଚା କରିଥିଲେ। ହେଲେ ପରବର୍ତ୍ତୀ ଗସ୍ତଗୁଡ଼ିକରେ ବୁମ୍ରା ସେତେଟା ଅସରଦାର ସାବ୍ୟସ୍ତ ନହେବାର କାରଣ ନେଇ ମଧ୍ୟ ଉଭୟ ପର୍ଯ୍ୟାଲୋଚନା କରିଥିଲେ। ଭାରତ-ଇଂଲଣ୍ଡ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ୨୦ ତାରିଖରୁ ଆରମ୍ଭ ହେଉଥିଲା ବେଳେ ବୁମ୍ରା ସମସ୍ତ ପାଞ୍ଚଟି ଯାକ ଟେଷ୍ଟ୍ରେ ଖେଳିବେନି ବୋଲି ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି। କାର୍ଯ୍ୟଭାର ପରିଚାଳନା ପାଇଁ ଅତିବେଶିରେ ତିନିଟି ଟେଷ୍ଟ୍ରେ ହିଁ ସେ ଖେଳିବେ। ଏଣୁ ଯେଉଁ ମ୍ୟାଚ୍ଗୁଡ଼ିକରେ ବୁମ୍ରା ଖେଳିବାର ସୁଯୋଗ ପାଇବେ, ସେଥିରେ ଅଧିକରୁ ଅଧିକ ସଫଳତା ସାଉଣ୍ଟିବା ଲାଗି ଯୋଜନା ରଖିଛନ୍ତି।

ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ଭାରତୀୟ କ୍ରିକେଟ୍ର ଏକପ୍ରକାର ନୂଆ ଯୁଗ ଆରମ୍ଭ ହେବ। ତିନି କିମ୍ବଦନ୍ତି କ୍ରିକେଟର୍ ବିରାଟ କୋହଲି, ରୋହିତ ଶର୍ମା ଓ ଆର ଅଶ୍ୱିନ ଅବସର ନେଇ ସାରିଥିଲା ବେଳେ ବରିଷ୍ଠ ବୋଲର୍ ମହମ୍ମଦ ସାମି ଦଳରେ ନାହାନ୍ତି। ପରିବର୍ତ୍ତନ କାଳରେ ଥିବା ଭାରତୀୟ ଦଳର ନେତୃତ୍ୱ ଯୁବବୀର ଶୁବମନ୍ ଗିଲ୍ ନେବାକୁ ଯାଉଛନ୍ତି। ଦଳରେ ବହୁ ନବାଗତ ଓ ଅନଭିଜ୍ଞ ଖେଳାଳି ଅଛନ୍ତି। ଏଣୁ ଏହି ଶୃଙ୍ଖଳା ଭାରତୀୟ ଦଳ ପାଇଁ କୌଣସି ବଡ଼ ପରୀକ୍ଷାଠାରୁ କିଛି କମ୍ ହେଲା ଭଳି ମନେ ହେଉନି। ଏଭଳି ସ୍ଥିତିରେ ଇଂଲଣ୍ଡର କଠୋର ତଥା କଠିନ ପରିବେଶରେ ସଫଳ ହେବାର ମନ୍ତ୍ର କିଛି କ୍ରିକେଟର୍ ସୋମବାର ଗିଲ୍ଙ୍କୁ ଦେଇଛନ୍ତି। ଇଂଲଣ୍ଡରେ ଢେର ସମୟ ଖେଳିବାର ଅଭିଜ୍ଞତା ରଖିଥିବା ଚେତେଶ୍ୱର ପୂଜାରା କହିଛନ୍ତି, ଇଂଲଣ୍ଡରେ ସଫଳ ହେବା ଲାଗି ଭାରତୀୟ ବ୍ୟାଟର୍ଙ୍କୁ ଶୃଙ୍ଖଳିତ ଖେଳ ଖେଳିବା ସହ ଅସୀମ ଧୈର୍ଯ୍ୟର ପରିଚୟ ଦେବାକୁ ପଡ଼ିବ। ସେହିଭଳି ପରସ୍ପରକୁ ନୈତିକ ସମର୍ଥନ ଦେବାର ମଧ୍ୟ ଢେର ମହତ୍ତ୍ୱ ରହିବ। ସବୁ ଖେଳାଳିଙ୍କୁ ଦଳର ସଫଳତା ଲାଗି ଅବଦାନ ରଖିବାକୁ ହେବ। ମୁଁ ସ୍ଥିର ନିଶ୍ଚିତ ଯେ ଏହି ଶୃଙ୍ଖଳାରୁ ଭାରତୀୟ ଯୁବ ଖେଳାଳିମାନେ ଅନେକ କିଛି ଶିଖିବେ।



## ଭିଏତ୍ନାମ୍ରେ ଛୁଟି କାଟୁଛନ୍ତି ସିନ୍ଧୁ

**ନୂଆଦିଲ୍ଲୀ, ୧୦।୬:** ଦୁଇ ଥର ଅଲିମ୍ପିକ୍ ପଦକ ବିଜୟିନୀ ପିଭି ସିନ୍ଧୁ ଗତ ସପ୍ତାହରେ ଇଣ୍ଡୋନେସିଆ ଓପନ୍ର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ଏବେ ସେ ଏହି ଦୁଃଖକୁ ଭୁଲିବା ସହ ନିଜକୁ ସତେଜ ରଖିବା ଲାଗି ଭିଏତ୍ନାମ୍ରେ ଛୁଟି କାଟୁଛନ୍ତି। ଭିଏତ୍ନାମ୍ରେ ପତି ଭେଙ୍କଟ ଦତ୍ତ ସାଇଙ୍କ ସହ ଛୁଟି କାଟୁଥିଲା ବେଳେ ସିନ୍ଧୁ ସୁଇମ୍ସୁଟ୍ ପିନ୍ଧି ସୌନ୍ଦର୍ଯ୍ୟଭରା ବେଳାଭୂମିରେ ସୂର୍ଯ୍ୟଙ୍କ କୋମଳ କିରଣକୁ ଖୁବ୍ ଉପଭୋଗ କରୁଛନ୍ତି। ଏଠାକାର କିଛି ସୁନ୍ଦର ଫଟୋକୁ ସିନ୍ଧୁ ନିଜ ଇନ୍ଷ୍ଟାଗ୍ରାମ୍ ପୃଷ୍ଠାରେ ପୋଷ୍ଟ୍ କରିଛନ୍ତି। ଏହାର ଶିରୋନାମରେ ଲେଖିଛନ୍ତି, "କିଛି ବିରତି ନିହାତି ଆବଶ୍ୟକ, ତରଙ୍ଗ+ଶାନ୍ତି=ଆରୋଗ୍ୟ"। ବିଶ୍ୱର ଏହି ପୂର୍ବତନ ଏକ ନମ୍ବର ଖେଳାଳି ଚଳିତ ବର୍ଷ ଫେବ୍ରୁଆରିରେ ସୁସ୍ଥ ହୋଇ କୋର୍ଟକୁ ଫେରିଥିଲେ। ସେବେଠୁ ଫର୍ମକୁ ଫେରିବାକୁ ସେ ସଂଘର୍ଷ ଜାରି ରଖିଛନ୍ତି। ହେଲେ ଏପର୍ଯ୍ୟନ୍ତ ତାଙ୍କର ଶ୍ରେଷ୍ଠ ଫର୍ମ ଫେରି ପାଇପାରି ନାହାନ୍ତି।

## ଅନୁପମାଙ୍କୁ ସମ୍ବର୍ଦ୍ଧନା




କଟକ, ୧୦।୬(ସଂଚାର ବ୍ୟୁରୋ): ନବମ ଏସୀୟ ଜୁ ଜୁତ୍ସୁ ପ୍ରତିଯୋଗିତାରେ ଦୁଇଟି ପଦକ ଜିତିଥିବା ଅନୁପମା ସ୍ୱାଇଁଙ୍କୁ ପୁଲିସ ଡିଜି ବାଇବି ଖୁରାନିଆ ସୋମବାର ସମ୍ବର୍ଦ୍ଧିତ କରିଛନ୍ତି। ରାଜ୍ୟ ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ଖୁରାନିଆ ଅନୁପମାଙ୍କୁ ପ୍ରଶଂସା କରିବା ସହ ତାଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଡିଆଇଜି (କାର୍ମିକ) ଯୁଗଳ କିଶୋର ବନୋଥ, ଏଆଇଜି (ମୁଖ୍ୟାଳୟ) ସୁରେଶ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଅନୁପମା ସଂପ୍ରତି ଭୁବନେଶ୍ୱର କମିସନରେଟ୍ ପୁଲିସରେ କନେଷ୍ଟବଳ ଭାବେ କାମ କରୁଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଲୋକଙ୍କ ଦୁଆରେ...

ମଧ ସଶକ୍ତ କରିପାରିଛି।

ସେହିପରି ତୃତୀୟ ପାଳିର ପ୍ରଥମ ବର୍ଷ ପୂରଣ ବେଳକୁ ଦେଶର ଇତିହାସରେ 'ଅପରେସନ୍ ସିନ୍ଦୂର' ମାଧ୍ୟମରେ ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ଆତଙ୍କବାଦକୁ କଡ଼ା ଜବାବ ଦେବା ସକାଶେ ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱରେ ପଡ଼ୋଶୀ ପାକିସ୍ତାନକୁ କଡ଼ା ଜବାବ ଦିଆଯାଇଛି। ଏହି ଅପରେସନ୍ ମାଧ୍ୟମରେ ଦେଶର କୋଟି କୋଟି ମହିଳାଙ୍କ ସମ୍ମାନକୁ ସୁରକ୍ଷିତ ରଖିବା ସକାଶେ କିଛି ବି କରିବାର ଦମ୍ ମୋଦି ସରକାର ରଖନ୍ତି ବୋଲି ପ୍ରମାଣିତ ହୋଇଛି।

ସେହିପରି ଆଉ ଦୁଇ ଦିନ ଭିତରେ ରାଜ୍ୟରେ ଆମ ସରକାରକୁ ବର୍ଷେ ପୂରିବ। କ୍ଷମତାର ପ୍ରଥମ ବର୍ଷକ ଭିତରେ ଆମେ ଅନେକ ହିତକର ଯୋଜନା ହାତକୁ ନେଇଥିବା ବେଳେ ପ୍ରତିଟି ଜନସାଧାରଣଙ୍କ ନିକଟରେ ଏ ସଂକ୍ରାନ୍ତ ସୂଚନା ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗଣମାଧ୍ୟମ ପ୍ରତିନିଧିମାନେ ନେଇଛନ୍ତି। ଗଠନମୂଳକ ହେଉ ଅବା ସମାଲୋଚନା ମାଧ୍ୟମରେ ସେମାନେ ଆମ ସରକାରକୁ ବେଶ୍ ଚଳଚଞ୍ଚଳ ରଖିଛନ୍ତି। ତେଣୁ ସେମାନଙ୍କୁ ଧନ୍ୟବାଦ ଓ ଆଗାମୀ ୪ ବର୍ଷରେ ମଧ ଏହି ଧାରା ଜାରି ରଖିବେ ବୋଲି ଆଶା। କ୍ଷମତାକୁ ବର୍ଷେ ନ ପୂରୁଣୁ ସରକାରଙ୍କୁ 'ଲୋକଙ୍କ ସରକାର' ଆଉ ମୁଖ୍ୟମନ୍ତ୍ରୀଙ୍କୁ ଲୋକଙ୍କ ମୁଖ୍ୟମନ୍ତ୍ରୀ' ଟ୍ୟାଗ୍ ଆମକୁ ଜନସାଧାରଣଙ୍କ ନିକଟରେ ଗ୍ରହଣୀୟ କରିପାରିଛି। ଏହାପଛରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ରହିଛି, ଯାହା ଆମକୁ ଜନତାକୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ସକ୍ଷମ କରାଇପାରିଛି। ସେହିପରି ଆମ ସରକାରଙ୍କ ପ୍ରତିଟି କାର୍ଯ୍ୟକ୍ରମର ସଫଳତା ପଛରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ମାର୍ଗଦର୍ଶନ ବି ରହିଛି। ନିୟମିତ ଭାବେ ଓଡ଼ିଶା ଗସ୍ତ କରି ସେ ରାଜ୍ୟବାସୀଙ୍କ ସୁଖଦୁଃଖର ସାଥୀ ହେବାକୁ ଚେଷ୍ଟା କରିଛନ୍ତି। ଏହି କ୍ରମରେ ୨୦ ତାରିଖରେ ମଧ ସେ ଓଡ଼ିଶା ଆସୁଛନ୍ତି, ଯାହାକି ଚଳିତ ବର୍ଷର ଷଷ୍ଠ ଗସ୍ତ ହେବ। ତାଙ୍କର ଅକୁଣ୍ଠ ସମର୍ଥନ ଓ ନିରନ୍ତର ମାର୍ଗଦର୍ଶନ ଆମ ସରକାରକୁ ଅଭୂତପୂର୍ବ ପ୍ରେରଣା ଦେଇଛି।

କ୍ଷମତାକୁ ଆସିବା ଦିନ ହିଁ ୪ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମାଧ୍ୟମରେ ନୂଆ ସରକାରର ମୂଳଦୁଆ ପଡ଼ିଥିଲା। ଗତ ୧୨ ମାସ ଧରି ଏହି ଉଦ୍ୟମ ଜାରି ରହିଛି, ଯାହାର ଫଳସ୍ୱରୂପ ଆମେ ଅଧିକାଂଶ ପ୍ରତିଶ୍ରୁତି ପୂରଣ କରିପାରିଛୁ। ମହିଳା ସଶକ୍ତିକରଣ ଦିଗରେ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟିରେ ଦେଶରେ ପ୍ରଥମ ରାଜ୍ୟ, କୃଷି କ୍ଷେତ୍ରରେ ସମୃଦ୍ଧ କୃଷି ଯୋଜନା ସହ ରେକର୍ଡ ୩୭ ହଜାର ୮୩୮ କୋଟି ଟଙ୍କାର ବ୍ୟବସ୍ଥା, ଶିକ୍ଷା କ୍ଷେତ୍ରରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ସହ ନୂତନ ଶିକ୍ଷା ନୀତି-୨୦୨୦ ଲାଗୁ ସହ ଏଥିରେ ଶିଶୁ ବାଟିକା କାର୍ଯ୍ୟକ୍ଷମ କରିବା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବା, ଭିତ୍ତିଭୂମି ପାଇଁ ରେକର୍ଡ ୬୫,୧୦୨ କୋଟି ଟଙ୍କାର ବ୍ୟବସ୍ଥା, ଜନଜାତି ଓ ଅନୁସୂଚିତ ଜାତି କଲ୍ୟାଣ ପାଇଁ ୬୮ ହଜାର ୮୮୧ କୋଟି ଟଙ୍କାର ପ୍ରାବଧାନ ଆମ ସରକାରଙ୍କ ନୀତି ଓ ନୈତିକତାକୁ ପ୍ରତିପାଦିତ କରିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଦୁର୍ନୀତିର ପକ୍ଷଛେଦନ। ଆମ ସରକାରରେ 'ଦୁର୍ନୀତିଖୋରଙ୍କୁ ନିସ୍ତାର ନାହିଁ, ଦୁର୍ନୀତି କରୁଥିବା ଲୋକ ଜେଲ୍‌ଯିବା ସୁନିଶ୍ଚିତ' ଏପରି ଏକ ଧାରଣା ବଦ୍ଧମୂଳ ହୋଇଛି। ସେହିପରି ମୁଖ୍ୟମନ୍ତ୍ରୀ ଓ ସାଧାରଣ ଜନତା ମଧ୍ୟରେ ଥିବା ପ୍ରାଚୀରକୁ ଆମେ ହଟାଇପାରିଛୁ। ଫଳସ୍ୱରୂପ ଏବେ ଜଣେ ସାଧାରଣ ଲୋକ ଅନାୟାସରେ ରାଜ୍ୟ ମୁଖ୍ୟଙ୍କୁ ଭେଟିପାରୁଛି। ରାଜ୍ୟର ତୃତୀୟ ମହଲାକୁ ଲୋକଙ୍କୁ ଦୌଡ଼ିବାକୁ ପଡୁନି, ବରଂ ଏହା ଲୋକଙ୍କ ଦୁଆର ମୁହଁରେ ପହଞ୍ଚି ସୁଶାସନ ନିଶ୍ଚିତ କରୁଛି। ସେହିପରି ଆମ ସରକାର ପ୍ରଥମ କ୍ୟାବିନେଟରେ ଜନସେବା ପାଇଁ ୨୪ ବର୍ଷ ନୁହେଁ, ବରଂ ୨୪ ମିନିଟ ଯଥେଷ୍ଟ ବୋଲି ପ୍ରମାଣିତ କରିଛୁ।

ଆସନ୍ତା ବର୍ଷ ଶେଷ ସୁଦ୍ଧା ରାଜ୍ୟର ୯୦ ପ୍ରତିଶତ ଲୋକଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇଦେବା ଦିଗରେ ଉଦ୍ୟମ ଆରମ୍ଭ ହୋଇଛି। ଏଥିସହ ୫ ଲକ୍ଷ ଲୋକଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଗାଇବାର ଲକ୍ଷ୍ୟ ରହିଛି। ପ୍ରଥମ ବର୍ଷରେ ସରକାରୀ ସ୍ତରରେ ପ୍ରାୟ ୨୮ ହଜାର ନିଯୁକ୍ତି ମିଳିଛି। ଚଳିତ ବର୍ଷ ଆହୁରି ୪୦ ହଜାର ନିଯୁକ୍ତି ପାଇବେ। ଭିତ୍ତିଭୂମି କ୍ଷେତ୍ରରେ ରେଳ, ଜାତୀୟ ରାଜପଥ ଓ ବିମାନ ସେବାରେ ଉଲ୍ଲେଖନୀୟ ଉନ୍ନତି ଆସିଛି।

୨୦୩୬ ସୁଦ୍ଧା ଓଡ଼ିଶା ଦେଶର ସର୍ବଶ୍ରେଷ୍ଠ ୫ ରାଜ୍ୟ ମଧ୍ୟରେ ସ୍ଥାନ ପାଇବ ଓ ରାଜ୍ୟ ଅର୍ଥନୀତି ୫୦୦ ନିୟୁତ ଆମେରିକୀୟ ଡଲାରରେ ପହଞ୍ଚିବ। ୨୦୩୬ ସୁଦ୍ଧା ଓଡ଼ିଶା ସମୃଦ୍ଧ ଓଡ଼ିଶା ହେବା ସହ ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ 'ବିକଶିତ ଭାରତ' ଗଠନାରେ ଆମର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିବ। ସେହିପରି ଗୁଡ୍ ଗଭର୍ଣ୍ଣାନ୍ସରେ ଓଡିଶା ଏବେ ସାରା ଦେଶରେ ଏକ ମଡେଲ୍ ପାଲଟିଥିବା ବେଳେ ଆମ ସରକାର 'ବର୍ଷ ଏକ, ସଫଳତା ଅନେକ'ର ଅନୁଭୂତି ହାସଲ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଓଜେଇଇ-୨୦୨୫..

ଟେକ୍ (ବି.ଏସ୍‌ସି), ବି. ଫାର୍ମ, ଏମ୍‌ବିଏ, ଏମ୍‌ସିଏ, ଇଣ୍ଟର୍ ଏମ୍‌ବିଏ, ଏଲ୍‌ଇ-ଫାର୍ମ, ଏମ୍. ଫାର୍ମ, ଏମ. ଆର୍କ, ଏମ୍ ପ୍ଲାନ୍, ବି.ଟେକ୍, ବେସିକ୍ ବିଏସ୍‌ସି ନର୍ସିଂ, ପୋଷ୍ଟ ବେସିକ୍ ବି.ଏସ୍‌ସି ନର୍ସିଂ, ଏମ୍.ଏସ୍‌ସି ନର୍ସିଂ, ଓ ପୋଷ୍ଟ ଡିପ୍ଲୋମା ନର୍ସିଂ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସମସ୍ତ ପାଠ୍ୟକ୍ରମ ପାଇଁ କମ୍ପ୍ୟୁଟର ଆଧାରିତ ପରୀକ୍ଷା ମାଧ୍ୟମରେ ପ୍ରବେଶିକା ପରୀକ୍ଷା କରଯାଇଥିଲା। ଚଳିତ ବର୍ଷ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲା ସହ ରାଜ୍ୟ ବାହାରେ ୩ଟି ସହର ଯଥା କୋଲକାତା, ପାଟନା ଓ ରାଞ୍ଚିରେ, ସର୍ବମୋଟ ୭୦ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଏବର୍ଷ ସମୁଦାୟ ୯୨୪୮୮ ପରୀକ୍ଷାର୍ଥୀ ପଞ୍ଜୀକୃତ ହୋଇଥିବାବେଳେ ୮୦୩୨୪ ପରୀକ୍ଷାର୍ଥୀ (୮୬.୮୪ ପ୍ରତିଶତ) ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ନର୍ସିଂ ପାଠ୍ୟକ୍ରମ ଛଡ଼ା ଅନ୍ୟାନ୍ୟ ପାଠ୍ୟକ୍ରମ ମଧ୍ୟରୁ ୫୫୩୬୨ ପରୀକ୍ଷାର୍ଥୀଙ୍କୁ ନିଜ ନିଜର ପ୍ରଦର୍ଶନ ଅନୁଯାୟୀ ସେମାନଙ୍କର ଅନୁରୂପ ପାଠ୍ୟକ୍ରମରେ ସ୍ଥାନ ମିଳିଛି। ଚଳିତ ବର୍ଷ ମେ' ୨ରୁ ୧୨ ତାରିଖ ପର୍ଯ୍ୟନ୍ତ ତିନିଟି ଶିଫ୍ଟରେ ପରୀକ୍ଷା ହୋଇଥିଲା ସମସ୍ତ ପରୀକ୍ଷା କମ୍ପ୍ୟୁଟର୍ ବେସ୍‌ଡ ଟେଷ୍ଟ ମୋଡ୍‌ରେ ହୋଇଥିଲା। ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ସମର୍ଥ ବର୍ମା, ବିଭାଗୀୟ ଅତିରିକ୍ତ ଶାସନ ସଚିବ ସୁକାନ୍ତ କୁମାର ପ୍ରଧାନ, ଅଧକ୍ଷ ଦେବ ପ୍ରକାଶ ଶତପଥୀ ଓ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ସମ୍ପାଦକ ରଞ୍ଜନ କୁମାର ଜେନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ୩ ଘଣ୍ଟାରେ ଶହେରୁ...

ଦିଆଯାଇଥିବା କହିଛନ୍ତି ଜିଲ୍ଲାପାଳ। ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ଥିବା ଜଣାପଡ଼ିଛି। କ'ଣ ପାଇଁ ଏତେସଂଖ୍ୟକ ଲୋକେ ଆକ୍ରାନ୍ତ ହୋଇଛନ୍ତି, ତା'ର କାରଣ ଜାଣିବାକୁ ଏକ ଟିମ୍ ଗଠନ କରାଯାଇଛି। ଖାଦ୍ୟ ବିଷାକ୍ତକରଣ ଯୋଗୁଁ ଏଭଳି ହୋଇଥିବା ଅନୁମାନ କରାଯାଉଥିବା ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ କହିଛନ୍ତି। ଭୋଜି ଖାଇ ଲୋକେ ଅଧିକ ସଂଖ୍ୟାରେ ଆକ୍ରାନ୍ତ ହୋଇଥିବା କୁହାଯାଉଛି।

ସେପଟେ କେନ୍ଦୁଝରର ଆନନ୍ଦପୁର ଉପାନ୍ତ ତରାଇଲୋ ଗାଁରେ ବି ବାହାଘର ଭୋଜି ଖାଇ ୩୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଏପରିକି ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ମଧ୍ୟ ହୋଇସାରିଛି। ମୃତକ ଜଣଙ୍କ ହେଲେ ସୁଦର୍ଶନ ପାତ୍ର। ସୁଦର୍ଶନଙ୍କ ମୃତ୍ୟୁ ପରେ ଉକ୍ତ ଅଞ୍ଚଳରେ ମଧ୍ୟ ଭୟର ବାତାବରଣ ଖେଳିଯାଇଛି। ସମସ୍ତ ଆକ୍ରାନ୍ତଙ୍କୁ ଆନନ୍ଦପୁର ଉପଖଣ୍ଡ ମେଡିକାଲ ସହ ସାଇଁକୁଳ ଓ କେଶଦୁରାପାଳ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏମାନଙ୍କ ମଧ୍ୟରୁ ସଙ୍କଟାପନ୍ନ ଅବସ୍ଥାରେ ଥିବା ଆକ୍ରାନ୍ତମାନଙ୍କୁ କଟକ ଏସସିବିକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ତେବେ ଖାଦ୍ୟ କିପରି ବିଷାକ୍ତ ହେଲା, ତା'ର କାରଣ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଜଣାପଡି ନ ଥିବାବେଳେ ଖବର ପାଇ ସ୍ଥାନୀୟ ପୁଲିସ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଡାକ୍ତରୀ ଟିମ୍ ଚିକିତ୍ସାରେ ଲାଗିପଡ଼ିଥିବା ଜଣାପଡ଼ିଛି।

## ଭାରତ ସହାନୁଭୂତି...

ହୋଇଛି। ଏହି ସମ୍ମିଳନୀ ଅନ୍ୟମାନଙ୍କ ସେବାରେ ଜ୍ଞାନକୁ ପ୍ରସାର କରିବାରେ ଏକ ମଞ୍ଚ ଭାବରେ କାର୍ଯ୍ୟ କରିବ। ଶ୍ରୀ ପ୍ରଧାନ ବୈଜ୍ଞାନିକଙ୍କୁ ବିକଶିତ ଭାରତର ଦୃଷ୍ଟିକୋଣକୁ ସାକାର କରିବା ଓ ମାନବ-କେନ୍ଦ୍ରିକ ବିକାଶକୁ ଆଗକୁ ବଢ଼ାଇବା ପାଇଁ ଉଦ୍ଦେଶ୍ୟ ଓ ସହାନୁଭୂତି ସହ ସହଯୋଗ ଓ ସହ ସୃଷ୍ଟି କରିବାକୁ ମଧ ଅନୁରୋଧ କରିଥିଲେ। ଶ୍ରୀ ପ୍ରଧାନ ଏହି ଅବସରରେ 'ଏକ୍ ପେଡ୍ ମା' କେ ନାମ ୨.୦' ଅଭିଯାନ ଅଧୀନରେ ଆଇଆଇଟି ହାଇଦ୍ରାବାଦ କ୍ୟାମ୍ପସରେ ଚାରା ରୋପଣ କରିଥିଲେ।

ଆଇଆଇଟି, ହାଇଦ୍ରାବାଦର ନିର୍ଦ୍ଦେଶକ ପ୍ରଫେସର ବିଏସ୍ ମୂର୍ତ୍ତି, ଭାରତୀୟ ରାଷ୍ଟ୍ରୀୟ ବିଜ୍ଞାନ ଏକାଡେମୀର ସଭାପତି ପ୍ରଫେସର ଆଶୁତୋଷ ଶର୍ମା, ଆଇଆଇଟି ହାଇଦ୍ରାବାଦର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ଅଧକ୍ଷ ବିଭିଆର ମୋହନ ରେଡ୍ଡୀ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଏହାଛଡ଼ା ଶ୍ରୀ ପ୍ରଧାନ ତେଲେଙ୍ଗାନା ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ମୋଦି ସରକାରଙ୍କ ୧୧ ବର୍ଷର ରିପୋର୍ଟ କାର୍ଡ ଉପସ୍ଥାପନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ସେବା, ସୁଶାସନ, ଗରିବ କଲ୍ୟାଣ ଓ ସମାଜର ସମସ୍ତ ବର୍ଗର ବିକାଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ଏକ ସଂସ୍କୃତି ହୋଇଛି। ବିଗତ ଦଶନ୍ଧିରେ ଭିତ୍ତିଭୂମି, ସଫଳତା ଓ ବିଭିନ୍ନ କ୍ଷେତ୍ରରେ ମାଇଲଖୁଣ୍ଟ ଭାରତକୁ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ଏକ ଦୃଢ଼ ସ୍ଥିତିରେ ଅବସ୍ଥାପିତ କରିଛି। ମୋଦି ସରକାରରେ ଭାରତ ଅଧିକ ଶକ୍ତିଶାଳୀ, ସୁରକ୍ଷିତ ଓ ଅଧିକ ସମୃଦ୍ଧ ହୋଇଛି।

## ତାତିଲେ ଲୋକେ...

ଲକ୍ଷ ଟଙ୍କା ଠକି ନେଇଥିଲେ। ଆଜି କାଲି କହି ଦିନ ପରେ ଦିନ ଗଡ଼େଇ ଚାଲିଥିଲେ ସେ। ବ୍ୟାଙ୍କ୍ରୁ ଋଣ କରି ତାଙ୍କୁ ଟଙ୍କା ଦେଇଥିବା ଲୋକେ ନିରାଶ ହୋଇଥିଲେ। ସେପଟେ ଗାଁ ଲୋକଙ୍କ ଦୁଆରରେ ବ୍ୟାଙ୍କ୍ ଅଧିକାରୀ ଜଗି ବସିବାରୁ ଗ୍ରାମବାସୀ ସ୍ଥାନୀୟ ଇନଫୋସିଟି ଥାନାରେ ଅଭିଯୋଗ କରିଥିଲେ। ଅଜୟଙ୍କୁ ଧରି ଗାଁ ଲୋକେ ପୁଲିସ୍ ଜିମା ଦେଇଥିଲେ। ସେଠାରେ ଅଭିଯୁକ୍ତ ଅଜୟ ଲୋକଙ୍କ ଟଙ୍କା ଫେରାଇବାକୁ ମନା କରିବାରୁ ତାଙ୍କୁ ପୁଲିସ୍ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। କିନ୍ତୁ ସ୍ଥାନୀୟ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଅଜୟଙ୍କ ଠକିଥିବା ଲୋକଙ୍କୁ ଟଙ୍କା ଫେରାଉ ବୋଲି ସେମାନେ ଚାହୁଁଥିଲେ। କିନ୍ତୁ ପୁଲିସ୍ ତାଙ୍କୁ କୋର୍ଟ ଚାଲାଣ କରିବାକୁ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକ କରିବା ସହ ଗିରଫ ନୁହେଁ, ଟଙ୍କା ଫେରାଅ ବୋଲି ଦାବି କରିଥିଲେ। ପରେ ସେମାନେ ଥାନା ଭିତରେ ପଶି ପୁଲିସ ସହିତ ଯୁକ୍ତିତର୍କ କରିବା ସହ ଭଙ୍ଗାରୁଜା କରି ଆଇଆଇସିଙ୍କ ଚାମ୍ବର ଭିତରକୁ ଧସେଇ ପଶିଥିଲେ। ଏହାକୁ ରୋକିବାକୁ ଯାଇ ଉଭୟ ପୁଲିସ ଓ ଉତ୍ତ୍ୟକ୍ତ ଲୋକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏଥିରେ ଜଣେ ମହିଳା ଆହତ ହୋଇଥିବା ବେଳେ ଥାନାଧିକାରୀଙ୍କ ସମେତ ଏକାଧିକ ମହିଳା ପୁଲିସ ଆହତ ହୋଇଥିଲେ। ପରିସ୍ଥିତି ନିୟନ୍ତ୍ରଣ କରିବା ସକାଶେ ତୁରନ୍ତ ଥାନାରେ ଏକ ପ୍ଲାଟୁନ୍ ଫୋର୍ସ, ୩ ଥାନାର ଅଧିକାରୀ ଓ କର୍ମଚାରୀଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀମାନେ ସେଠାରେ ପହଞ୍ଚିଥିଲେ। ଅନ୍ୟପକ୍ଷରେ ଘଟଣାର ଯାଞ୍ଚ ଓ ବ୍ୟାଙ୍କ୍ ଅଧିକାରୀଙ୍କୁ ଗ୍ରାମବାସୀଙ୍କ ଘର ଆଗରେ ନ ବସିବାକୁ ଚିଠି ଲେଖି ଜଣାଇବା ପାଇଁ ପ୍ରତିଶ୍ରୁତି ପାଇବା ପରେ ଅଳସୁଆ ଗ୍ରାମବାସୀ ରାସ୍ତାରୋକରୁ ହଟିଥିବା ଜଣାପଡ଼ିଛି।

## ଲାଞ୍ଚୁଆ ଆଇଏଏସ...

ଚକ୍‌ମା। ଏହି ଘଟଣାରେ ମଙ୍ଗଳବାର ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ନେବା ସହ ତାଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି, ଯାହା ଏବେ ରାଜ୍ୟରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ଏଥିସହ ଭିଜିଲାନ୍ସ ତାଙ୍କ ଘର ଛାନଭିନ ସମୟରେ ନଗଦ ୪୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିଥିଲା। ପରେ ଉପଜିଲ୍ଲାପାଳ ଶ୍ରୀ ଚକ୍‌ମାଙ୍କୁ ଭବାନୀପାଟଣା ଭିଜିଲାନ୍ସ ଅଫିସକୁ ଅଣାଯାଇ ଜେରା କରାଯାଇଥିଲା।

ଗତ ମାର୍ଚ୍ଚ ୨୯ ତାରିଖରେ ଅଭିଯୋଗକାରୀ କ୍ରସର ମାଲିକ ହର୍ଷବର୍ଦ୍ଧନ ବେହେରାଙ୍କ ପୁଅ ଗୌରବ ବେହେରାଙ୍କ ନାଁରେ ଥିବା କ୍ରସର ଉପରେ ଚଢ଼ାଉ କରିଥିଲେ, ଖଣି ଓ ରାଜସ୍ୱ ବିଭାଗର ମିଳିତ ଟିମ୍। ଅନୁମତିଠାରୁ ଅଧିକ ଖଣିଜ ଉତ୍ତୋଳନ କରାଯାଇଥିବାରୁ ୧ କୋଟି ୬୦ ଲକ୍ଷ ୬୫ ହଜାର ଟଙ୍କା ଜୋରିମାନା କରାଯାଇଥିଲା। ହର୍ଷବର୍ଦ୍ଧନଙ୍କ ପିଚୁ ପ୍ଲାଣ୍ଟ ଉପରେ ବି ଗତ ଏପ୍ରିଲ ୧୯ ତାରିଖରେ ଖଣି ଓ ରାଜସ୍ୱ ବିଭାଗର ଏକ ଟିମ୍ ଚଢ଼ାଉ କରିଥିଲେ। ଏଠି ବି ଅନୁମତିଠାରୁ ଅଧିକ ମ୍ୟାଟେରିଆଲ ଥିବାରୁ ୧୩ ଲକ୍ଷ ୨୧ ହଜାର ୪୬୮ ଟଙ୍କା ଜୋରିମାନା କରାଯାଇଥିଲା। ଖଣି ବିଭାଗ ପକ୍ଷରୁ ଏତେ ମୋଟା ଅଙ୍କର ଜୋରିମାନା ଦେଖି କ୍ରସର ମାଲିକଙ୍କ ଉପରେ ଲୋଲୁପ ଦୃଷ୍ଟି ପକାଇଥିଲେ ଧର୍ମଗଡ ଉପଜିଲ୍ଲାପାଳ। ଏହି ଅନୁସାରେ ସେ ଗତ ଏପ୍ରିଲ ଶେଷ ସପ୍ତାହରେ କ୍ରସର ମାଲିକ ହର୍ଷ ବେହେରାଙ୍କୁ ଫୋନ କରି ଅଫିସକୁ ଡକାଇଥିଲେ। ସେଠାରେ ଆରମ୍ଭ ହୋଇଥିଲା ଡିଲ୍। ଜୋରିମାନା ଦଲିଲ ଦେଖାଇ ମାମଲା ରଫାଦଫା କରିବାକୁ ମାଗିଥିଲେ ୨୦ ଲକ୍ଷ ଟଙ୍କା। ନଚେତ ୩ କୋଟିରୁ ଅଧିକ ଫାଇନ କରିବାକୁ ସେ ଧମକ ଦେଇଥିଲେ। ଡେଡଲାଇନ୍ ଦେଇଥିଲେ ମେ' ୧୪ ତାରିଖ। ତେବେ ଏଥିପାଇଁ ହର୍ଷ ଅଧିକ ସମୟ ମାଗିବାରୁ ସେ ମନା କରିବା ସହ ପ୍ରଥମ କିସ୍ତି ବାବଦରେ ୧୦ ଲକ୍ଷ ତୁରନ୍ତ ଦେବାକୁ ଦାବି କରିଥିଲେ। ଅନ୍ୟ ଉପାୟ ନ ପାଇ ଗତ ୧ ତାରିଖରେ ଶ୍ରୀ ବେହେରା ଭୁବନେଶ୍ୱର ଭିଜିଲାନ୍ସ ସେଲରେ ଅଭିଯୋଗ କରିଥିଲେ। ତା'ପରେ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ଜୁନ୍ ୮ ତାରିଖ ସନ୍ଧ୍ୟାରେ ଘରେ ହର୍ଷଙ୍କଠାରୁ କେମିକାଲଲଗା ୧୦ ଲକ୍ଷ ଟଙ୍କା ନେବା ବେଳକୁ ଶ୍ରୀ ଚକ୍‌ମାଙ୍କୁ ଘେରିଯାଇଥିଲେ ଭିଜିଲାନ୍ସ ଟିମ୍।

## କାଉଣ୍ଟର...

କରିବେ, ତାହା ବିଜେଡି ପାଇଁ ବଡ଼ ଆହ୍ୱାନ ହେଉଛି। କାରଣ ଯେଉଁମାନେ ଆକ୍ରମଣର ମଙ୍ଗ ଧରୁଛନ୍ତି ସେମାନେ କୌଣସି ନା କୌଣସି ମାମଲାରେ ଛନ୍ଦି ହୋଇଛନ୍ତି। ଅତୀତରେ ସେମାନଙ୍କ ନାମ ଚିଟ୍‌ଫଣ୍ଡଠାରୁ ଆରମ୍ଭ କରି ଶିଶୁହତ୍ୟା ଏବଂ ବିଭିନ୍ନ ଦୁର୍ନୀତିରେ ଯୋଡ଼ି ହୋଇ ରହିଛି। ସେମାନେ ଆଗକୁ ଆସିବାକୁ ଦଳର କର୍ମୀମାନେ ପସନ୍ଦ କରୁନଥିବା ବେଳେ ମାମଲତାରମାନେ କିନ୍ତୁ ସେମାନଙ୍କୁ ମଇଦାନକୁ ଛାଡୁଛନ୍ତି।

ଅନ୍ୟପକ୍ଷରେ ଦଳର ହାରୁ ନେତାମାନେ ନୂଆ ମାମଲତକାର ହୋଇଥିବାରୁ ଦଳର ଯୁବନେତା ବିଶେଷକରି ଯେଉଁମାନେ ନିର୍ବାଚନ ଜିଣିଛନ୍ତି, ସେମାନେ ହାରୁନେତାଙ୍କୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଆଗକୁ ଆସି ଏମାନଙ୍କ ସହିତ ଲଢ଼ିବା ବଦଳରେ ଚୁପ୍ ରହିବାକୁ ସେମାନେ ଅଧିକ ପସନ୍ଦ କରୁଛନ୍ତି।

ରାଜନୈତିକ ବ୍ୟାପାର କମିଟିରେ ସ୍ଥାନ ନ ମିଳିବାରୁ ଅନେକ ବରିଷ୍ଠ ଓ ଅଭିଜ୍ଞ ଏବେ କୋଣଠେସା ହୋଇ ରହିଛନ୍ତି। ବିଜେଡି ମହିଳା ମୋର୍ଚ୍ଚାର ସ୍ଥିତି ମଧ ସମାନ। ମହିଳା ମୋର୍ଚ୍ଚାର କିଏ ନୂଆ ମୁଖିଆ ହେବେ, ତାହାକୁ ନେଇ ଟଣାଓଟରା ଚାଲିଛି। ନୂଆଙ୍କୁ ବାଟ ଛାଡ଼ିବାକୁ ପୁରୁଣାମାନେ ନାରାଜ। ଶ୍ରୀମୟୀଙ୍କ ଭଳି ପୁରୁଖା ନେତ୍ରୀ ଏବେ ଦଳରେ ଅଲୋଡ଼ା ହୋଇଯାଇଛନ୍ତି। ତେଣୁ ମହିଳା ଶାଖା ମଧ ସରକାରଙ୍କ ବିରୁଦ୍ଧରେ ରାସ୍ତାକୁ ବାହାରିବାକୁ ଆଗ୍ରହୀ ନୁହଁନ୍ତି। ଯେଉଁମାନେ କାଁଭାଁ ଆସୁଛନ୍ତି, ସେମାନେ କେବଳ ବାଧବାଧକତାରେ ଆସୁଥିବା ନିଜ ଲୋକଙ୍କ ଆଗରେ କହୁଛନ୍ତି।

ଏଭଳି ସ୍ଥିତିରେ ମୋହନ ମାଝୀ ସରକାରଙ୍କୁ କିଭଳି କାହା ନେତୃତ୍ୱରେ କାଉଣ୍ଟର କରାଯିବ, ସେନେଇ ଦଳରେ ତର୍ଜମା ଆରମ୍ଭ ହୋଇଛି। ପୁରୀରେ ଦଳ ଯୁବଛାତ୍ର ସମ୍ମିଳନୀ ପାଇଁ ଘୋଷଣା କରିଥିବା ବେଳେ ଖୋଦ୍ ପୁରୀ ବିଧାୟକ ଏବେ ଦଳରେ ଏକପ୍ରକାର ବିଦ୍ରୋହୀ ସାଜିଛନ୍ତି। ସେହିଭଳି ଆସନ୍ତା ୧୩ରେ ଯାଜପୁରଠାରେ ମହିଳା ସମାବେଶର ଡାକରା ଦିଆଯାଇଥିବା ବେଳେ ସେଠାରେ ବିଜେଡି ମାତ୍ର ଗୋଟିଏ ଆସନରେ ବିଜୟୀ ହୋଇଛି। ଯାଜପୁରରେ ନିଜକୁ ସର୍ବେସର୍ବା କହୁଥିବା ନେତା ନିଜେ ହାରିବା ସହ ନିଜ ମା'ଙ୍କୁ ହରାଇ ଦେଇଥିବାରୁ ସେଠାରେ ମହିଳା ସମାବେଶ କେତେଦୂର ସଫଳ ହେବ, ତାହାକୁ ନେଇ ଖୋଦ ଦଳୀୟ କର୍ମୀମାନେ ଆଶଙ୍କାରେ ଅଛନ୍ତି।



## ଜୟପୁର ବିଧାୟକଙ୍କ ସହ ଗଣମାଧ୍ୟମ ପ୍ରତିନିଧିଙ୍କ ସୌଜନ୍ୟମୂଳକ ସାକ୍ଷାତ

● ବିଭିନ୍ନ ସମସ୍ୟା ନେଇ ଆଲୋଚନା

**ବୋରିଗୁମ୍ମା, ୧୦।୬ (ସଂଚାର ବ୍ୟୁରୋ) :** ବୋରିଗୁମ୍ମା ସମସ୍ତ ସାମ୍ବାଦିକ ମିଳିତ ହୋଇ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଙ୍କୁ ସୌଜନ୍ୟମୂଳକ ସାକ୍ଷାତକାର କରିଛନ୍ତି। ଉକ୍ତ ସାକ୍ଷାତକାର ରେ ବୋରିଗୁମ୍ମା ବ୍ଲକ ରେ ଥିବା ସମସ୍ତ ପ୍ରକାର ସୁବିଧା ଓ ଅସୁବିଧା ଗୁଡିକର ଆଲୋଚନା ହୋଇଥିଲା। ଆଗାମୀ ଦିନରେ ସମସ୍ତ କ୍ଷେତ୍ରରେ ଉନ୍ନୟନ ମୂଳକ କାର୍ଯ୍ୟଗୁଡିକ କିଭଳି ହବ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ବିଧାୟକ ମତ ରଖିଥିଲେ। ବୋରିଗୁମ୍ମା ସ୍ଥାନୀୟ ଟ୍ରାଫିକ ଛୋକ ର ଉନ୍ନତି, ବର୍ଷା ଦିନ ଆସୁ ଥିବା ବେଳେ ବ୍ଲକ୍ ର ପରିମଳ ବ୍ୟବସ୍ଥା , ବିଦ୍ୟାଳୟ ରେ ଶିକ୍ଷକ ଅଭାବ ଭଳି ବିଭିନ୍ନ ସମସ୍ୟା ଦିଗରେ ଆଲୋଚନା ହୋଇଥିଲା। ଏହି ଅବସର ରେ ସାମ୍ବାଦିକ ବିଜୟ ନାରାୟଣ ସାହୁ, ମୋହନ ଦୋରା, ପିମ୍ପସ କୁମାର, ରବି ଶଙ୍କର ମହାପାତ୍ର, ସୁଶାନ୍ତ ପଣ୍ଡା, ସୁଶିଲ ଷଡ଼ଙ୍ଗୀ, ସୀମା ଞ୍ଚଳ ମହାରଣା, ରଞ୍ଜନ ମିଶ୍ର, ସାକିଲ ଦୋରା, ମାନସ ହୋତା,କାଳି ଚରଣ ପଣ୍ଡା,ସୁନିଲ ଷଡ଼ଙ୍ଗୀ, ଟୁଟୁ ପଟ୍ଟନାୟକ, ସୁକାନ୍ତ ମାଝୀ,ବାପି ହୋତା, ଅଭିଲାଷ ପଟ୍ଟନାୟକ,ଶଙ୍କର ମହାନ୍ତି,ପି ଅନନ୍ତ ରାଓ, ରୀଙ୍କୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବାଲଅନ୍ତାରେ 'ଘରେ ଘରେ ଜୀବନ ବୀମା'



**ବାଲିଅନ୍ତା,୧୦।୬(ସଂଚାର ବ୍ୟୁରୋ):** ବାଲିଅନ୍ତା ପଞ୍ଚାୟତ ନିକୁଞ୍ଜ ବିହାରୀ କଲ୍ୟାଣ ମଣ୍ଡପ ସଭାକକ୍ଷରେ ଆଜି କଟକ ଶାଖା ଭାରତୀ ଆକ୍ସା ଜୀବନ ବୀମା ସଂସ୍ଥା ଆନୁକୂଲ୍ୟରେ ''ଘରେ ଘରେ ଜୀବନ ବୀମା''ଶୀର୍ଷକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ବାଲିଅନ୍ତା ସରପଞ୍ଚ କୃଷ୍ଣ କେଶବ ଆପଟ ସଭାପତିତ୍ୱ କରି ଜୀବନ ବୀମାର ଉପକାରିତା ଉପରେ ଲୋକଙ୍କୁ ସଚେତନ କରାଇଥିଲେ। ଭାରତୀ ଆକ୍ସା ଜୀବନ ବୀମା କଟକ ଶାଖା କ୍ଲଷ୍ଟର ମୁଖ୍ୟ ସନ୍ତୋଷ କୁମାର ମହାନ୍ତି, ବରିଷ୍ଠ ଶାଖା ପ୍ରବନ୍ଧକ ପ୍ରବୋଧ କୁମାର ବାରିକ ଉପ ଶାଖା ପ୍ରବନ୍ଧିକା ସୁଚିତ୍ର ମହାରଣା ପ୍ରମୁଖ ଯୋଗ ଦେଇ ଜୀବନ ବୀମା ନେଇ ଲୋକଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ଼ ସଭ୍ୟସଭ୍ୟା,ବିଭିନ୍ନ ମହିଳାମଣ୍ଡଳ ସଦସ୍ୟା, ପ୍ରାଣୀମିତ୍ର, କୃଷିମିତ୍ର,ଏମବିକେ, ସିଆରପି, ଯୁବକ ଯୁବତୀ ଏବଂ ସ୍ୱେଚ୍ଛାସେବୀ ସାମିଲ ଥିଲେ।

## ନକଲି ଓ ନିମ୍ନମାନର ଔଷଧ କାରବାର ବଢ଼ୁଛି

**ଔଷଧ ଦୋକାନ ଗୁଡିକୁ ନିୟମିତ ବ୍ୟବଧାନରେ ଯାଞ୍ଚ ପାଇଁ ଦାବି**



**କାକଟପୁର/ଅସ୍ତରଙ୍ଗ, ୧୦।୬ (ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନର ନୀରବତା ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ସମେତ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ନକଲି ଓ ନିମ୍ନ ମାନର ଔଷଧ ବିକ୍ରି କରି ଔଷଧ ବ୍ୟବସାୟୀ ମାଲେ ମାଲ ହେଉଛନ୍ତି। ତଦାରଖ କି ଚଢ଼ାଉ ହେଉନି। ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମାଞ୍ଚଳ ହେଉ ଅବା ବିଭିନ୍ନ ସ୍ଥାନରେ ମାଳମାଳ ଔଷଧ ଦୋକାନ। ନିୟମ କାନୁନ କୁ ଅଣଦେଖା କରି ଔଷଧ ଦୋକାନୀ ରୋଗୀଙ୍କୁ ଶୋଷଣ କରୁଥିବା ଜଣାପଡିଛି। ନକଲି ଓ ନିମ୍ନମାନର ଔଷଧ ସେବନ ଯୋଗୁଁ ଉପଶମ ମିଳୁନି। ଆରୋଗ୍ୟ ବଦଳରେ ଅର୍ଥ ଶ୍ରାଦ୍ଧ କରି ରୋଗୀ ଶୋଷିତ ହେଉଛି। ବିଶେଷ କରି ଗ୍ରାମାଞ୍ଚଳରେ ନକଲି ଔଷଧ ବିକ୍ରି ହେଉଛି। କିଛି ଡାକ୍ତରଙ୍କୁ ହାତ କରି ନକଲି ଔଷଧ ବିକ୍ରି କରୁଥିବା ଦୋକାନୀ ମାନେ ବ୍ୟବସାୟ ଚଳାଇଛନ୍ତି। ଏହି ଔଷଧ ସେବନ କରି ଲୋକେ ଆରୋଗ୍ୟ ହେବେ କଣ, କିଛି ଦିନ ପରେ ସେମାନଙ୍କ ରୋଗ ଆୟତ୍ତ ବାହାରକୁ ଯାଉଛି। କେତେକ କ୍ଷେତ୍ରରେ ଜୀବନ ବି ମୃତ୍ୟୁ ସହ ସଂଗ୍ରାମ କରୁଛି। ମଧୁମେହ, ଉଚ୍ଚ ରକ୍ତଚାପ, କୀଡନି, ହୃଦ ରୋଗ ଭଳି ମାରାତ୍ମକ ରୋଗର ଦାମୀ ଔଷଧ ଏଠାରେ ନକଲି ଭାବେ ମିଳୁଛି। ଅସ୍ତରଙ୍ଗ ବ୍ଲକରେ ଥିବା ବିଭିନ୍ନ ଗ୍ରାମାଞ୍ଚଳ ସମେତ ବିଭିନ୍ନ ସ୍ଥାନ ମଧ୍ୟରୁ ୧୫ରୁ ଅଧିକ ଔଷଧ ଦୋକାନରେ ଏଭଳି ଔଷଧ କାରବାର ହେଉଥିବା ଅଭିଯୋଗ ହେଉଛି। ଏହି ନକଲି ଔଷଧ ପଶ୍ଚିମବଙ୍ଗ, ବିହାର, ବେଙ୍ଗାଲୁର, ଦିଲ୍ଲୀରୁ ଆସୁଥିବାର କୁହାଯାଏ। ଏତେ ସବୁ ବେନିୟମ କାର୍ଯ୍ୟ ଚାଲୁଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ତାହା ପ୍ରଶ୍ନବାଚୀ। ନିୟମିତ ଭାବେ ବ୍ୟବଧାନରେ ଔଷଧ ଦୋକାନ ଗୁଡିକ ଯାଞ୍ଚ କରାଗଲେ ସୁଫଳ ମିଳନ୍ତା ଓ ରୋଗୀ ନକଲି ବଦଳରେ ପ୍ରକୃତ ଅସଲି ଔଷଧ ଓ ସଠିକ ଔଷଧ ପାଇପାରନ୍ତେ।

# ଆନ୍ଧ୍ରରେ କାମ ଦେଉନି 'ଆୟୁଷ୍ମାନ' କାର୍ଡ

**ଚିକିତ୍ସା ନ ପାଇ କଲବଲ ହୋଇ ଫେରୁଛନ୍ତି ଓଡିଶା ରୋଗୀ**



**ବୋରିଗୁମ୍ମା, ୧୦।୬ (ସଂଚାର ବ୍ୟୁରୋ) :** ଆନ୍ଧ୍ରପ୍ରଦେଶର ବିଶାଖାପାଟଣା, ବିଜୟନଗରମ ଭଳି ଅନେକ ସହରର ବଡ଼ବଡ଼ ଘରୋଇ ମେଡ଼ିକାଲରେ ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡରେ ଓଡ଼ିଶା ରୋଗୀଙ୍କୁ ଚିକିତ୍ସା ସୁବିଧା ମିଳୁନି। ହସ୍ପିଟାଲ କର୍ତ୍ତୃପକ୍ଷ କାର୍ଡ ଦେଖୁଦେଖୁ ସିଧାସଳଖ ମନା କରି ଦେଉଛନ୍ତି। ଫଳରେ ରୋଗୀ କଲବଲ ହୋଇ ଘରକୁ ଫେରିବା ସାର ହେଉଛି।

ସୂଚନାନୁସାରେ, ପୂର୍ବରୁ ବିଜୁ ସ୍ୱାସ୍ଥ୍ୟକାର୍ଡରେ ବିଶାଖାପାଟଣାର ପିନାକିଲ, ଆପୋଲୋ, ମେଡିକଭର୍ ଏଭଳି ଅନେକ ମେଡ଼ିକାଲରେ ଓଡ଼ିଶାର ଲୋକେ ଦେୟମୁକ୍ତ ଚିକିତ୍ସିତ ହୋଇ ଘରକୁ ଫେରୁଥିଲେ। ଏବେ କିନ୍ତୁ ଉପରୋକ୍ତ କୌଣସି ମେଡ଼ିକାଲରେ ଆୟୁଷ୍ମାନ କାର୍ଡରେ ଚିକିତ୍ସା କରାଯାଉନାହିଁ। କୋରାପୁଟ, ନବରଙ୍ଗପୁର, ରାୟଗଡା, ଗଜପତି, କଳାହାଣ୍ଡି ଜିଲ୍ଲା ଭଳି ଦକ୍ଷିଣ ଓଡ଼ିଶାର ଲୋକେ ଆନ୍ଧ୍ରପ୍ରଦେଶର ଘରୋଇ ମେଡିକାଲ ଉପରେ ଅଧିକାଂଶ ନିର୍ଭର କରିଥାନ୍ତି। କିନ୍ତୁ ଏବେ ମାଗଣା ଚିକିତ୍ସା ସେବା ମିଳି ପାରୁନଥିବା ହେତୁ ରୋଗୀ ଓ ସେମାନଙ୍କ ଅଭିଭାବକ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି।

ସେଠାକାର ମେଡ଼ିକାଲ କର୍ତ୍ତୃପକ୍ଷ କହିବା କଥା, ଆୟୁଷ୍ମାନ କାର୍ଡରେ ଥିବା ଚିକିତ୍ସାର ମୂଲ୍ୟ ଅତି କମ୍। ସେଥିପାଇଁ କୌଣସି ମେଡ଼ିକାଲ ଏହାକୁ ଗ୍ରହଣ କରୁନାହାନ୍ତି। ଚିକିତ୍ସା ସମୟରେ ରୋଗୀର ବିଭିନ୍ନ ପରୀକ୍ଷା ନିରୀକ୍ଷା ଆବଶ୍ୟକ ପଡ଼ିଥାଏ । କିନ୍ତୁ ଆୟୁସ୍ମାନ କାର୍ଡରେ ତାହା ନିଅଣ୍ଟ ପଡ଼ୁଛି । ଉଚିତ ମୂଲ୍ୟ ଧାର୍ଯ୍ୟ ହେଲେ କାର୍ଡ ଲାଗୁ କରିବା ନେଇ ମେଡ଼ିକାଲ କର୍ତ୍ତୃପକ୍ଷମାନେ ଚିନ୍ତା କରିବେ। ଏହା ରୋଗୀଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି।



## ଡେରିକି ସମିତିରେ ମୁଗ ଓ ବିରି ମଣ୍ଡି ଉଦ୍‌ଘାଟିତ

**ନାଉଗାଁ, ୧୦।୬ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଡେରିକି ପ୍ରାଥମିକ ସେବା ସମବାୟ ସମିତିରେ ମୁଗ ଓ ବିରି ପାଇଁ ସୋମବାର ମଣ୍ଡି ଉଦ୍‌ଘାଟନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସମିତିର ସଭାପତି ପ୍ରକାଶ ଚନ୍ଦ୍ର ଜେନା ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ ମାର୍କଫେଡ କ୍ଷେତ୍ର ପରିଚାଳକ ଧିରେନ୍ଦ୍ର କୁମାର ବାରିକ ଯୋଗ ଦେଇ ଏହି ମଣ୍ଡି ଖୋଲିବା ଦ୍ୱାରା ଚାଷୀମାନେ ଉଚିତ ମୂଲ୍ୟ ପାଇ ପାରିବେ ବୋଲି ଗୁରୁତ୍ୱାରୋପ କରିଥିଲେ। ଚାଷୀ ଭାବେ ଭିକାରୀ ସ୍ୱାଇଁ, କାଳନ୍ଦୀ ଭୋଇ, ବୁଟୁନା ବେହେରା, ଗୌରାଙ୍ଗ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସମିତି ସମ୍ପାଦକ ବାପୁଜୀ କୁମାର ଜେନା ପରିଚାଳନା କରୁଥିବା ବେଳେ ଡିଇଓ ପ୍ରଶାନ୍ତ କୁମାର ସ୍ୱାଇଁ ପରିଚାଳନାରେ ସହଯୋଗ କରିଥିଲେ।



## କେନ୍ଦୁପାଟଣା ଉଚ୍ଚ ବିଦ୍ୟାଳୟରେ ନୂତନ ପ୍ରଧାନ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ନିଶ୍ଚିନ୍ତକୋଇଲି, ୧୦।୬ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷା ମଣ୍ଡଳ କାର୍ଯ୍ୟାଳୟ ଅନ୍ତର୍ଗତ ବହୁ ପୁରାତନ କେନ୍ଦୁପାଟଣା ଉଚ୍ଚ ବିଦ୍ୟାଳୟରେ ପୂର୍ବତନ ପ୍ରଧାନ ଶିକ୍ଷକ ଶୁଭେନ୍ଦୁ ସାମଲଙ୍କ ଅବସର ପରେ ତାଂକ ସ୍ଥାନରେ ପ୍ରଧାନ ଶିକ୍ଷକ ରୁପେ ଶ୍ରୀ ନିମାଇଁ ଚରଣ ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଶ୍ରୀଯୁକ୍ତ ପ୍ରଧାନଙ୍କୁ ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ସ୍ୱାଇଁ, କଳା ଶିକ୍ଷୟିତ୍ରୀ ଶୁଚିସ୍ମିତା ରଥ,କିରାଣୀ ଦୀପ୍ତିଭାନୁ ପଟ୍ଟନାୟକ ଏବଂ କର୍ମଚାରୀ ଶୈଳେନ୍ଦ୍ର ନାୟକ ପ୍ରମୁଖଙ୍କ ପକ୍ଷରୁ ଶ୍ରୀ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ପ୍ରଦାନ ସ୍ୱରୁପ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

### ଖଣ୍ଡପଡ଼ାରେ ଜାତୀୟ ପତାକାକୁ ଅସମ୍ମାନ

## ଏସ୍‌ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କଲା କଂଗ୍ରେସ

**ନୟାଗଡ଼, ୧୦।୬ (ସଂଚାର ବ୍ୟୁରୋ):** ଜାତୀୟ ପତାକାକୁ ରାସ୍ତା କଡରେ ଫୋପାଡିବା ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତର ସହ ନେଇଛି କଂଗ୍ରେସ । ଖଣ୍ଡପଡ଼ାରେ ଅପରେସନ ସିନ୍ଦୁର ଶୋଭାଯାତ୍ରାରେ ସ୍ଥାନୀୟ ବିଧାୟକ, ଏନଏସି ଅଧକ୍ଷା ଏବଂ ସରକାରୀ ପଦାଧିକାରୀ ହାତରେ ଜାତୀୟ ପତାକା ଧରି ଦେଶଭକ୍ତି ନିଦର୍ଶନ ସହିତ ସାମିଲ ହେବା ପରେ ଜାତୀୟ ପତାକାକୁ ରାସ୍ତା କଡ ତଥା କଲ୍ୟାଣମଣ୍ଡପରେ ଫୋପାଡ଼ିଦେବା ଭଳି ସଂଗୀନ ଅପରାଧରେ ଜଡିତ ରାଜନେତା ସରକାରୀ ବାବୁଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଆଜି ନୟାଗଡ଼ ବିଧାନସଭା କଂଗ୍ରେସ ପ୍ରାର୍ଥୀ ତଥା ବରିଷ୍ଠ ଆଇନଜୀବୀ



ରଣଜିତ ଦାଶ, ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ପୀତବାସ ଖୁଣ୍ଟିଆ, ଦଳିତ ନେତା ମନୋଜ ନାଏକ ଏବଂ ସନ୍ତୋଷ ନାଏକ ପ୍ରମୁଖ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ସାକ୍ଷାତ କରି ଦାବୀପତ୍ର ପ୍ରଦାନ କରିବା ପରେ ଏହି ଅଘଟଣ ତଦନ୍ତ ପାଇଁ ଅତିରିକ୍ତ ଏସପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଶାସକ ଦଳର ଦାୟିତ୍ୱ ସମ୍ପନ୍ନ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଆମ ଦେଶ ଜାତୀୟ ପତାକାର ଅସମ୍ମାନ ପ୍ରସଙ୍ଗରେ କଂଗ୍ରେସ ତୀବ୍ର ନିନ୍ଦା କରିଛି ।

## ଅସ୍ତରଙ୍ଗ ଓ କାକଟପୁରରେ ମାଳମାଳ ବେଆଇନ ପାଥୋଲାବ୍



**ରୋଗୀଙ୍କ ଜୀବନ ସହ ଚାଲିଛି ଖେଳ**

**କାକଟପୁର/ଅସ୍ତରଙ୍ଗ,୧୦।୬(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକର ବିଭିନ୍ନ ସ୍ଥାନରେ ଛତୁ ଫୁଟିଲା ଭଳି ବେଆଇନ ପାଥୋଲାବ୍ ପରୀକ୍ଷାଗାର ଖୋଲାଯାଇଛି। କେତୋଟି ପାଥୋଲାବର ଲାଇସେନ୍ସ ଅଛି ତାହା ଅଜଣା ଥିବା ବେଳେ ୩୦ରୁ ଉର୍ଦ୍ଧ୍ୱ ବେଆଇନ ଭାବେ ଚାଲିଥିବା ଅଭିଯୋଗ ହେଉଛି। ସରକାର ରାଜସ୍ୱ ହରାଉଥିବା ବେଳେ ରୋଗୀ ଅଯଥା ଖର୍ଚ୍ଚାନ୍ତ ହେବା ସହ ବେଳେ ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁଣି ଅଧିକାଂଶ ରୋଗୀଙ୍କର ରିପୋର୍ଟ ତ୍ରୁଟି ପୂର୍ଣ୍ଣ ରହୁଥିବାରୁ ରୋଗ ଭଲ ହେବା ପରିବର୍ତ୍ତେ ବଢ଼ି ଚାଲିଛି।

ଅଭିଯୋଗ ଅନୁସାରେ ୫ରୁ ୧୦ହଜାର ଟଙ୍କା ଖର୍ଚ୍ଚ କଲେ ବିଭିନ୍ନ ଅନାମଧେୟ ସଂସ୍ଥାରୁ ଟେକିନିସିୟାନ ସାର୍ଟିଫିକେଟ ହାସଲ କରାଯାଇ ପାରୁଛି। ସାର୍ଟିଫିକେଟ ହାସଲ ପରେ ଅସ୍ତରଙ୍ଗ ଓ କାକଟପୁର ବଜାର ସମେତ ବିଭିନ୍ନ ଗ୍ରାମରେ ଏକ ଭଡାଘରେ ହେଉ ଅବା କ୍ୟାବିନି ଖଣ୍ଡେ ପକାଇ ପାଥୋଲାବ ଫଳକଟିଏ ମାରି ରକ୍ତ, ମଳ, ମୂତ୍ର ଆଦି ପରୀକ୍ଷା କରାଯାଉଛି। ଏହା ସହ ପାଥୋଲାବରେ ବସୁଥିବା ବ୍ୟକ୍ତି ବିଶେଷ ଶିକ୍ଷାଗତ ଯୋଗ୍ୟତା କେତେ ଯାଞ୍ଚ ହେଉନାହିଁ। ଅନ୍ୟ ପକ୍ଷେ ତ୍ରୁଟିପୂର୍ଣ୍ଣ ପରୀକ୍ଷଣ ଯୋଗୁଁ ବ୍ଲଡ଼ ଗ୍ରୁପ ଚିହ୍ନଟ ବେଳେ ଜଣେ ବ୍ୟକ୍ତିର ବ୍ଲଡ଼ ଗ୍ରୁପ ମଧ୍ୟ ଭିନ୍ନ ହୋଇଯାଉଛି। ପାଥୋଲାବ୍ କରିବା ସହ ସପ୍ତାହର ବିଭିନ୍ନ ଦିନରେ ବିଭିନ୍ନ ବିଭାଗର ଡାକ୍ତର ଡାକି ସାଧାରଣ ଲୋକଙ୍କ ଠାରୁ ମୋଟା ଅଙ୍କର ଟଙ୍କା ନେଇ ଶୋଷଣ କରୁଛନ୍ତି କିଛି ପାଥୋଲାବ ମାଲିକ।

ଏ ନେଇ ଅସ୍ତରଙ୍ଗ ବ୍ଲକର ସଦାଶିବ ବେହେରା, ଦୁର୍ଜୟ ଖୁଣ୍ଟିଆ, ଶିଶୁଅ ଗ୍ରାମର ଜୀବନ ମହାନ୍ତି କୁହନ୍ତି ଲୋକଙ୍କ ଜୀବନ ସହ ଖେଳୁଥିବା ପାଥୋଲାବ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ତୁରନ୍ତ ନିଆଯିବା ଦରକାର । କେବେ ସ୍ୱାସ୍ଥ୍ୟ ବିଭାଗ ନଜର ପଡୁଛି ବେଆଇନ ପାଥୋଲାବ ଉପରେ ତାହା ହିଁ ଦେଖିବାକୁ ବାକି ରହିଲା। କେବେ ଜିଲ୍ଲା ସ୍ତରୀୟ ଟିମ୍ ସଠିକ ଯାଞ୍ଚ କରୁଛି ତାକୁ ଅପେକ୍ଷା।

## ବଜ୍ରପାତ ରୋକିବାରେ ତାଳଗଛ ହେବ ସହାୟକ



● ଗଛ କମୁଥିବାରୁ ବଢ଼ୁଛି ବଜ୍ରପାତ, ଯାଉଛି ଜୀବନ

**କାକଟପୁର/ଅସ୍ତରଙ୍ଗ,୧୦।୬(ସଂଚାର ବ୍ୟୁରୋ):** କିଛି ଦିନ ତଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ବଜ୍ରପାତ ପଡ଼ି ଏକ ପରିବାର ଆହତ ହେବା ସହ କିଛି ଦିନ ପୂର୍ବେ ଜଣେ ମହିଳାଙ୍କ ମୃତ୍ୟୁ ମଧ ହୋଇଥିଲା। କିଛି ବର୍ଷ ତୁଳନାରେ ଏବେ ବହୁ ମଣିଷ ବଜ୍ରପାତରେ ଅସୁବିଧା ସମ୍ମୁଖୀନ ହେଉଥିବା ବେଳେ ପଶୁପକ୍ଷୀ ମାନଙ୍କ ମଧ ଜୀବନ ଯାଉଛି। ଯାହାକୁ ନେଇ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇଛି। ବଜ୍ରପାତକୁ ରୋକିବା ପାଇଁ ଗ୍ରାମ ଗୁଡିକରେ ତାଳ ଗଛ ଲଗାଇ ସଚେତନତା ସୃଷ୍ଟି କରାଯାଉ। ପୂର୍ବରୁ ବହୁ ଗାଁ, ଗଣ୍ଡା, ବିଲ ଓ ତୋଟାରେ ତାଳ ଗଛ ରହିଥିଲା। ଏହି ତାଳ ଗଛର ଚାହିଦା ମଧ ରହିଥିଲା। କିନ୍ତୁ ଏବେ ଗାଁ ଗହଳିରେ ତାଳ ଗଛ ଦେଖିବାକୁ ମିଳୁନାହିଁ। ଯେଉଁଠି ତାଳ ଗଛ ରହିଛି ସେଠାରେ ଗାଁର କିଛି ମୁଷ୍ଟିମେୟ ଲୋକମାନେ ଗଛ କାଟି ଦେଉଥିବା ବେଳେ ରୋପଣ କରିବାକୁ ଆଗ୍ରହ ସୃଷ୍ଟି ହେଉନାହିଁ। ଦିନକୁ ଦିନ ତାଳ ଗଛ ସଂଖ୍ୟା କମିଯାଉଛି। ତାଳ ଗଛ ବହୁ ବଡ଼ ବଡ଼ ହୋଇଥିବାରୁ ବଜ୍ରପାତ ହେଲେ ତାଳ ଗଛ କୁ ହିଁ ମାରିଥାଏ। ଯଦି ପ୍ରଶାସନ ଏହି କ୍ଷେତ୍ରରେ ଦୃଷ୍ଟି ଦେଇ ବିଭିନ୍ନ ସ୍ଥାନରେ ତାଳଗଛ ଲଗାଯିବାକୁ ସଚେତନତା ସୃଷ୍ଟି କରାଯାଇପାରନ୍ତା ତେବେ ଆଗାମୀ ପୀଢ଼ି ବଜ୍ରପାତରୁ କିଛିଟା କମିଯାଇପାରନ୍ତା ବୋଲି କିଛି ପରିବେଶବିତି ମତ ଦେଇଛନ୍ତି।

## ବିଧବା ମହିଳାଙ୍କ ଘରୁ ତାଲା ଭାଙ୍ଗି ଲୁଟିନେଲେ ଅଳଙ୍କାର ଓ ଟଙ୍କା

**ଗୋପ, ୧୦।୬ (ସଂଚାର ବ୍ୟୁରୋ):** ଗତକାଲି ବିଳମ୍ବିତ ରାତ୍ରିରେ ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ କୁଣ୍ଡିସ ଗ୍ରାମରେ ତିନୋଟି ଗେଟେ କଟରରେ କାଟି ନିଜ ଘରେ ଏକୁଟିଆ ରହୁଥିବା ଝୁମୁରି ଦାସ ନାମକ ଜଣେ ବିଧବା ମହିଳାଙ୍କ ଘରୁ ଆଲମୀରା ଭାଙ୍ଗି ସୁନା ଓ ରୁପା ଅଳଙ୍କାର ସହ ନଗଦ ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ଗୋପ ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁସାରେ ଝୁମୁରୀଙ୍କ ଦେଢ଼ଶୁର ଓ ତାଙ୍କ ପିଲା ମାନେ ବାହାରେ ରହୁଥିବା ବେଳେ ଝୁମୁରୀଙ୍କ ପୁଅ ମଧ ବାହାରେ ରୁହନ୍ତି । ଘରେ ସେ ଏକୁଟିଆ ଥିବାର ସୁଯୋଗ ନେଇ ଦୁର୍ବୃତ୍ତ ମାନେ ବିଳମ୍ବିତ ରାତ୍ରିରେ ତାଙ୍କ ଘର ଗ୍ରୀଲ ଓ କବାଟ ଭାଙ୍ଗି ଘରେ ପଶିବାକୁ ଉଦ୍ୟମ କଲାବେଳେ ଝୁମୁରି ଉଠିଯାଇଥିଲେ । ପରେ ମହିଳାଙ୍କୁ ଭୟଭୀତ କରି ଦୁଇଜଣ ଦୃବୃତ ସମସ୍ତ ଗୃହ ତାଲା ଓ ଆଲମାରୀ ତାଲା ଭାଙ୍ଗି ଅଳଙ୍କାର ଓ ଟଙ୍କା ନେଇ ଫେରାର ହୋଇ ଯାଇଥିଲେ । ଘରୁ ଚୋରି ହୋଇଥିବା ଘଟଣାକୁ ନେଇ ସକାଳୁ ଗୋପ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଘଟଣା ସ୍ଥଳରେ ଗୋପ ପୁଲିସ ପହଂଚି ତଦନ୍ତ ଆରମ୍ଭ କରିବା ସହିତ କେସ ନଂ ୧୮୩/ ୨୦୨୫ ରେ ଏକ ମାମଲା ରୁଜୁ କରିଛି। ଏହି ଘଟଣା ଘଟିବା ପରେ ଏବେବି ଗାଁ ଲୋକେ ଭୟଭୀତ ଅଛନ୍ତି।

## ଚଳନ୍ତା କାରରେ ଲାଗିଲା ନିଆଁ, ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର

**ଡାବୁଗାଁ, ୧୦।୬ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ- ଉମରକୋଟ ମୁଖ୍ୟରାସ୍ତା ଡାବୁଗାଁ ଆଦର୍ଶ ବିଦ୍ୟାଳୟ ପାଖରେ ମଙ୍ଗଳବାର ସକାଳ ସମୟରେ ଏକ ଚଳନ୍ତା କାର ରେ ନିଆଁ ଲାଗିଯାଇଥିଲା। କାରରେ ଚଳାଉଥିବା ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଥିଲେ। ସୂଚନାଯୋଗ୍ୟ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ବଡପଡ଼ା ଗ୍ରାମର ବିନୋଦଙ୍କ ସ୍ୱାଇଁ ଶିବ



ସୁନା ବିନୋଦଙ୍କ କାର ନଂ ଓଡ଼ି ୦୮ଭି ୩୮୧୬ ଯୋଗେ କୌଣସି କାମରେ ରାଇଘର ଜାଇ ନବରଙ୍ଗପୁର ଫେରୁଥିବା ସମୟରେ ଡାବୁଗାଁ ସ୍ଥିତ ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ଏକ ଅଜଣା ଗାଡି କୁ ପଛପଟୁ ଧକ୍କା ଦେଇଥିଲେ ଫଳରେ କାର ରେ ନିଆଁ ଲାଗିଥିଲା । ନିଆଁ ଲାଗିବା ଦେଖି କାର ଚଳାଉଥିବା ଶିବ କାର ରୁ ବହାରିଆସିଥିଲେ । ପରେ ଡାବୁ ଗାଁ ଦମକଳ ବାହିନୀ ପହଞ୍ଚି ନିଆଁ କୁ ଆୟତ କରିଥିଲେ । ଏନେଇ ଡ଼ାବୁଗାଁ ଥାନାରେ ଏତଲା ହେଇଛି ।

## ସମ ହସ୍ପିଟାଲରେ ଟ୍ରାନ୍ସରେକ୍ଟାଲ୍ ଟ୍ରାନ୍ସଭଜାଇନାଲ୍ ପେଲ୍ଭିକ୍ ଫ୍ଲୋର ପୁନର୍ବାସ ସମ୍ପର୍କିତ କର୍ମଶାଳା ଆୟୋଜିତ



**ଭୁବନେଶ୍ୱର, ୧୦।୬ (ସଂଚାର ବ୍ୟୁରୋ) :** ଓଡ଼ିଶାରେ ପ୍ରଥମ ଥର ପାଇଁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ଟ୍ରାନ୍ସଭଜାଇନାଲ୍ ଓ ଟ୍ରାନ୍ସରେକ୍ଟାଲ୍ ପେଲ୍‌ଭିକ୍ ଫ୍ଲୋର ପୁନର୍ବାସ ସମ୍ପର୍କିତ କର୍ମଶାଳା ଗତ ଜୁନ୍ ୭ ଓ ୮ ତାରିଖ ଦୁଇ ଦିନ ଧରି ହସ୍ପିଟାଲ ପରିସରରେ ଆୟୋଜିତ ହୋଇଯାଇଛି।

ସମ୍ ହସ୍ପିଟାଲ୍‌ର ଫିଜିଓଥେରାପି ବିଭାଗ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ସାରା ଦେଶରୁ ପ୍ରାୟ ୭୭ ଜଣ ମହିଳା ଫିଜିଓଥେରାପିଷ୍ଟ ଯୋଗ ଦେଇଥିବା ବେଳେ ଅହମ୍ମଦାବାଦର ବିଶିଷ୍ଟ ଫିଜିଓଥେରାପି ବିଶେଷଜ୍ଞ ଡାକ୍ତର ଧାରା ଶାହ କର୍ମଶାଳାର ପ୍ରସଙ୍ଗକୁ ନେଇ ତଥ୍ୟ ପ୍ରଦାନ କରିଥିଲେ। କର୍ମଶାଳାରେ ପରିସ୍ରା ଏବଂ ମଳ କ୍ଷରଣ ଏବଂ କୋଷ୍ଠକାଠିନ୍ୟ, ଯୌନ କାର୍ଯ୍ୟରେ ଅନିୟମିତତା ଭଳି ବିଷୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ସମ୍ ହସ୍ପିଟାଲ୍‌ର ଫିଜିଓଥେରାପି ବିଭାଗ ପ୍ରଥମ ଥର ପାଇଁ ଏକ ଇଂଟିମେଟ ହେଲ୍‌ଥ ଚେକ୍‌ଅପ୍ କ୍ଲିନିକ୍ ଆରମ୍ଭ କରିବାର ଯୋଜନା କରୁଥିବା ହସ୍ପିଟାଲ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ରାଜ୍ୟର ପ୍ରଥମ ଥର ପାଇଁ ମହିଳା ଫିଜିଓଥେରାପିଙ୍କୁ ନେଇ ଏଭଳି କର୍ମଶାଳା ଆୟୋଜନ କରାଯାଇଥିଲା।

## ୭୫ ବର୍ଷ ଧରି ସେମିତି ଜଳୁଛି ବଲ୍‌ବ

**ବୋରିଗୁମ୍ମା, ୧୦।୬ (ସଂଚାର ବ୍ୟୁରୋ) :** ଆମେ ସାଧାରଣତଃ ଅନ୍ଧାରରୁ ମୁକ୍ତି ପାଇବା ପାଇଁ ଘରେ ବଲ୍‌ବ ଜାଳିଥାଉ। ଆଉ ଗୋଟିଏ ବଲ୍‌ବର ଆୟୁଷ ବର୍ଷେ କିମ୍ବା ଦୁଇ ବର୍ଷ ଥାଏ କିଛି ମାସ ପରେ ଫିୟୁଜ ହୋଇଯାଏ। ମାତ୍ର ଗୋଟିଏ ବଲ୍‌ବ ଆଜକୁ ୭୫ ବର୍ଷ ହେଲା ସେମିତି ଜଳୁଛି। କଥାଟା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିଲେ ବି ସତ।

ଛତିଶଗଡ଼ ଜଗଦଲପୁରର ଅନୀଲ କୁମାର ଦାସ ଯିଏ କି ଜଣେ ବ୍ରାହ୍ମଣ ପରିବାରର କିନ୍ତୁ ସ୍ୱର୍ଣ୍ଣକାର କାମ କରନ୍ତି। ଅନୀଲଙ୍କ ଘରେ ଗୋଟିଏ ବଲ୍‌ବ ସେମିତି ଜଳୁଛି ଆଜକୁ ପ୍ରାୟ ୭୫ ବର୍ଷ ଧରି। ଅନୀଲ କୁମାର ଦାସଙ୍କ ଜେଜେ ବାପା ଲିଙ୍ଗରାଜ ଦାସ ୧୯୫୦ ମସିହାରେ ଯେତେବେଳେ ଘର



ନିର୍ମାଣ କରିଥିଲେ ସେହି ସମୟରେ ଘରେ ଗୋଟିଏ ବଲ୍‌ବ ଲଗାଇଥିଲେ। ୧୯୫୦ ମସିହାରେ ଭାରତରେ କୌଣସି ଇଲେକ୍ଟ୍ରୋନିକ କମ୍ପାନୀ ବଲ୍‌ବ ତିଆରି କରୁନଥିଲେ। ଅନୀଲଙ୍କ ଜେଜେବାପା ବ୍ରିଟିଶ ଅମଳରେ ଏହି ବଲ୍‌ବ ଆଣି ଘରେ ଲଗାଇ ଥିଲେ। ଏହି ବଲ୍‌ବଟି ରୋୟେଲ ଏଣ୍ଡ ନିକୋଲସନ ମେଡ଼ ଇନ ଇଂଲଣ୍ଡ କମ୍ପାନୀ। ବଲ୍‌ବ ଲଗାଇ ସେଥିରେ ଗୋଟିଏ ଜାଲି ଲଗାଇ ତାଲା ପକାଇ ଦେଇଥିଲେ। ସେହି ସମୟରୁ ଆଜି ପର୍ଯ୍ୟନ୍ତ ତାଲା ଖୋଲା ଯାଇ ନାହିଁକି ତାର ଚାବି ବି ଅନୀଲଙ୍କ ପାଖରେ ନାହିଁ। ଏହି ଚମତ୍କାର ବଲ୍‌ବ ଦେଖିବା ପାଇଁ ଭୁବନେଶ୍ୱର, ହାଇଦ୍ରାବାଦ, ରାୟପୁର ଭଳି ବଡ଼ ବଡ଼ ସହରରୁ ଲୋକେ ଆସୁଥିବା କହିଛନ୍ତି ଅନୀଲ। ଆଜକୁ ୭୫ ବର୍ଷ ଧରି ସେମିତି ବଲ୍‌ବ ଜଳୁଛି। ସେଥିପାଇଁ ଆମେ ବଲ୍‌ବରେ କେବେ ହାତ ବି ମାରୁନୁ ବୋଲି ମଧ କହିଛନ୍ତି ଅନୀଲ। ସତରେ ଏହା ଏକ ଆଶ୍ଚର୍ଯ୍ୟ ବୋଲି କହିଛନ୍ତି ପଡ଼ୋଶୀ।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ରାଇଘର, ୧୦।୬ (ସଂଚାର ବ୍ୟୁରୋ) :** ରାଇଘର ଥାନା ଅଧୀନରେ ଥିବା ଦେବ ଭରଣ୍ଡି ଗ୍ରାମର ମୁନ ସିଂ ଗଣ୍ଡ (୫୧) ଆଜି ଅପରାହ୍ନ ପ୍ରାୟ ୨ ଟା ସମୟରେ ରାଇଘର ରେ କାମ ସାରି ନିଜ ଘର କୁ ଫେରୁଥିଲେ। ହଟାତ୍ ମାନସିକ ଭାରସାମ୍ୟ ହରାଇ ରାସ୍ତା କୋଡାରେ ଥିବା ଏକ ଗଛ ରେ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ମୁନ ସିଂ ଗଣ୍ଡ ଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁ ଖବର ପାଇ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚିବା ପରେ ରାଇଘର ଥାନା କୁ ଜଣାଇଥିଲେ। ଏହାପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଶରୀର କୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ସାରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପରେ ରାଇଘର ଥାନା ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ରାଇଘର ଥାନା ଅଧିକାରି ରଘୁନାଥ ମାଝୀ ପ୍ରକାଶ କରିଛନ୍ତି।




# ଆସିଗଲା ଆଇଓଏସ୨୬, ବଦଳିଯିବ ଆଇଫୋନ୍ ବ୍ୟବହାର

## ଆପଲର ବଡ଼ ଘୋଷଣା

ନୂଆଦିଲ୍ଲୀ ୧୦।୦୬; ଆପଲ୍ ଡେଭଲପର୍ କନଫରେନ୍ସରେ ନୂଆ ଘୋଷଣା। କମ୍ପାନୀ ଏହାର ଅପରେଟିଂ ସିଷ୍ଟମର ନୂତନ ଭର୍ସନ ପ୍ରଦର୍ଶିତ କରିଥିଲା। ସେସବୁକୁ ରିନେମ ମଧ କରାଯାଇଥିଲା। ଆଉ ରିନେମ ପରେ ଡେଭଲପର ନୂଆ ନାମ ରଖାଯାଇଛି ଡବ୍ଲ୍ୟୁଡବ୍ଲ୍ୟୁଡିସି ୨୦୨୫। କମ୍ପାନୀ iOS19 ପରିବର୍ତ୍ତେ ସିଧାସଳଖ ଆଣିଛି ଆଇଓଏସ୨୬। ଏହା ବ୍ୟତୀତ, ଅନ୍ୟ ଅପରେଟିଂ ସିଷ୍ଟମଗୁଡ଼ିକର ମଧ ନାମ ପରିବର୍ତ୍ତନ କରାଯାଇଛି। ଯାହାର ନାମ ୱାଚଓଏସ୨୬, ଟିଭିଓଏସ୨୬, ମାକଓଏସ୨୬, ଭିଜନଓଏସ୨୬, ଆଇପ୍ୟାଡ୍ଓଏସ୨୬। କହିବାକୁ ଗଲେ କମ୍ପାନୀ ନାମ



ପରିବର୍ତ୍ତନ କରିବା ସହିତ ମୋବାଇଲ୍ ଇଣ୍ଟରଫେସକୁ ରିଫ୍ରେଶ୍ କରିଛି। କମ୍ପାନୀ ଲିକ୍ୟୁଇଡ୍ ଗ୍ଲାସ୍ ଡିଜାଇନ୍ ମଧ ପ୍ରଦର୍ଶିତ କରିଛି, ଯାହା ପରବର୍ତ୍ତୀ ସ୍ତରର ୟୁଜର୍ସଙ୍କୁ ଅଭିଜ୍ଞତା ପ୍ରଦାନ କରିବ। ଆପଲ୍ ଆଇଓଏସ୨୬ ରେ ନୂତନ ପାୱାରଫୁଲ ଆପଲ୍ ଇଣ୍ଟେଲିଜେନ୍ସ କ୍ଷମତା ମଧ ସାମିଲ କରାଯାଇଛି। ଆପଲର ବରିଷ୍ଠ ଉପାଧକ୍ଷ ସଫ୍ଟୱେର୍ ଇଞ୍ଜିନିୟର କ୍ରେଗ୍ ଫେଡେରିଘି କହିଛନ୍ତି ଯେ ଲକ୍ ସ୍କ୍ରିନ୍ ରୁ ହୋମ୍ ସ୍କ୍ରିନ୍ ପର୍ଯ୍ୟନ୍ତ ଫୋନ୍ ଓ ମେସେଜରେ ନୂଆ କ୍ଷମତା (କାପାବିଲିଟି) ଅନ୍ତର୍ଭୁକ୍ତ କରାଯାଇଛି।

କହିବାକୁ ଗଲେ ଲିକ୍ୟୁଇଡ ଗ୍ଲାସ୍ ପ୍ରକୃତରେ ଏକ ନୂତନ ଡିଜାଇନ୍ ଭାଷା। ଯାହା ଅଧୀନରେ ୟୁଜର୍ସମାନେ ଟ୍ରାନ୍ସଲୁସେଣ୍ଟ ମ୍ୟାଟେରିଆଲ୍ ଲୁକ୍ ପାଇବେ। ଯାହା ସାହାଯ୍ୟରେ ଆଇକନ୍ ପଛରେ ଓ ଚାରିପାଖରେ ଥିବା ବସ୍ତୁ ମଧ ଦେଖାଯାଇପାରିବ। ଏହି ନୂତନ ଡିଜାଇନ୍ ଅଧୀନରେ, ୟୁଜର୍ସମାନେ ଲକ୍ ସ୍କ୍ରିନ୍ ସମୟରେ ମଧ ଏହାର ଲାଭ ପାଇବେ। ଆପଲ୍ ଆପ୍ ଆଇକନ୍, ୱିଡଜେଟ୍ସ ଓ ଅନ୍ୟାନ୍ୟ ୟୁଜର ଇଣ୍ଟରଫେସରେ ମଧ ପରିବର୍ତ୍ତନ ଦେଖିପାରିବ। ଲିକ୍ୟୁଇଡ୍ ଗ୍ଲାସ୍ ମାଟେରିଆଲ ଆପଣଙ୍କ ଆଣ୍ଡ୍ରଏଡ୍ ସହିତ ମିଳୁଥିବା ମ୍ୟାଟେରିଆଲ୍ ୩ ଡିଜାଇନ୍ ଭାଷା ପରି ଦେଖାଯାଇପାରେ। ଆଇଓଏସ୨୬ ସହିତ, ଆପଲ୍ ବିଭିନ୍ନ ଆପ୍ସର ଲୁକ୍, ଫିଲ୍ ଏବଂ ପୋଜିସନ୍ ମଧ ପରିବର୍ତ୍ତନ କରିଛି। ଏଥିରେ ଆପଲ୍ ମ୍ୟୁଜିକ୍, ନ୍ୟୁଜ୍ ଏବଂ ପଡକାଷ୍ଟର ନାମ ଅନ୍ତର୍ଭୁକ୍ତ।



# ଅନ୍ତର୍ଜାତୀୟ ଗଣିତ ଅଲିମ୍ପିଆଡ୍‌ରେ 'ଆକାଶ' ଛାତ୍ର

ନୂଆଦିଲ୍ଲୀ, ୧୦।୬: ଆକାଶ ଏଜୁକେସନାଲ୍ ସର୍ଭିସେସ୍ ଲିମିଟେଡ୍‌ର ଛାତ୍ର ଆରଭ ଗୁପ୍ତା ଅଷ୍ଟ୍ରେଲିଆର କ୍ୱିନ୍‌ସଲ୍ୟାଣ୍ଡ୍‌ରେ ଜୁଲାଇ ୧୦ରୁ ଅନୁଷ୍ଠିତ ହେବାକୁ ଥିବା ୬୬ତମ ଅନ୍ତର୍ଜାତୀୟ ଗଣିତ ଅଲିମ୍ପିଆଡ୍ (ଆଇଏମ୍‌ଓ) ରେ ଭାରତର ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। ଭାରତରୁ ଯେଉଁ ୬ ଜଣ ଛାତ୍ରଛାତ୍ରୀଙ୍କୁ ମନୋନୀତ କରାଯାଇଛି, ସେମାନଙ୍କ ମଧ୍ୟରୁ ଆରଭ ହେଉଛନ୍ତି ଅନ୍ୟତମ। ଏ ସମ୍ପର୍କରେ ଆକାଶ ଏଜୁକେସନାଲ୍ ସର୍ଭିସେସ୍‌ର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଦୀପକ ମେହରୋତ୍ରା କହିଛନ୍ତି ଯେ ଆଇଏମ୍‌ଓ ୨୦୨୫ରେ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ଆରଭଙ୍କୁ ଚୟନ କରାଯାଇଥିବାରୁ ଆମେ ଗର୍ବିତ ମନେ କରୁଛୁ। ଭବିଷ୍ୟତର ସମସ୍ୟା ସମାଧାନ କରିବାର ଦକ୍ଷତା ଓ ଭାବନକୁ ସମୃଦ୍ଧ କରିବାରେ ଆକାଶର ସମର୍ପଣ ଭାବର ପ୍ରତୀକ ହେଉଛନ୍ତି ଆରଭ। ଗଣିତରେ ଉତ୍କର୍ଷ ହାସଲ ଲାଗି ତାଙ୍କ ଉଦ୍ୟମ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଓ ସମଗ୍ର ଶିକ୍ଷା ଗୋଷ୍ଠୀକୁ ଅନୁପ୍ରାଣିତ କରିବ। ଆମେ ଆରଭ ଓ ତାଙ୍କ ଟିମ୍‌କୁ ଦେଶ ପାଇଁ ଗୌରବ ଆଣିବା ଲାଗି ଅଭିନନ୍ଦନ ଜଣାଉଛୁ ବୋଲି ସେ କହିଛନ୍ତି।

# ସମ୍ପତ୍ତି ମନିଟାଇଜେସନ ତାଲିକାରେ ସୁନାଖଳା-ଭୁବନେଶ୍ୱର ରାଜପଥ

ଭୁବନେଶ୍ୱର, ୧୦।୬(ସଂଚାର ବ୍ୟୁରୋ): କାର୍ଯ୍ୟକ୍ଷମ ରହିଥିବା ସଡ଼କ ପ୍ରକଳ୍ପର ଉଚିତ୍ ମୂଲ୍ୟ ବାହାର କରିବା ଏବଂ ଭିତ୍ତିଭୂମି ବିକାଶରେ ଘରୋଇ-ସରକାରୀ ସହଭାଗିତା (ପିପିପି) ବଢ଼ାଇବା ଲାଗି ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ସଡ଼କ କ୍ଷେତ୍ର ଲାଗି ପ୍ରଥମ ସମ୍ପତ୍ତି ମନିଟାଇଜେସନ୍ ରଣନୀତି ଉନ୍ମୋଚନ କରାଯାଇଛି। ୨୦୨୫-୨୬ରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ୨୦୨୫-୨୬ରେ ମନିଟାଇଜ୍ କରିବାକୁ ଯୋଜନା ରଖାଯାଇଥିଲା ବିଭିନ୍ନ ରାଜ୍ୟର ପ୍ରକଳ୍ପଗୁଡ଼ିକର ଏକ ତାଲିକା ମଧ୍ୟ ଜାରି କରାଯାଇଛି। ସେହି ତାଲିକାରେ ଓଡ଼ିଶାର ଗୋଟିଏ ପ୍ରକଳ୍ପ ରହିଛି। ତାହା ହେଉଛି ସୁନାଖଳାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ୭୭ କିମି ରାଜପଥ। ଏହି ତାଲିକାରେ ବିହାରର ୨, ଛତିଶଗଡ଼ର ୧, ହରିୟାଣାର ୧, ଗୁଜରାଟର ୧ , ଝାଡ଼ଖଣ୍ଡର ୪, କର୍ଣ୍ଣାଟକର ୧, କେରଳର ୧, ମହାରାଷ୍ଟ୍ରର ୫, ତେଲେଙ୍ଗାନର ୨, ଉତ୍ତରପ୍ରଦେଶର ୩ ଓ ପଶ୍ଚିମବଙ୍ଗର ୨ଟି ପ୍ରକଳ୍ପ ରହିଛି। ଏହି ମନିଟାଇଜେସନ୍ ସୁନିଶ୍ଚିତ କରିବ ଓ ଘରୋଇ କ୍ଷେତ୍ର ଲାଗି ବାଟ ଖୋଲିବ ବୋଲି ଏନ୍‌ଏଚ୍‌ଏଆଇର ଅଧ୍ୟକ୍ଷ ସନ୍ତୋଷ କୁମାର ଯାଦବ କହିଛନ୍ତି।

# ୱାଣ୍ଡର୍ ଫେଷ୍ଟ୍ ୨୦୨୫ ଆରମ୍ଭ




ଭୁବନେଶ୍ୱର, ୧୦।୬: ପଟିଆର ଏକ ଘରୋଇ ହୋଟେଲ୍‌ରେ ୩ ଦିନିଆ ୱାଣ୍ଡର୍ ଫେଷ୍ଟ୍ ୨୦୨୫କୁ ବାଚସ୍ପତି ସୁରମା ପାଢ଼ୀ ଉଦ୍‌ଘାଟନ କରିଛନ୍ତି। ଏଥିରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓ ଯୁଗ୍ମ ସଚିବ ପି କେ ଗୁପ୍ତା, ଷ୍ଟାର୍ଟଅପ୍ ଓଡ଼ିଶାର ମୁଖ୍ୟ ପ୍ରଶାସନିକ ଅଧିକାରୀ କମଲ୍‌ଜିତ ଦାସ, ଏସ୍‌ଏନ୍‌ଏମ୍ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରବୋଧ ମହାନ୍ତି, ଓସ୍ମିର ମହାସଚିବ ସାତ୍ୱିକ ସ୍ୱାଇଁ, ଯୁଗ୍ମ ସଚିବ ଆଦିକନ୍ଦ ରାଉତ, ମହିଳା ଶାଖା ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାନ୍ତି ଓ ଖୋର୍ଦ୍ଧା ଶାଖା ସଭାପତି ପ୍ରତିଶ୍ରୁତି ଜେନା ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ସରକାର ଗଠନ ପରେ ୩୭୬ରୁ ଅଧିକ ଷ୍ଟାର୍ଟଅପ୍‌କୁ ସମର୍ଥନ ଦିଆଯାଇଥିବା ଉପରେ ଆଲୋକପାତ କରିଥିଲେ। ମହିଳା ଉଦ୍ୟୋଗୀମାନଙ୍କ ପାଇଁ ଏକ ଉତ୍ସର୍ଗୀକୃତ ଏମ୍‌ଏସ୍‌ଏମ୍‌ଇ ପାର୍କ ଖୋଲିବା ବିଷୟରେ ବିଚାର କରାଯାଉଥିବା କହିଥିଲେ। ୱାଣ୍ଡର୍ ଫେଷ୍ଟ ୨୦୨୫ ବ୍ୟବସାୟ ନେଟ୍‌ୱାର୍କିଂ, ସାଂସ୍କୃତିକ ପ୍ରଦର୍ଶନୀ ଏବଂ ଭାବ ବିନିମୟ ଅଧିବେଶନର ପ୍ରତିଶ୍ରୁତି ଦେଉଛି। ଏହା ଓଡ଼ିଶା ଏବଂ ବାହାରେ ଏମ୍‌ଏସ୍‌ଏମ୍‌ଇ, ମହିଳା ଉଦ୍ୟୋଗୀ ଏବଂ ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ସୁଯୋଗ ସୃଷ୍ଟି କରିବ।

# ସାଇନ୍ସ ସିଟି ପାଇଁ ଶୀଘ୍ର ଜମି ମିଳିବ

ଭୁବନେଶ୍ୱର, ୧୦।୬(ସଂଚାର ବ୍ୟୁରୋ): ବିଜ୍ଞାନକୁ ନେଇ ଛାତ୍ରଛାତ୍ରୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ଆଗ୍ରହ ବଢ଼ାଇବା ଲାଗି ରାଜ୍ୟ ସରକାର ଭୁବନେଶ୍ୱରରେ ସାଇନ୍ସ ସିଟି ସ୍ଥାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ନନ୍ଦନକାନନ ଆଖପାଖରେ ୧୦୦ ଏକର ଜମିରେ ଏହାକୁ ସ୍ଥାପନ କରାଯିବ। ଏହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଞ୍ଜୁର କରିସାରିଛନ୍ତି। ଜମି ଚିହ୍ନଟ ହୋଇସାରିଛି। ଖୁବ୍‌ଶୀଘ୍ର ଜମି ମିଳିବ ଓ ପ୍ରକଳ୍ପର ଶିଳାନ୍ୟାସ ହେବ ବୋଲି ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବିକଶିତ ଓଡ଼ିଶା ଟ୍ରଷ୍ଟ ପକ୍ଷରୁ ଆୟୋଜିତ 'ନେକ୍ସଟଜେନ୍ ସମିଟ୍-୨୦୨୫' ଅବସରରେ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଲେ, ଆମେ କୋଲକାତା ଓ ଗୁଜରାଟର ଅହମ୍ମଦାବାଦରେ ଥିବା ସାଇନ୍ସ ସିଟି ବୁଲି ଦେଖିଛୁ। ଏଠାରେ ସେଭଳି ଧରଣର ଏକ ପ୍ରକଳ୍ପର ଆବଶ୍ୟକତା ରହିଛି ଯାହା ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବାରେ ସହାୟକ ହୋଇପାରିବ। ବାୟୋଟେକ୍ନୋଲୋଜି କ୍ଷେତ୍ର ଉପରେ ଆଲୋକପାତ କରି ସେ କହିଥିଲେ ଯେ ଏହି କ୍ଷେତ୍ରର ବିକାଶ ପାଇଁ ୧୧୧୩ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ଅବସରରେ ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରିଜ୍‌ର ସଭାପତି ଡ. ପ୍ରବୋଧ ମହାନ୍ତି, ଏଫ୍ ଏମ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଭେକ୍ଟର ବାୟୋମେଡ୍‌ର କଣ୍ଟ୍ରି ମ୍ୟାନେଜର ଡ. ଇନ୍ଦ୍ରନୀଲ ଘୋଷ, ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସର ନିର୍ଦ୍ଦେଶକ ଡ. ଦେବାଶିଷ ଦାଶ, ବାୟୋକନ ବାୟୋଲଜିକ୍ସର ଗ୍ଲୋବାଲ୍ ହେଡ୍ ଚେଲା ପାଣ୍ଡିଆନ ପିଚାଇ ଓ ଅଭିକ ବିଶ୍ୱାସ ଉପସ୍ଥିତ ଥିଲେ।




# ରେକର୍ଡ ସ୍ତରରେ ରୁପା ଦର

ଭୁବନେଶ୍ୱର, ୧୦।୬(ସଂଚାର ବ୍ୟୁରୋ): ସାରା ଦେଶରେ ବିବାହ ଓ ଶୁଭ କାର୍ଯ୍ୟ ଜାରି ରହିଥିଲା ବେଳେ ରୁପା ଦର ରେକର୍ଡ ସ୍ତରରେ ପହଞ୍ଚିଛି। ରୁପା ଓ ସୁନା ଦର ବୃଦ୍ଧି ମଧରେ ଉଭୟ ଗ୍ରାହକ ଓ ବ୍ୟବସାୟୀ ଆଶାଆଶଙ୍କାରେ ରହିଛନ୍ତି। ନୂଆଦିଲ୍ଲୀ ବଜାରରେ ରୁପା ଦର ପ୍ରାୟ ୧୫୦୦ ଟଙ୍କା ବୃଦ୍ଧି ଘଟି କିଲୋପିଛା ୧,୧୦, ୦୦୦ ଟଙ୍କା ହୋଇଥିଲା ବେଳେ ଭୁବନେଶ୍ୱରରେ କିଲୋପିଛା ୧୮୦୦ ଟଙ୍କା ବଢ଼ି ପ୍ରତି ଗ୍ରାମ ପିଛା ୧,୧୮୦ ଟଙ୍କାରେ ପହଞ୍ଚିଛି। ସେହିଭଳି ଚେନ୍ନାଇ ବଜାରରେ ରୁପା ଦର ସର୍ବୋଚ୍ଚ ୨୩୦୦ ଟଙ୍କା ବୃଦ୍ଧି ପାଇ କିଲୋପିଛା ୧,୨୦,୦୦୦ ଟଙ୍କାରେ କାରବାର ହେଉଛି। ଏପରି କି ମୁମ୍ବାଇ ବଜାରରେ



ରୁପା ଦର ୧୫୦୦ ଟଙ୍କା ବୃଦ୍ଧି ଘଟି ୧,୦୯,୩୦୦ ଟଙ୍କା ଏବଂ କୋଲକାତା ବଜାରରେ ୨୦୦୦ ଟଙ୍କା ବଢ଼ି ୧,୧୦,୮୦୦ ଟଙ୍କାରେ ପହଞ୍ଚିଛି। ସେହିପରି ସୁନା ଦର ନୂଆଦିଲ୍ଲୀରେ ୭୨,୦୦୦ ରୁ ୯୮,୦୦୦ ଟଙ୍କା ଥିଲାବେଳେ ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇରେ ମଧ ସୁନା ଦର ୭୨,୫୦୦ ଟଙ୍କାରୁ ୯୯,୦୦୦ ଟଙ୍କାରେ କାରବାର ହେଉଛି। ଏପରି କି ଭୁବନେଶ୍ୱରରେ ସୁନା ଦର ୭୩୦୦୦ରୁ ୯୮୦୦୦ ମଧରେ ରହିଛି। ଅପରପକ୍ଷରେ ବିବାହ ଓ ଶୁଭ କାର୍ଯ୍ୟ ପାଇଁ ଖୁଚୁରା ଓ ପ୍ରମୁଖ ଗହଣା ବ୍ୟବସାୟ ପ୍ରତିଷ୍ଠାନ (ଅଳଙ୍କାର ଶୋ'ରୁମ)ଗୁଡ଼ିକ ଆକର୍ଷଣୀୟ ରିହାତି ଓ ଅଫର ପ୍ରଦାନ କରୁଥିଲା ବେଳେ କାରବାର ଆଶାଜନକ ହେଉ ନ ଥିବା ଦେଖାଦେଇଛି; ଫଳରେ ଗ୍ରାହକମାନେ ଆଶାଆଶଙ୍କା ମଧରେ କାରବାର ସାଙ୍ଗକୁ ଦରବୃଦ୍ଧି ଯୋଗୁ ଅଗ୍ରୀମ ବୁକିଂ କରୁଥିବା ଜଣାପଡ଼ିଛି। ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ ପରିସ୍ଥିତି ଯୋଗୁ ଚାହିଦା ଅନୁଯାୟୀ ଉତ୍ପାଦନ ହେଉ ନ ଥିଲାବେଳେ ଦରବୃଦ୍ଧି ବଜାରରେ ଅସ୍ଥିରତା ସୃଷ୍ଟି କରୁଛି ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।

# ମାସକରେ ୬୮,୪୩୫ ଗାଡ଼ି ବିକ୍ରି

ଭୁବନେଶ୍ୱର, ୧୦।୬(ସଂଚାର ବ୍ୟୁରୋ): ଚଳିତ ବର୍ଷ ମେ' ମାସରେ ରାଜ୍ୟରେ ୬୮,୪୩୫ଟି ଗାଡ଼ି ବିକ୍ରି ହୋଇଛି। ଫେଡେରେସନ୍ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏସନ୍ (ଏଫ୍‌ଏଡିଏ) ଜାରି କରିଥିବା ତଥ୍ୟରୁ ଏହା ଜଣାପଡ଼ିଛି। ସବୁଠୁ ଖୁସିର ବିଷୟ ହେଉଛି ଚାଷ ଋତୁ ଚାଲିଥିବା ବେଳେ ଟ୍ରାକ୍ଟର ବିକ୍ରିରେ ୨୧.୨୩ ପ୍ରତିଶତ ବୃଦ୍ଧି ହୋଇଛି। ଗତ ମେ'ରେ ରାଜ୍ୟରେ ୫୫,୨୫୯ଟି ଦୁଇଚକିଆ, ୧୯୮୫ଟି ତିନିଚକିଆ ଓ ୨୦୬୪ଟି କାର୍ ବିକ୍ରି ହୋଇଛି। ଏହି ତିନି ପ୍ରକାର ଗାଡ଼ି ବିକ୍ରି ବଢ଼ିଥିବା ବେଳେ କାର୍, ବାଣିଜ୍ୟିକ ଯାନ ଓ ହଦନଶୀଳ ଇଞ୍ଜିନ ଥିବା ଯାନର ବିକ୍ରି ହ୍ରାସ ପାଇଛି। କାର୍ ବିକ୍ରି ୨.୧୪ ପ୍ରତିଶତ ହ୍ରାସ ପାଇଛି। ୨୦୨୪ ମେ'ରେ ୬୫,୮୭୭ଟି ଗାଡ଼ି ରାଜ୍ୟରେ ବିକ୍ରି ହୋଇଥିଲା। ସେହି ତୁଳନାରେ ଚଳିତ ବର୍ଷ ମେ'ରେ ବିକ୍ରି ୪.୦୩ ପ୍ରତିଶତ ବଢ଼ିଛି। ଜାତୀୟ ସ୍ତରର ପ୍ରତିଫଳନ ଓଡ଼ିଶାରେ ଦେଖିବାକୁ ମିଳିଛି। ଯେଉଁ ଗାଡ଼ିଗୁଡ଼ିକର ବିକ୍ରି ଜାତୀୟ ସ୍ତରରେ କମିଥିଲା, ସେଗୁଡ଼ିକ ଓଡ଼ିଶାରେ ବି କମ୍ ବିକ୍ରି ହୋଇଛି। ସର୍ବଭାରତୀୟ ସ୍ତରରେ ମେ' ମାସରେ ୨୨ ଲକ୍ଷ ୧୨ ହଜାର ୮୦୯ଟି ଗାଡ଼ି ବିକ୍ରି ହୋଇଥିଲା। ଯାହା ପୂର୍ବବର୍ଷର ବିକ୍ରି ତୁଳନାରେ ୫.୧୧ ପ୍ରତିଶତ ଅଧିକ। ଏହି ମାସରେ ଦେଶରେ ୧୬,୫୨,୬୩୭ ଦୁଇଚକିଆ, ୧,୦୪,୪୪୮ଟି ତିନିଚକିଆ, ୭୫,୬୧୫ କମର୍ସିଆଲ୍ ଗାଡ଼ି,୩,୦୨,୨୧୪ଟିକାର୍‌ଓ୭୧,୯୯୨ଟିଟ୍ରାକ୍ଟରବିକ୍ରିହୋଇଥିଲା।

### କେଉଁ ଗାଡ଼ି କେତେ ବିକ୍ରି

| ଗାଡ଼ି | ବିକ୍ରି ସଂଖ୍ୟା |
|---|---|
| ୨ଚକିଆ | ୫୫,୨୫୯ |
| ୩ଚକିଆ | ୧୯୮୫ |
| ବାଣିଜ୍ୟିକ ଯାନ | ୨୪୨୦ |
| କାର୍ | ୬୩୦୦ |
| ଟ୍ରାକ୍ଟର | ୨୦୬୪ |

# ଆସନ୍ତା ୨ ମାସରେ ଆରମ୍ଭ ହେବ ଷ୍ଟାରଲିଙ୍କ୍ ସେବା

ନୂଆଦିଲ୍ଲୀ,୧୦।୬: ଏଲନ ମସ୍କଙ୍କ କମ୍ପାନି ସ୍ପେଶ ଏକ୍ସ ନିଜର ଷ୍ଟାରଲିଙ୍କ ସାଟେଲାଇଟ ଇଣ୍ଟରନେଟ ସର୍ଭିସ ଭାରତରେ ଶୀଘ୍ର ଆରମ୍ଭ କରିବ। ଭାରତରେ ସେବା ଆରମ୍ଭ କରିବା ନେଇ ଗତ ସପ୍ତାହରେ ଟେଲିକମ ବିଭାଗ ପକ୍ଷରୁ କମ୍ପାନିକୁ ଲାଇସେନ୍ସ ମିଳିଥିଲା। ଖୁବ୍‌ଶୀଘ୍ର ଟ୍ରାଏଲ କରାଯିବ। ଆଗାମୀ ୨ ମାସରେ କମ୍ପାନି ଭାରତରେ ନିଜର ସେବା ଆରମ୍ଭ କରିପାରେ ବୋଲି ମିଡିଆ ରିପୋର୍ଟରେ ପ୍ରକାଶ ପାଇଛି। ଭାରତୀୟ ବଜାର ଲାଗି କମ୍ପାନି ନିଜର ମୂଲ୍ୟ ଢାଞ୍ଚା ପ୍ରସ୍ତୁତ କରିସାରିଛି। ଏହି ସେବା ଲାଗି କମ୍ପାନିର ସାଟେଲାଇଟ ଡିସ୍ ଡିଭାଇସ ମୂଲ୍ୟ ୩୩ ହଜାର ଟଙ୍କା ରହିବ। ଏହା ବାଦ କମ୍ପାନି ମାସିକ ଅନଲିମିଟେଡ ଡାଟା ପ୍ଲାନର ମୂଲ୍ୟ ୩ ହଜାର ଟଙ୍କା ରଖିବ। ଗୋଟିଏ ମାସର ଫ୍ରି' ଟ୍ରାଏଲ ମଧ ଦେବାକୁ କମ୍ପାନି ଯୋଜନା କରୁଛି।




## ଆଜିର ସୁନା ଦର



ଆନ୍ତର୍ଜାତୀୟ ସ୍ତରରେ ସୁନାର ଦର ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ଭାରତୀୟ ବଜାରରେ ଅନୁଭୂତ ହେଉଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୭, ୫୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୯ ହଜାର ୪୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୭, ୫୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯ ହଜାର ୪୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୭,୫୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯, ୪୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୭, ୭୩୦ ଟଙ୍କା ଓ ୨୨ କ୍ୟାରେଟ୍ ୮୯,୬୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୭, ୫୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯, ୪୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୭, ୫୮୦ ଓ ୮୯, ୪୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୯ , ୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୩୯ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ଛେଳିଚାଷ ପ୍ରତି ଚାଷୀ ବିମୁଖ

- ଅଜଣା ରୋଗ ଆସିଲେ କ୍ଷତି ସହୁଛି ଚାଷୀ
- ସରକାରୀସ୍ତରରେ ମିଳୁନି ପ୍ରୋତ୍ସାହନ



**କାକଟପୁର/ଅସ୍ତରଙ୍ଗ,୧୦।୬ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ପୂର୍ବରୁ ଗରିବ ପରିବାରର ହଠାତ କୌଣସି ସମସ୍ୟା ଦେଖା ଦେଲେ ତୁରନ୍ତ ଘରୁ ଛେଳିଟିଏ ବିକ୍ରି କରି ଉକ୍ତ ଟଙ୍କାରେ ସମସ୍ୟାର ସମାଧାନ ହୋଇଯାଉଥିଲା। ତେଣୁ ଛେଳିକୁ ଗରିବଙ୍କ ଏଟିଏମ୍ ବୋଲି କୁହାଯାଉଥିଲା। କିନ୍ତୁ ଧୀରେ ଧୀରେ ଏବେ ଆଉ ଗାଁଗହଳିରେ ପୂର୍ବରୁ ଯେପରି ଛେଳି ଦେଖିବାକୁ ମିଳୁଥିଲା ଆଉ ସେତେ ମାତ୍ରାରେ ଦେଖିବାକୁ ମିଳୁନାହିଁ। କେବଳ ନାମକୁ ମାତ୍ର ଚାଷୀ ବିନା କୌଣସି ସରକାରୀ ସହାୟତାରେ କିଛି ମାତ୍ରାରେ ଛେଳି ପାଳୁଛନ୍ତି। ଖରା, ବର୍ଷା ଓ ଶୀତ ସହ ସଂଗ୍ରାମ କରି ବର୍ଷ ତମାମ ବଣ ଜଙ୍ଗଲ ବୁଲି ଛେଳି ଚରାଇବା ପରେ ତାକୁ ବିକ୍ରି କରି ପରିବାର ପୋଷଣ କରୁଛନ୍ତି। ଏମାନଙ୍କ ଠାରୁ ବେପାରୀମାନେ ମୂଲ ଚାଲ କରି କମ୍ ଦାମରେ ଛେଳି କିଣି ବଜାରରେ ମାଂସ କିଲୋ ପ୍ରତି ୭୦୦ରୁ ୭୫୦ଟଙ୍କାରେ ବିକ୍ରି କରି ମାଲେ ମାଲ ହେଉଛନ୍ତି। ଏଭଳି ସ୍ଥିତିରେ ଗରିବ ଖଟିଖିଆଙ୍କୁ ମିଳିବାକୁ ଥିବା ଲାଭ ସିଧାସଳଖ ବେପାରୀଙ୍କ ପକେଟକୁ ଯାଉଛି। ତେଣୁ ଗାଁ ଗହଳିର ଏଭଳି ନିରୀହ ଗରିବ ଜନ ସାଧାରଣଙ୍କୁ ସରକାରୀ ସ୍ତରରେ ଛେଳି ପାଳନ ବାବଦରେ ତାଲିମ୍ ଦେବା ନିହାତି ଆବଶ୍ୟକ। ଛେଳି ରୋଗ ବାବଦରେ ସଚେତନ କରାଯିବା ସହ ଶୀଘ୍ର ବଢୁଥିବା ଉନ୍ନତ ପ୍ରଜାତିର ଛେଳି ଯୋଗାଇଦେବା ବ୍ୟବସ୍ଥା କରାଗଲେ ଭବିଷ୍ୟତରେ ଅନେକ ଚାଷୀ ଏଥିପ୍ରତି ଆଗ୍ରହ ପ୍ରକାଶ କରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

ପୂର୍ବରୁ ଗାଁ ଗହଳିରେ ଘରେ ଘରେ ଛେଳି ପାଳନ କରାଯାଉଥିଲା। କିନ୍ତୁ ଏବେ ଶିଶୁଆ, କୋରଣା, ପାଟଳଦା, କେନ୍ଦ୍ରାପଟି, ତାଳଦା, ଆଳସାହି,ଅସ୍ତରଙ୍ଗ ପଂଚାୟତ ମାନଙ୍କରେ କିଛି ମାତ୍ରାରେ ଛେଳି ଅଧିକାଂଶ ଚାଷୀ ଛେଳି ପାଳନ କରୁଥିବା ଜଣାପଡିଛି। କିନ୍ତୁ କୌଣସି ସରକାରୀ ସହାୟତା ଏମାନେ ପାଉ ନାହାନ୍ତି। ସରକାରୀ ପ୍ରୋତ୍ସାହନ ଅଭାବରୁ ଅନେକ ସମୟରେ କ୍ଷତି ସହିବାକୁ ପଡୁଥିବାରୁ ଗାଁ ଗହଳିର ଲୋକେ ଧୀରେ ଧୀରେ ଛେଳି ପାଳନ ଠାରୁ ଦୂରେଇ ଯାଉଛନ୍ତି। ଫଳରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ପୂର୍ବ ଅପେକ୍ଷା ଛେଳି ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ତେଣୁଏ ଦିଗରେ ସରକାର ବିଶେଷ ଧ୍ୟାନ ଦେଇ ଛେଳି ଚାଷୀଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଦେବାକୁ ଦାବୀ ହେଉଛି।



## ଶ୍ରୀଜିର ନୂତନ ସୁଇଟ ଷ୍ଟଲକୁ ଉଦ୍‌ଘାଟନ କଲେ କୋରେଇ ବିଧାୟକ

**ଯାଜପୁର ରୋଡ଼,୧୦।୬ (ସଂଚାର ବ୍ୟୁରୋ):** କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କ ଦ୍ୱାରା ବ୍ୟାସନଗର ପୌରାଂଚଳ ସହରର ଚୋରଦା ବାଇପାସ୍ ଛକ ଠାରେ ଆଜି ଶ୍ରୀଜିର ନୂତନ ସୁଇଟ ଷ୍ଟଲ ଉଦଘାଟିତ ହୋଇଯାଇଛି । ଏହି ଷ୍ଟଲରେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଡିଜାଇନର ସୁସ୍ୱାଦୁ ଓଡ଼ିଶା ଓ ରାଜସ୍ଥାନି ମିଠା ଆଇଟମ ମିଳୁଥିବା ଷ୍ଟଲ ସ୍ୱତାଧିକାରୀ ମହାମୟୀ ପ୍ରତାପ ସ୍ୱାଇଁ କହିଥିଲେ। ଏହି ସହରର ଲୋକମାନଙ୍କୁ ଭଲ ଏବଂ କ୍ୱାଲିଟି ମିଠା ପାଇଁ ଆଗରୁ କଟକ ଭୁବନେଶ୍ୱରକୁ ଯିବାକୁ ପଡୁଥିଲା । କିନ୍ତୁ ଏବେ ଏଭଳି ଏକ କ୍ୱାଲିଟି ମିଠା ଦୋକାନ ଏଠାରେ ଖୋଲା ଯାଇଥିବାରୁ ସହରବାସି ଖୁସି ଥିବା ଷ୍ଟଲର ପ୍ରଥମ ଗ୍ରାହକ ଆଡ଼ଭୋକେଟ ସସ୍ମିତା ସ୍ୱାଇଁ କହିଥିଲେ। ଆଗକୁ ଓଡ଼ିଆଙ୍କ ପର୍ବ ରଜପର୍ବ ଆସୁଥିବାରୁ ଗ୍ରାହକଙ୍କ ପାଇଁ ଆହୁରି ଅନେକ ପ୍ରକାର ରାଜସ୍ତାନି ମିଠା ଏଠାରେ ମିଳିବ ବୋଲି ଆଶା ରଖିଥିବା ଓ୍ୱନର ସୂଚନା ଦେଇଥିଲେ।

## ତୃତୀୟ ଶ୍ରୀକ୍ଷେତ୍ରର ବଡଦାଣ୍ଡରେ ଭୂତଳ ବୈଦ୍ୟୁତିକ ସଂଯୋଗୀକରଣ କାର୍ଯ୍ୟର ଶିଳାନ୍ୟାସ




**ନୀଳଗିରି,୧୦।୬ (ସଂଚାର ବ୍ୟୁରୋ):** ମଙ୍ଗଳବାର ଅପରାହ୍ନରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ବଡଦାଣ୍ଡ ଗୁଣ୍ଡିଚା ମନ୍ଦିର ନିକଟରେ ଭୂତଳ ବୈଦ୍ୟୁତିକ ସଂଯୋଗୀ କରଣ କାର୍ଯ୍ୟର ଶୁଭ ଶିଳାନ୍ୟାସ ହୋଇଯାଇଛି। ଏହାକୁ ମାନ୍ୟବର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, (ଟି.ପି.ଏନ୍. ଓ.ଡି.ଏଲ୍) ଅଧିକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥଶଙ୍କର ରାଏ, ନିର୍ବାହୀଯନ୍ତ୍ରୀ ଦେବାଶିଷ ପୁହାଣ, ଏସ୍.ଡି.ଓ. ଲକ୍ଷ୍ମିକାନ୍ତ ଷଡ଼ଙ୍ଗୀ, ସୋଲାରାଇଜେସନ ମୁଖ୍ୟ ପଙ୍କଜ ପାଟିଲ ସମେତ ଏନ.ଏ.ସି. ର ଭାରପ୍ରାପ୍ତ ନଗରପାଳ ମହେନ୍ଦ୍ରନାଥ ବେହେରା, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସଙ୍କ ଉପସ୍ଥିତିରେ ଶିଳାନ୍ଯାସ ହୋଇଥିଲା। ନୀଳଗିରି ବଡ଼ ଦାଣ୍ଡ ଦୁର୍ଗା ମଣ୍ଡପ ଛକଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ବିଛା ଯିବ ଭୂତଳ କେବୁଲ। ଏହି ଭୂତଳ ବିଦ୍ୟୁତ କେବୁଲ ଦ୍ୱାରା ତୃତୀୟ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ର ସୌନ୍ଦର୍ଯ୍ୟକରଣ ଦ୍ୱିଗୁଣିତ ହେବା ସହିତ ବର୍ଷା, ପବନ ସମୟରେ ବିଦ୍ୟୁତ କାଟର ଭୟ ରହିବ ନାହିଁ। ଉପଭୋକ୍ତା ମାନଙ୍କୁ ୨୪ ଘଣ୍ଟିଆ ନିରବଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦେବା ସହ ଯାତାୟାତ ମଧ ସୁବିଧା ହେବ। ରାଜ୍ୟ ସରକାର ୧୨ ଶହ ମିଟର ଭୂତଳ କେବୁଲ ବିଛାଇବା ପାଇଁ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ସହ ଆଲୋକୀକରଣ କରାଯିବ। ପର୍ଯ୍ୟଟକ ତଥା ସହର ବାସୀଙ୍କ ଯାତାୟତ ହେଉ ଅବା ରଥଯାତ୍ରା ସମୟରେ ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି ବୋଲି କହିଛନ୍ତି ସାଂସଦ ଶ୍ରୀ ଷଡ଼ଙ୍ଗୀ।

## ବରିଷ୍ଠ ନାଗରିକ ବିକାଶ ମଞ୍ଚର ବୈଠକ ଓ ପରିଚୟପତ୍ର ପ୍ରଦାନ



**ବୈଶିଙ୍ଗା,୧୦।୬ (ସଂଚାର ବ୍ୟୁରୋ):** ବୈଶିଙ୍ଗା ବରିଷ୍ଠ ନାଗରିକ ବିକାଶ ମଞ୍ଚର ଏକ ଜରୁରୀ ବୈଠକ କେନ୍ଦୁଆ ଶିବ ମନ୍ଦିର ପାଖରେ ମଂଚର ସଭାପତି ସୀତାନାଥ ବେହେରା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୈଶିଙ୍ଗା ଥାନାର ଆଇଆଇସି ବାରିଣୀ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ପାଦକ ଅଶ୍ୱିନୀ କୁମାର ମହାରଣା ବିଭିନ୍ନ ପ୍ରସ୍ତାବ ମାନ ଆଗତ କରିଥିଲେ । ଆଗାମୀ ଦିନରେ କରାଯିବାକୁ ଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସମ୍ବନ୍ଧରେ ନିଷ୍ପତ୍ତି ମାନ ନିଆ ଯାଇଥିଲା । ସେଥି ମଧରେ ଚାରା ରୋପଣ, ରକ୍ତଦାନ ଶିବିର, କରୋନା ନିମନ୍ତେ ସଚେତନତା ସଭା, ଅସହାୟ ଓ ବାର୍ଦ୍ଧକ୍ୟ ଜନିତ ସମସ୍ୟାରେ ସାହାଯ୍ୟ ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା। ଏହାବ୍ୟତୀତ ବରିଷ୍ଠ ନାଗରିକଙ୍କ ସୁରକ୍ଷା ନିମିତ୍ତ ପ୍ରଣୀତ ବିଭିନ୍ନ ଆଇନ ମଧରେ ପିତା ମାତା ଓ ବରିଷ୍ଠ ନାଗରିକଙ୍କ ଭରଣ ପୋଷଣ ଓ ସୁରକ୍ଷା ଆଦି ସମ୍ପର୍କରେ ପ୍ରବୋଧ କୁମାର ପଣ୍ଡା ଆଲୋଚନା କରିଥିଲେ । ଏଥିରେ ମଞ୍ଚର ଅନ୍ୟ ସଦସ୍ୟ ଲକ୍ଷ୍ମୀଧର ନାଥ, ହରିଶ୍ଚନ୍ଦ୍ର ରାଉତ, ପରେଶ୍ ଚନ୍ଦ୍ର ଆଚାର୍ଯ୍ୟ ଆଦି ଅଂଶ ଗ୍ରହଣ କରିଥିଲେ । ଅଦ୍ୟ ମଞ୍ଚରେ ବୈଶିଙ୍ଗା ଥାନାଧିକାରୀ ବାରିଣୀ କୁମାର ଦାସ ନୂତନ ଭାବରେ ବରିଷ୍ଠ ନାଗରିକ ପରିଚୟପତ୍ର ପାଇବାକୁ ଥିବା ୧୯ ଜଣଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ । ସେ ତାଙ୍କ ବକ୍ତବ୍ୟ ମାଧମରେ ବରିଷ୍ଠ ନାଗରିକମାନେ ହିଁ ସମାଜର ଅମୂଲ୍ୟ ସମ୍ପଦ । ସେମାନଙ୍କର ଜୀବନ ଧାରଣ ପାଇଁ ସବୁ ପ୍ରକାରର ଆଗୁଆ ନ୍ୟାୟ ଦେବା ପାଇଁ କହିଥିଲେ ।

## ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



**ଡେଲାଙ୍ଗ,୧୦।୬ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଗଡ଼ ମୋଟରି ଗ୍ରାମ ପଞ୍ଚାୟତର କଲ୍ୟାଣ ମଣ୍ଡପ ଠାରେ ଡେଲାଙ୍ଗ ବ୍ଲକ୍ ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଉତ୍ସବକୁ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କଲେ ବ୍ଲକ୍ ଅଧକ୍ଷା ବାସନ୍ତୀ ସାହୁ। ବିଡ଼ିଓ କ୍ଷିତିଶ ବେହେରା, ବ୍ଲକ ଉପାଧକ୍ଷ ଦୁର୍ବାସା ନିଷଙ୍କ,ସିଡିପିଓ ଜାପାନୀ ମିତ୍ର, ବିପିଏମ ବବିତା ଜେନା,ଗଡ଼ ମୋଟରୀ ସରପଞ୍ଚ ମାର୍କଣ୍ଡ ମଙ୍ଗରାଜ, ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡଃ ଜେ ପି ସାମନ୍ତରାୟ, ଫର୍ମାଷ୍ଟିକ କ୍ଷେତ୍ର ମୋହନ ସାମନ୍ତରାୟ,ଅଗ୍ନିଶମ ବିଭାଗ ଭାରପ୍ରାପ୍ତ ଅଧିକାରୀ ପବିତ୍ର ମୋହନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ୨୦ଟି ଏସଏଚଜି ଗ୍ରୁପର ମହିଳାମାନେ ଅଂଶଗ୍ରହଣ କରି ପାରମ୍ପରିକ ଓଡ଼ିଆ ଘରର ପିଠାପଣା ପ୍ରସ୍ତୁତି କରିଥିଲେ। ଉପସ୍ଥିତ ଅତିଥିମାନେ ଏହାକୁ ବୁଲି ଦେଖିବା ସହିତ ଚାଖଣ କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ବାବା ଗତିଶ୍ୱୋର ଦେବ ଏସଏଚଜି ଗ୍ରୁପ ଯମୁନା ରେଙ୍ଗଳ ପଞ୍ଚାୟତକୁ ଅର୍ଥରାଶି ୫୦୦୦ ଟଙ୍କା ସହିତ ଉତ୍ତରୀୟ, ପୁଷ୍ପଗୁଚ୍ଛ ଏବଂ ମାନପତ୍ର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସେହିପରି ୨ୟ ସ୍ଥାନ ଅଧିକାର କରିଥିବା ଗୁଆଳୀପଡ଼ା ପଞ୍ଚାୟତର ପ୍ରତିଭା ଏସଏଚଜି ଗ୍ରୁପକୁ ୪୦୦୦/ ଟଙ୍କା ର ଅର୍ଥରାଶି ସହିତ ଉତ୍ତରୀୟ ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ଅତିଥିମାନେ ସ୍ୱାଗତ ଜଣାଇଥିଲେ।

## ମଣ୍ଡି ପରିଦର୍ଶନ କଲେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି



**ସୁବର୍ଣ୍ଣପୁର,୧୦।୬ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁରର ବିଭିନ୍ନ ମଣ୍ଡି ପରିଦର୍ଶନ କରିଛନ୍ତି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ। ଜିଲ୍ଲାର କଳାପଥର, ମହାଦେବପାଲି, ବିନିକା, ରାମପୁର, ଡୁଙ୍ଗୁରିପାଲି ଏବଂ ତେରୁପାର୍ଲୀ ପ୍ରଭୃତି ଧାନମଣ୍ଡୀକୁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ପରିଦର୍ଶନ କରିବା ସହିତ ଚାଷୀ ମାନଙ୍କ ସହିତ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଓଡିଶାରେ ଧାନ କିଣା କାରବାର ସ୍ୱଚ୍ଛତା ଓ ଶୃଙ୍ଖଳିତ ଭାବେ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ଅଧିନିୟମ ମାର୍ଗଦର୍ଶିକା ଅନୁଯାୟୀ ଠିକଠାକ୍ ଭାବେ ଚାଷୀ ମାନଙ୍କ ଠାରୁ ଧାନ କ୍ରୟ କରାଯାଉଛି କି ନାହିଁ ରାଜ୍ୟ ସଭାପତି ଶ୍ରୀ ସାହୁ ତଦାରଖ କରିଥିଲେ। ଚାଷୀ ମାନଙ୍କର ଆୟକୁ ଦୁଇ ଗୁଣା କରିବା ସହ ସେମାନଙ୍କୁ ସମୃଦ୍ଧ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସରକାର ବ୍ୟାପକ କୃଷକ କଲ୍ୟାଣକାରୀ ଯୋଜନା କରୁଛନ୍ତି। ବିଜେପି ସରକାର ଚାଷୀମାନଙ୍କ ପାଇଁ ସମର୍ପିତ ସରକାର ବୋଲି ରାଜ୍ୟ ସଭାପତି ଶ୍ରୀ ସାହୁ କହିଥିଲେ।

ସୁବର୍ଣ୍ଣପୁର ଧାନମଣ୍ଡୀ ପରିଦର୍ଶନ ସମୟରେ ଚାଷୀ ମାନଙ୍କୁ ଚିରାଫଟା ବସ୍ତା ଦିଆଯାଉ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ତତସହିତ ମିଲରମାନେ ଧାନ ପରିବହନ ପାଇଁ ଗାଡି ଠିକ ଭାବେ ଦେଉ ନ ଥିବାରୁ ହଇରାଣ ହରକତ ହେଉଥିବା ଉପସ୍ଥିତ ଚାଷୀମାନେ ଶ୍ରୀ ସାହୁଙ୍କ ଠାରେ ଅଭିଯୋଗ କରିଥିଲେ। ଏହି ସବୁ ସମସ୍ୟାର ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ସାହୁ କହିଥିଲେ। ଏହି ପରିଦର୍ଶନ ସମୟରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ପୁଲିନ୍ ପ୍ରକାଶ ପୁହାଣଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଓ ଶତାଧିକ ଚାଷୀ ସାମିଲ ହୋଇଥିଲେ।

## ଗୋରୁ ଚୋରିକରି ଛେଚା ଖାଇଲେ ୭ ଯୁବକ

**ନୀଳଗିରି,୧୦।୬ (ସଂଚାର ବ୍ୟୁରୋ):** ଗୋରୁ ଚୋରି କରି ଖୁଣ୍ଟିରେ ବନ୍ଧା ହେଲେ ସାତ ଯୁବକ। କଙ୍ଗାରୁ କୋର୍ଟରେ ନିଷ୍ପତ୍ତି ଅନୁସାରେ ହେଲା ନିର୍ଦ୍ଧୁମ ମାଡ଼। ଏଭଳି ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ ବରହମପୁର ଥାନା ଅଧୀନ କେସିପୁର ପଞ୍ଚାୟତ ଟୁଲଙ୍ଗଡାବ ଗ୍ରାମରେ। ହସ୍ତଗତ ସୂଚନାରୁ ଜଣା ପଡ଼ିଛି ଉକ୍ତ ଅଞ୍ଚଳର କେତେକ ଯୁବକ ଗତ କାଲି ବିଳମ୍ବିତ ରାତିରେ ଗ୍ରାମର କିଛି ଲୋକଙ୍କ ଗୁହାଳରୁ ଗୋରୁ ଚୋରି କରି ଚଲେଇ ଚଲେଇ ନେଉଥିବା ବେଳେ ଗ୍ରାମବାସୀ ଦେଖିବା ପରେ ସେମାନଙ୍କୁ ଅଟକ ରଖି ଗଛରେ ବାନ୍ଧି ନିର୍ଦ୍ଧୁମ ଛେଚିଥିଲେ। ମଙ୍ଗଳବାର ଖବର ପାଇ ଘଟଣା ସ୍ଥଳରେ ବରହମପୁର ପୁଲିସ ପହଞ୍ଚି ୭ ଯୁବକଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖିଥିବା ବେଳେ ତଦନ୍ତ ଆରମ୍ଭ କରିଛି। ଉକ୍ତ ଯୁବକମାନେ ପୂର୍ବରୁ ମଧ ଏକାଧିକ ବାର ଗୋରୁ ଚୋରିରେ ଲିପ୍ତଥିବାର ସ୍ଥାନୀୟ ଗ୍ରାମବାସୀଙ୍କ ଠାରୁ ସୂଚନା ମିଳିଛି। ଗୋରୁ ଚୋରି ରାକେଟକୁ ଧରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବୀ ହୋଇଛି।

## ବ୍ଲକ୍ ଓ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟରେ ରାଜନୈତିକ ହସ୍ତକ୍ଷେପକୁ ବିରୋଧ




**ସୁବର୍ଣ୍ଣପୁର,୧୦।୬ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ପଞ୍ଚାୟତ ପ୍ରତିନିଧି ମାନଙ୍କ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ । ପଞ୍ଚାୟତିରାଜ ନିୟମକୁ ଖିଲାପ କରୁଛନ୍ତି ନିର୍ବାଚିତ ଶାସକ ଦଳର ବିରାମହାରାଜପୁର ବିଧାୟକ ରଘୁନାଥ ଓ ବଲାଙ୍ଗୀର ସାଂସଦ ସଂଗୀତା ସିଂଦେଓ ଏପରି ଅଭିଯୋଗ ଆଣିଛନ୍ତି ସୁବର୍ଣ୍ଣପୁର ଜିଲ୍ଲାର ନିର୍ବାଚିତ ପଞ୍ଚାୟତ ପ୍ରତିନିଧି । ଜିଲ୍ଲାର ସମସ୍ତ ସରପଞ୍ଚ ଏବଂ ବ୍ଲକ ଅଧକ୍ଷ ଓ ଉପାଧାକ୍ଷ ଓ ଜିଲ୍ଲା ପରିଷଦ ସଦସ୍ୟ ମାନେ ଏହାର ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତ ପ୍ରତିନିଧି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସୂଚନାଯୋଗ୍ୟ ନୂଆ ସରକାର ଆସିବା ପରେ ପଞ୍ଚାୟତ ପ୍ରତିନିଧି ମାନଙ୍କୁ ସରକାରୀ ଦଳର ପ୍ରରୋଚନରେ ଆକ୍ରୋଶମୂଳକ ଭାବେ ହଇରାଣ ହରକତ କରିବା ସହ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି କରାଯାଉଥିବା ଅଭିଯୋଗ ହୋଇଛି । ବ୍ଲକ ଓ ପଞ୍ଚାୟତରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ରାଜନୈତିକ ହସ୍ତକ୍ଷେପକୁ ବିରୋଧ କରିଛନ୍ତି ପଞ୍ଚାୟତ ପ୍ରତିନିଧି ସଂଘ । ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରା ପଟାଭାଡି ଛକରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ବିଭାଗ ମୁଖ୍ୟଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି ।

## କାଙ୍କପୁର ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ



**କଣାସ,୧୦।୬ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାର କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷ ସାରା କଣାସ ବ୍ଲକରେ ପାନୀୟ ଜଳ ସମସ୍ୟା ଲାଗି ରହୁଥିବାରୁ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ରୌଦ୍ରତାପ ସମୟରେ ମୁଣ୍ଡ ବିନ୍ଧାର କାରଣ ହୋଇପଡେ ପ୍ରତ୍ୟେକ ବର୍ଷ ବ୍ଲକ ପ୍ରଶାସନ ନିର୍ଦ୍ଦେଶରେ ପଞ୍ଚାୟତର ସରପଞ୍ଚମାନେ ଅପ୍ରେଲ ୧ ତାରଖ ଠାରୁ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଦୀର୍ଘ ତିନି ମାସ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇଥାନ୍ତି ଯାହାକି ସମୁଦ୍ରକୁ ଶଙ୍ଖେ ଦେଇପୁର ଗ୍ରାମପଞ୍ଚାୟତର କାଙ୍କପୁର ଗ୍ରାମରେ ୧୨ ଶହରୁ ଉର୍ଦ୍ଧ୍ୱ ଲୋକ ବସାବାସ କରୁଥିବା ବେଳେ ପାନୀୟ ଜଳ ପାଇଁ କୌଣସି ସୁବିଧା ନଥିବାରୁ ବିଶୁଦ୍ଧ ପୋଖରୀ ଓ ନାଳ ଜଳକୁ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି। ଗ୍ରାମବାସୀମାନେ ପୁରୀ ଜିଲ୍ଲାପାଳଙ୍କ ନିକଟରେ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଆବେଦନ କରିଥିଲେ।

## ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା

**କେନ୍ଦ୍ରାପଡା,୧୦।୬(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ବିଡିଓ ଅଭିଶେକ ସ୍ୱାଇଁଙ୍କ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷା ରଶ୍ମିତା ସେଠୀ, ମିଶନ ଶକ୍ତି ଡିପିସି ବିକାଶ ମହାନ୍ତି, ଡବ୍ଲୁଓ ଶୁଭ୍ରଜିତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବ୍ଲକର ୧୬ଟି ସ୍ୱୟଂସହାୟିକା ଗୋଷ୍ଠୀ ଆବେଦନ କରିଥିବାବେଳେ ୧୩ଟି ଗୋଷ୍ଠୀ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଥିବାବେଳେ ପ୍ରତିଯୋଗୀତାରେ ପ୍ରଥମ ହୋଇଥିବା ଧୂମାତର ହରପ୍ରାବତୀ ଗୋଷ୍ଠୀଙ୍କୁ ୫ ହଜାର ଟଙ୍କା ଓ ଦ୍ୱିତୀୟ ହୋଇଥିବା କପାଳେଶ୍ୱର ବାସୁଦେବ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ୪ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଛି ।

## ଜିଏସଟି ଅତିରିକ୍ତ ଆୟୁକ୍ତ ସତ୍ୟନାରାୟଣ ପଣ୍ଡାଙ୍କୁ ଟ୍ୟାକ୍ସବାର ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା



**ଯାଜପୁର ରୋଡ଼,୧୦।୬(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଟ୍ୟାକ୍ସ ବାର ଆସୋସିଏସନ୍ ତରଫରୁ ନୂତନ ଭାବେ ନିଯୁକ୍ତ ହୋଇଥିବା ରାଜ୍ୟ ଜିଏସଟି ବିଭାଗର ଯାଜପୁର ରେଞ୍ଜର ଅତିରିକ୍ତ ଆୟୁକ୍ତ ଶ୍ରୀ ସତ୍ୟନାରାୟଣ ପଣ୍ଡା'ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଟ୍ୟାକ୍ସ ବାରର ସଭାପତି ଶ୍ରୀ ବିବେକାନନ୍ଦ ମହାନ୍ତି , ସମ୍ପାଦକ ଧନେଶ୍ୱର ବାରିକ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ଶର୍ମା, ମାନସ ରଞ୍ଜନ ସାମଲ,ଦିଲ୍ଲୀପ କୁମାର ମଲ୍ଲିକ, ହେମନ୍ତ ପଥାଳ, ବିଦ୍ୟାଧର ମହାନ୍ତି,ସତ୍ୟଜିତ ଶତପଥି, ରାଜେନ୍ଦ୍ର ଧୀରସାମନ୍ତ, ଅକ୍ଷୟ କୁମାର ବାରିକ୍ ,ରମାକାନ୍ତ ସେଠୀ, ରତିକାନ୍ତ ବେହେରା, ଦେବବ୍ରତ ବାରିକ, ପ୍ରବୀର ରାଉତ'ଙ୍କ ସମେତ ଏଥିରେ ସାମିଲ ହୋଇ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ପରେ ଓକିଲ ମାନେ ଶ୍ରୀପଣ୍ଡା ଏବଂ, ସର୍କଲ ହେଡ ଯୁଗ୍ମ ଅଯୁକ୍ତ ଲାଲ ବାହାଦୁର ବିଶ୍ୱାଳ'ଙ୍କ ସହିତ ଜିଏସଟିର ବିଭିନ୍ନ ଅସୁବିଧା ଉପରେ ଦୃଷ୍ଟି ଆକର୍ଷଣ କରି ଆଲୋଚନା କରିଥିଲେ ଏବଂ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଭିତରେ ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ଶ୍ରୀପଣ୍ଡା ପ୍ରତିଶ୍ରୁତି ଦେଇଥିଲେ।



## ଅଜଣା ଗାଡି ଧକ୍କାରେ ଯୁବକଙ୍କ ମୃତ୍ୟୁ

**କଣାସ,୧୦।୬ (ସଂଚାର ବ୍ୟୁରୋ):** ଆଜି ନୂଆ ଜଗନ୍ନାଥ ସଡକର ଚୁପୁରିଙ୍ଗି ନିକଟରେ ନିର୍ମାଣ କରାଯାଉଥିବା ପାନୀୟ ଜଳ ମେଗା ପ୍ରକଳ୍ପ ନିକଟରେ ଆଜି ଦିନ ଏକ ଘଣ୍ଟା ତିରିଶ ମିନିଟ ସମୟରେ ଅଜଣା ଗାଡି ଧକାରେ ଜଣେ ଯୁବକ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଖବର ନେବାରେ ଜଣାପଡ଼ିଛି ବିନ୍ଧଣ ଗ୍ରାମର ପ୍ରତାପ ବିଶ୍ୱାଳଙ୍କ ପୁତ୍ର ତପନ ବିଶ୍ୱାଳ ୨୭ ବର୍ଷ ମଟର ସାଇକେଲରେ ନିରାକରପୁରରୁ ଗ୍ରାମକୁ ଫେରୁଥିବାବେଳେ ମେଗା ପାନୀୟ ଜଳ ପ୍ରକଳ୍ପ ସମ୍ମୁଖରେ କୌଣସି ଗାଡି ସହିତ ଧକା ହୋଇ ମୃତ୍ୟୁ ବରଣ କରିଥିବାବେଳେ ଧକା ଦେଇଥିବା ଗାଡିଟି ଫେରାର ହୋଇଯାଇଛି। ତପନଙ୍କ ମୃତ ଶରୀର ରାସ୍ତା ଉପରେ ପଡ଼ି ରହିଥିବାବେଳେ ଖବର ପାଇ ବିନ୍ଧଣ ଗ୍ରାମର ଶତାଧିକ ଲୋକ ଆସି ଘଟଣା ସ୍ଥଳରେ ପହଁଚି ନୂଆ ଜଗନ୍ନାଥ ସଡକକୁ ଅବରୋଧ କରିବସିଥିଲେ। ଖବର ପାଇ ଗଡ଼ିଶାଗୋଦା ଥାନା ଅଧିକାରୀ ସୁଧିର କୁମାର ଦାସ, ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀ ଘଟଣା ସ୍ଥଳରେ ପହଁଚି ଅବରୋଧ କରି ବସିଥିବା ଲୋକମାନଙ୍କ ସହିତ ଆଲୋଚନା କରି ରେଡକ୍ରସ ତରଫରୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଦୀର୍ଘ ଛଅ ଘଣ୍ଟା ଧରି ରାସ୍ତା ଅବରୋଧ ରହିଥିଲା।

# ଗେଣ୍ଡୁଫୁଲ ଚାଷ ଦେଇଛି ସ୍ୱତନ୍ତ୍ର ପରିଚୟ

- ପନିପାରିବା ଠାରୁ ଅଧିକ ଟଙ୍କାରେ ହେଉଛି ବିକ୍ରି
- କମ ଖର୍ଚ୍ଚ ଓ କମ ସମୟରେ ମିଳୁଛି ଅଧିକ ଲାଭ



**କଳାହାଣ୍ଡି,୧୦।୬ (ସଂଚାର ବ୍ୟୁରୋ):** ସରକାରୀ ସହାୟତାରେ ଚାଷୀମାନେ କିଏ ଧାନ ଚାଷ ତ ଆଉ କିଏ ପନିପରିବା ଚାଷ ତ ଆଉ କିଏ ଡାଲି ଜାତୀୟ ଫସଲ ଚାଷ କରି ସ୍ୱାବଲମ୍ବୀ ହେଉଛନ୍ତି । ହେଲେ ଏମିତି ଜଣେ ଚାଷୀ ଅଛନ୍ତି ଏ ସବୁକୁ ମାତ ଦେଇ ଗେଣ୍ଡୁଫୁଲ ଚାଷ କରି ସ୍ୱାବଲମ୍ବୀ ହୋଇଛନ୍ତି । ଗୋଲାମୁଣ୍ଡା ବ୍ଲକରେ ଜଣେ ମାତ୍ର ଚାଷୀ ଯିଏକି ଗେଣ୍ଡୁଫୁଲ ଚାଷ କରି ପାଇଛନ୍ତି ନିଜର ସ୍ୱତନ୍ତ୍ର ପରିଚୟ ।

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଧାମନପୁର ପଞ୍ଚାୟତର ମୁକୁନ୍ଦପୁର ଗ୍ରାମର ଚାଷୀ ମୁନିରାମ ପୁଟେଲ ଆଗରୁ ପନିପରିବା ଚାଷ କରୁଥିଲେ । ହେଲେ କୃଷି ଉଦ୍ୟାନ ବିଭାଗର ସହାୟତାରେ ସେ ଗତ ୨୦୧୮ ମସିହାରେ ଗେଣ୍ଡୁଫୁଲ ଚାଷ ଆରମ୍ଭ କରିଥିଲେ । ଚାଷୀ ମୁନିରାମ ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳୀ ପୁଟେଲ ନିଜ ଘର ପଛପଟେ ଥିବା ୫୦ ଡ଼ିସିମିଲ ଜାଗାରେ ଗେଣ୍ଡୁଫୁଲ ଚାଷ କରିଛନ୍ତି । ଗେଣ୍ଡୁଫୁଲ ଚାଷରେ କମ ଖର୍ଚ୍ଚ ଓ କମ ସମୟ ଦେଉଥିବା ବେଳେ ଭଲ ଲାଭବାନ ମଧ୍ୟ ହେଉଛନ୍ତି। ଗେଣ୍ଡୁଫୁଲ ଚାଷ ରେ ବର୍ଷକୁ ଲକ୍ଷେ ଟଙ୍କା ଆୟ କରନ୍ତି। ବିଗତ ୫ ବର୍ଷ ହେବ ନିଜ ବାଡ଼ିରେ ଫୁଲ ଚାଷ କରିଥିବା ବେଳେ ଏକ ପାର୍କର ମଧ୍ୟ ଭ୍ରମ ସୃଷ୍ଟି କରିଛି ।

ଜିଲ୍ଲାର ଭବାନୀପାଟଣା, ଜୁନାଗଡ଼ ଧର୍ମଗଡ଼ ବ୍ଲକର ଫୁଲ ଦୋକାନୀମାନେ ନେଇ ବିକ୍ରି କରିଥାନ୍ତି । ବର୍ତ୍ତମାନ ଗେଣ୍ଡୁଫୁଲ ପନିପରିବା ଠାରୁ ମଧ୍ୟ ଅଧିକ ଦାମରେ ବିକ୍ରି ହେଉଛି । କେଜି ପ୍ରତି ୬୦ ଟଙ୍କାରେ ବିକ୍ରି କେଉଁଥିବା ନେଇ ଚାଷୀ କହିଛନ୍ତି । ଆଜିକା ଦିନରେ ଯେକୌଣସି ଚାଷହେଉନା କାହିଁକି ନିଜର ତନ, ମନ ଓ ଧନ ଲଗାଇ ଚାଷ କଲେ ନିହାତି ଭାବରେ ଆଗକୁ ବଢ଼ି ପାରିବେ। ଏହା ମୁକୁନ୍ଦପୁର ଗ୍ରାମର ଚାଷୀ ମୁନିରାମ ପୁଟେଲ କରିକି ଦେଖାଇଛନ୍ତି ।

# ବିଜ୍ଞାନ



## ସାଓମିର ନୂଆ ଫ୍ଲାଗସିପ୍

ଚୀନ୍‌ର ଅନ୍ୟତମ ବହୁଦେଶୀୟ ଫୋନ୍‌ନିର୍ମାତା 'ସାଓମି' କମ୍ପାନି ତାହାର ସଦ୍ୟତମ ସ୍ମାର୍ଟଫୋନ୍ 'ସାଓମି ୧୫ ଅଲ୍‌ଟ୍ରା'ର ବଜାରପ୍ରବେଶ କରାଇଛି। ଆସନ୍ତା କିଛି ସପ୍ତାହ ଭିତରେ ଭାରତ ସମେତ ଆନ୍ତର୍ଜାତିକ ବଜାରରେ ଉପଲବ୍ଧ ହେବାକୁ ଥିବା ଏହି ଫୋନ୍ ସ୍ନାପଡ୍ରାଗନ୍ ୮ ଇଲାଇଟ୍ ଚିପ୍‌ସେଟ୍ ଦ୍ୱାରା କାର୍ଯ୍ୟକ୍ଷମ, ଯାହାର ରାମ୍ କ୍ଷମତା ୧୬ ଜିବି ଯାଏ ରହିଛି। ଏହାର ୬.୭୩ ଇଞ୍ଚର ୨,୦୦୦ ଟିସିଏଲ୍ ଓଲେଡ୍ ପରଦାର ୧ରୁ ୧୨୦ ହର୍ଜ ଯାଏ ପରିବର୍ତ୍ତନଶୀଳ ରିଫ୍ରେସ ରେଟ୍ ରହିଛି ଏବଂ ଏହା ଏଚ୍‌ଡିଆର୧୦ ପ୍ଲସ ଓ ଡଲ୍‌ବି ଭିଜନ୍ ପ୍ରଯୁକ୍ତିକୁ ସମର୍ଥନ କରିବାକୁ ସକ୍ଷମ। ଏହା ପଛରେ ଚାରିଟି କ୍ୟାମେରା ରହିଛି: ୫୦ ମେଗାପିକ୍ସେଲ ପ୍ରାଇମେରି ସେନ୍ସର, ୫୦ ମେଗାପିକ୍ସେଲ ଜୁମ୍ ସେନ୍ସର, ୫୦ ମେଗାପିକ୍ସେଲ ଅଲଟ୍ରାୱାଇଡ୍ ଲେନ୍ସ ଓ ୨୦୦ ମେଗାପିକ୍‌ସେଲର ଏକ ଶକ୍ତିଶାଳୀ ପେରିସ୍କୋପ୍ ଟେଲିଫଟୋ ଲେନ୍ସ। ଏହାର ୬,୦୦୦ ଏମ୍‌ଏଏଚ୍‌ର ବ୍ୟାଟେରିଟି ୯୦ ୱାଟ୍‌ର ତାରଯୁକ୍ତ ଚାର୍ଜିଂ ଏବଂ ୮୦ ୱାଟ୍‌ର ବେତାର ଚାର୍ଜିଂ ପାଇଁ ସୁସଂଗତ। ଏହାର ୧୨ ଜିବି ରାମ୍ ଓ ୨୫୬ ଜିବି ମେମୋରି ସଂସ୍କରଣର ମୂଲ୍ୟ ୬,୪୯୯ ଚୀନୀ ୟୁଆନ୍ ବା ୭୮,୦୦୦ ଟଙ୍କା ରହିଥିବାବେଳେ ୧୬ ଜିବି ରାମ୍ ଓ ୫୧୨ ଜିବି ମେମୋରି ସଂସ୍କରଣର ଦାମ୍ ୬,୯୯୯ ଚୀନୀ ୟୁଆନ୍ ବା ପ୍ରାୟ ୮୪,୦୦୦ ଟଙ୍କା ରଖାଯାଇଛି। ସେହିପରି ୧୬ ଜିବି ରାମ୍ ଓ ୧ ଟିବି ମେମୋରି ବିଶିଷ୍ଟ ଶୀର୍ଷ ସଂସ୍କରଣର ଦର ୭,୭୯୯ ୟୁଆନ୍ ବା ୯୩,୫୦୦ ଟଙ୍କା ରହିଛି।



## ଜହ୍ନମୁହାଁ ହେଉଛନ୍ତି ଘରୋଇ ମହାକାଶ କମ୍ପାନି



**ପ୍ରଥମ ଘରୋଇ ମହାକାଶ କମ୍ପାନି ଭାବେ 'ଫାୟାରଫ୍ଲାଇ ଏରୋସ୍ପେସ'ର 'ବ୍ଲୁ ଘୋଷ୍ଟ' ମହାକାଶଯାନ ଗତ ରବିବାର ଚନ୍ଦ୍ରପୃଷ୍ଠରେ ନିଖୁଣ ଅବତରଣ କରିଛି। ଏ ବର୍ଷ ଏମିତି ଆଉ ପାଞ୍ଚଟି ଘରୋଇ କମ୍ପାନି ଚନ୍ଦ୍ରରେ ଅବତରଣ କରିବାର ଲକ୍ଷ୍ୟ ରଖିଛନ୍ତି**

ଆମେରିକାର ଘରୋଇ ମହାକାଶ କମ୍ପାନି 'ଫାୟାରଫ୍ଲାଇ ଏରୋସ୍ପେସ' ଦ୍ୱାରା ପ୍ରେରିତ ମହାକାଶଯାନ 'ବ୍ଲୁ ଘୋଷ୍ଟ' ଗତ ରବିବାର ଚନ୍ଦ୍ରପୃଷ୍ଠରେ ସଫଳତାର ସହ ଅବତରଣ କରିଛି। କୌଣସି ଘରୋଇ କମ୍ପାନି ଦ୍ୱାରା ଚନ୍ଦ୍ରପୃଷ୍ଠରେ ନିର୍ଭୁଲ ଭାବେ ଓହ୍ଲାଇବାରେ ଏହା ହେଉଛି ପ୍ରଥମ ମହାକାଶଯାନ।

ଗତବର୍ଷ ଫେବ୍ରୁଆରିରେ ହଷ୍ଟନ୍ ସ୍ଥିତ ଅନ୍ୟତମ ଘରୋଇ ମହାକାଶ କମ୍ପାନି 'ଇନ୍‌ସୁଇଟିଭ୍ ମେସିନ୍‌ସ' ଦ୍ୱାରା ଚନ୍ଦ୍ର ଅଭିମୁଖେ ପ୍ରେରିତ ମହାକାଶଯାନ 'ଓଡିସିଅସ' ଯଦିଓ ଚନ୍ଦ୍ରରେ ଅବତରଣ କରିବାରେ ପ୍ରଥମ ଘରୋଇ ମହାକାଶଯାନର କୀର୍ତ୍ତିମାନ ହାସଲ କରିଥିଲା, ତେବେ ଅବତରଣ ବେଳେ ତାହାର ଗୋଡ଼ ଦୁଇଟି ଭାଙ୍ଗିଯାଇଥିଲା। 'ବ୍ଲୁ ଘୋଷ୍ଟ' ମହାକାଶଯାନଟି ଚନ୍ଦ୍ର ବିଷୁବରେଖାର ୨୦ ଡିଗ୍ରି ଉତ୍ତରକୁ ସଫଳତାର ସହ ଅବତରଣ କରିଥିଲା। ଅବତରଣ ସ୍ଥଳରେ ପ୍ରାୟ ୩୦୦ କୋଟି ବର୍ଷ ତଳେ ଏକ ଗ୍ରହାଣୁପିଣ୍ଡ ଧକ୍କା ଖାଇଥିବାରୁ ତାହା ଗୁରୁତ୍ୱ ବହନ କରୁଛି। 'ବ୍ଲୁ ଘୋଷ୍ଟ'ରେ ଚନ୍ଦ୍ରପୃଷ୍ଠରେ ଚାଲିବା ପାଇଁ କୌଣସି ରୋଭର ପଠାଯାଇନାହିଁ। ସୁତରାଂ ତାହା ଅବତରଣ ସ୍ଥଳରେ ହିଁ ସ୍ଥିର ରହି ଯାହା କିଛି ପରୀକ୍ଷାନିରୀକ୍ଷା ଚଳାଇବ। ଏହା ଗୋଟିଏ ଚନ୍ଦ୍ର ଦିବସ ବା ପୃଥିବୀର ଦୁଇ ସପ୍ତାହ ସମୟ ପାଇଁ ସକ୍ରିୟ ରହିବ। ଆସନ୍ତା ୧୪ ତାରିଖରେ ଏହା ଚନ୍ଦ୍ରପୃଷ୍ଠରେ ପରିଲକ୍ଷିତ ହେବାକୁ ଥିବା ସୂର୍ଯ୍ୟୋପରାଗର ଅତି ସୂକ୍ଷ୍ମ ଚିତ୍ରୋତ୍ତୋଳନ କରିବାର ଲକ୍ଷ୍ୟ ରହିଛି। 'ବ୍ଲୁ ଘୋଷ୍ଟ' ବ୍ୟତୀତ ଚଳିତବର୍ଷ ବିଭିନ୍ନ ଘରୋଇ ମହାକାଶ କମ୍ପାନି ଅତି କମ୍‌ରେ ପାଞ୍ଚଟି ମହାକାଶଯାନ ଜହ୍ନରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି ସବୁ କମ୍ପାନି ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା'ର ସାହାଯ୍ୟ ନେଉଛନ୍ତି। ଆଗାମୀ ଦିନରେ ଚନ୍ଦ୍ରପୃଷ୍ଠକୁ ନିୟମିତ ଓ ବାରମ୍ବାର ମନୁଷ୍ୟ ସମେତ ଅନ୍ୟାନ୍ୟ ସାମଗ୍ରୀ ପ୍ରେରଣ ପାଇଁ କମର୍ସିଆଲ୍ ଲୁନାର ପେଲୋଡ୍ ସର୍ଭିସେସ୍ (ସିଏଲ୍‌ପିଏସ୍) ନାମକ ଏକ ବିମାନ ପରିବହନ ପ୍ରଣାଳୀ ସୃଷ୍ଟି ଉଦ୍ଦେଶ୍ୟରେ 'ନାସା' ଘରୋଇ ବିମାନ କମ୍ପାନିମାନଙ୍କୁ ପ୍ରୋତ୍ସାହିତ କରିଚାଲିଛି। 'ସିଏଲ୍‌ପିଏସ୍'ର ପ୍ରଥମ ଘରୋଇ ମହାକାଶଯାନ ଭାବେ ଗତବର୍ଷ ଜାନୁଆରିରେ ଆଷ୍ଟ୍ରୋବୋଟିକ୍ ଟେକ୍ନୋଲୋଜିକ୍ ଦ୍ୱାରା 'ପେରିଗ୍ରିନ୍' ନାମକ ଯାନ ଉତ୍‌କ୍ଷେପିତ ହୋଇଥିଲା, ଯାହା ଅସଫଳ ରହିଥିଲା। ଗତବର୍ଷ ଫେବ୍ରୁଆରି ୨୬ରେ ପ୍ରେରିତ 'ଇନ୍‌ସୁଇଟିଭ୍ ମେସିନ୍‌ସ' କମ୍ପାନିର ଦ୍ୱିତୀୟ ମହାକାଶଯାନ 'ଏଥେନା' ଆଜି (ମାର୍ଚ୍ଚ ୬) ଚନ୍ଦ୍ରପୃଷ୍ଠ ଛୁଇଁବ ବୋଲି ଆକଳନ କରାଯାଇଛି। ସେହିପରି ଜାପାନୀ କମ୍ପାନି 'ହାକୁଟୋ-ଆର୍'ର ଚନ୍ଦ୍ରଯାନ 'ମିସନ୍-୨' ଆଗାମୀ ମେ' କି ଜୁନ୍ ମାସରେ ଚନ୍ଦ୍ରରେ ପହଞ୍ଚିବ।

### ଅର୍ଥ ସୂତ୍ର

## ବରିଷ୍ଠଙ୍କ ସ୍ୱାସ୍ଥ୍ୟ ବୀମା ପ୍ରିମିଅମ୍ କମାଇବାର ଉପାୟ



ଅବସର ପରବର୍ତ୍ତୀ ଜୀବନ କେତେ ଦୀର୍ଘସ୍ଥାୟୀ ହେବ ତାହା ଆପଣଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବାର ସାମର୍ଥ୍ୟ ଉପରେ ଅନେକଟା ନିର୍ଭର କରେ। ହାତରୁ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ସମର୍ଥ ଲୋକଙ୍କ ସଂଖ୍ୟା ଭାରତରେ ଖୁବ୍ କମ୍। ତେଣୁ ସ୍ୱାସ୍ଥ୍ୟ ବୀମା ଏ ଦିଗରେ ବିଶେଷ ସହାୟକ ହୋଇଥାଏ। କିନ୍ତୁ ବୟସ ବଢ଼ିବା ସହିତ ସ୍ୱାସ୍ଥ୍ୟ ବୀମା ପ୍ରିମିଅମ୍ ବୃଦ୍ଧି ପାଉଥିବାରୁ ତାହାକୁ ବହନ କରିବା ମଧ୍ୟ ଅନେକଙ୍କ ପାଇଁ କଷ୍ଟକର ହେବାରେ ଲାଗିଛି। ତେବେ କେତେକ ପଦକ୍ଷେପ ଦ୍ୱାରା ବୀମା ପ୍ରିମିଅମ୍‌କୁ ସୀମିତ ରଖିବା ସମ୍ଭବ।

- **ସଅଳ ବୀମା କିଣନ୍ତୁ**

ଯେତେ କମ୍ ବୟସରୁ ସ୍ୱାସ୍ଥ୍ୟ ବୀମା କିଣି ତାକୁ ନିୟମିତ ଅପ୍‌ଡେଟ୍ ରଖିବେ ତାହାର ପ୍ରିମିଅମ୍ ସେତେ କମ୍ ରହିବ। ୬୦ ବର୍ଷ ବୟସରେ ଜଣେ ବୀମା ପଲିସି କିଣିବା ବଦଳରେ ସେ ଯଦି ୩୫ ବର୍ଷରୁ ସ୍ୱାସ୍ଥ୍ୟ ବୀମା କିଣି ତାହାକୁ ଚାଲୁ ରଖିଛନ୍ତି ତେବେ ଦୀର୍ଘକାଳୀନ ବୋନସ୍ ମିଳିବା ସହିତ ବୀମା ପ୍ରିମିଅମ୍ ମଧ କମ୍ ଦେବାକୁ ପଡ଼ିଥାଏ। ବୀମା କମ୍ପାନିମାନେ ଦୀର୍ଘକାଳୀନ ବୀମାଧାରୀମାନଙ୍କୁ ବର୍ଦ୍ଧିତ ସ୍ୱାସ୍ଥ୍ୟ କଭରେଜ୍ ଓ ଅତିରିକ୍ତ ସୁବିଧା ମଧ୍ୟ ପ୍ରଦାନ କରିଥାନ୍ତି।

- **ଫ୍ଲୋଟର୍ ପ୍ଲାନ୍ ନିଅନ୍ତୁ**

ସଂପୂର୍ଣ୍ଣ ପରିବାର ପାଇଁ ଉଦ୍ଦିଷ୍ଟ ଫ୍ଲୋଟର୍ ପ୍ଲାନ କିଣିବା ଦ୍ୱାରା ପରିବାରର ସମସ୍ତ ନାଗରିକଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ମିଳିଥାଏ। ଫ୍ୟାମିଲି ଫ୍ଲୋଟର୍ ପ୍ଲାନ୍‌ରେ ବରିଷ୍ଠ ନାଗରିକମାନଙ୍କ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ତୁଳନାରେ କମ୍ ପ୍ରିମିଅମ୍ ପଡ଼ିଥାଏ। ପରିବାର ସଦସ୍ୟଙ୍କ ସଂଖ୍ୟା ନେଇ କମ୍ପାନିମାନେ ଫ୍ଲୋଟର୍ ପ୍ଲାନ୍‌ରେ ରିହାତି ମଧ ଦେଇଥାନ୍ତି।

- **କୋପ୍‌ମେଣ୍ଟ ସୁବିଧା**

କୋପ୍‌ମେଣ୍ଟ ପଲିସିରେ ବୀମା ଗ୍ରାହକ ଚିକିତ୍ସା ଖର୍ଚ୍ଚର ଏକ ଅଂଶ ବହନ କରୁଥିବା ବେଳେ ଅବଶିଷ୍ଟ ଖର୍ଚ୍ଚ ବୀମା କମ୍ପାନି ପ୍ରଦାନ କରିଥାଏ। ଉଦାହରଣ ସ୍ୱରୂପ ପଲିସିରେ ୧୦% କୋପ୍‌ମେଣ୍ଟ ପାଇଁ ବାଛିଲେ, ଚିକିତ୍ସାରେ ଯଦି ଏକ ଲକ୍ଷ ଟଙ୍କା ଲାଗେ ତେବେ ଆପଣଙ୍କୁ ପକେଟରୁ ଦଶ ହଜାର ଟଙ୍କା ଦେବାକୁ ପଡ଼ିବ, ଅବଶିଷ୍ଟ ନବେ ହଜାର ଟଙ୍କା ପଲିସି ଜରିଆରେ ମିଳିବ। ବରିଷ୍ଠ ନାଗରିକଙ୍କ ପାଇଁ ପ୍ରିମିଅମ୍ ଅଧିକ ରହୁଥିବାରୁ କୋପେମେଣ୍ଟ ପଲିସି ଦ୍ୱାରା ଆପଣଙ୍କ ବୀମା ପ୍ରିମିଅମ୍‌ର ମୂଲ୍ୟ କମ୍ କରିପାରିବେ।

- **ଇନ୍‌ସେଣ୍ଟିଭ୍ ଓ ନୋ କ୍ଲେମ୍ ବୋନସ୍**

ସ୍ୱାସ୍ଥ୍ୟ ବୀମା ପଲିସିର ପ୍ରିମିଅମ୍ ମୂଲ୍ୟ କମ୍ କରିବାର ଆଉ ଏକ ଉପାୟ ହେଉଛି ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା ଓ ଫିଟ୍‌ନେସ୍ କାର୍ଯ୍ୟକ୍ରମ ଭଳି ପ୍ରତିଷେଧକ ସ୍ୱାସ୍ଥ୍ୟ ସେବାର ଲାଭ ଉଠାଇବା। ନିୟମିତ ଚାଲିବା, ବଡି ମାସ୍ ଇଣ୍ଡେକ୍ସ (ବିଏମ୍‌ଆଇ)କୁ ସୁସ୍ଥ ସୀମାରେ ରଖିବା ଦ୍ୱାରା ବରିଷ୍ଠ ନାଗରିକମାନେ ପ୍ରିମିଅମ୍‌ରେ ରିହାତି ଓ ଅନ୍ୟାନ୍ୟ ସୁବିଧା ପାଇପାରିବେ। ସେହିପରି ଆପଣଙ୍କ ପଲିସିରେ ନୋ କ୍ଲେମ୍ ବୋନସ୍ (ଏନ୍‌ସିବି)ର ସୁବିଧା ଥିଲେ, ଯଦି ଆପଣଙ୍କୁ ଗୋଟିଏ ବର୍ଷ ଚିକିତ୍ସିତ ହେବାକୁ ପଡ଼ିନାହିଁ ତେବେ ଆପଣଙ୍କୁ ସମାନ ପ୍ରିମିଅମ୍ ମୂଲ୍ୟରେ ବର୍ଦ୍ଧିତ କଭରେଜ୍ ମିଳିଥାଏ। ଅର୍ଥାତ୍ ଆପଣ ୧୦ ଲକ୍ଷ ଟଙ୍କାର ବୀମା ନେଇଥିଲେ, ୧୦% ଏନ୍‌ସିବି ମିଳିବା ଦ୍ୱାରା ପର ବର୍ଷ ଆପଣଙ୍କ ବୀମା ରାଶି ୧୧ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇବ।

## ଟୟୋଟାର ନୂଆ କାମ୍ରି ଇଭି

ଟୟୋଟା ପକ୍ଷରୁ ସେଦାନ୍ ସେଗ୍‌ମେଣ୍ଟରେ ଉନ୍ମୋଚିତ ହୋଇଛି ନୂଆ କାମ୍ରି ହାଇବ୍ରିଡ୍ ଇଭି। ଏହାର ଉଭୟ ବାହ୍ୟ ଓ ଭିତର ପରିପାଟୀ ବେଶ୍ ଆକର୍ଷଣୀୟ ହୋଇଛି। ଏହି ସେଦାନ୍ ଉପରେ କମ୍ପାନି ୮ ବର୍ଷ ଅଥବା ୧,୬୦,୦୦୦ କିଲୋମିଟର୍‌ର ୱାରେଣ୍ଟି ଦେଉଛି। ଏହାର ପ୍ରାରମ୍ଭିକ ମୂଲ୍ୟ ରହିଛି ୪୮,୦୦,୦୦୦ ଟଙ୍କା (ଏକ୍ସ ସୋ'ରୁମ୍)। ଏଥିରେ ୫ମ ପିଢ଼ିର ହାଇବ୍ରିଡ୍ ଟେକ୍ନୋଲୋଜି ସହ ଉଚ୍ଚ କ୍ଷମତାସମ୍ପନ୍ନ ଲିଥିୟମ୍-ଆୟନ୍ ବ୍ୟାଟେରି ରହିଛି ଯାହାକି ଲିଟର୍ ପିଛା ୨୫.୪୯ କିଲୋମିଟର୍ ମାଇଲେଜ୍ ପ୍ରଦାନ କରୁଛି। ଏହାସହିତ ଏଥିରେ ୨.୫ ଲିଟର୍ ଡାଇନାମିକ୍ ଫୋର୍ସ ଇଂଜିନ୍, ଇ-ସିଭିଟି, ସୁରକ୍ଷା ପାଇଁ ୯ଟି ଏୟାର୍‌ବ୍ୟାଗ୍, ୧୨.୩ ଇଞ୍ଚର ମଲ୍‌ଟି-ଇନ୍‌ଫୋଟେନ୍‌ମେଣ୍ଟ ଡିସ୍‌ପ୍ଲେ, ଆଉଟ୍‌ସାଇଡ୍ ରିଅର୍-ଭିୟୁ ମିରର୍, ୩-ଜୋନ୍ କ୍ଲାଇମେଟ୍ କଣ୍ଟ୍ରୋଲ୍ ସିଷ୍ଟମ୍, ୟୁଏସ୍‌ବି ଚାର୍ଜର, ଇଲେକ୍ଟ୍ରୋନିକ୍ ପାର୍କିଂ ବ୍ରେକ୍ ପରି ବୈଶିଷ୍ଟ୍ୟ ରହିଛି ବୋଲି କମ୍ପାନି ପକ୍ଷରୁ କୁହାଯାଇଛି। କାମ୍ରି ଇଭି ପ୍ରିସିଅସ୍ ମେଟାଲ୍, ଡାର୍କ ବ୍ଲୁ, ସିମେଣ୍ଟ ଗ୍ରେ ରଙ୍ଗରେ ଉପଲବ୍ଧ।

## ଖାଦ୍ୟ ନଖାଇ ସ୍ୱାଦର ମଜା



ଭର୍ଚୁଆଲ୍ ରିଅଲିଟି ଦ୍ୱାରା ସ୍ୱାଦର ଅନୁଭୂତିକୁ ଏକ ନୂଆ ରୂପ ପ୍ରଦାନ ପାଇଁ ଏକ ଯୁଗାନ୍ତକାରୀ ପ୍ରଯୁକ୍ତି ଆଗେଇ ଆସିଛି। ଅଭିନବ 'ଇ-ଟେଷ୍ଟ' ସେନ୍‌ସର୍ ଏବଂ ବେତାର ରାସାୟନିକ ବିତରକ ବ୍ୟବହାର କରି ଏକ ଇଣ୍ଟରଫେସ୍ ବିକଶିତ କରାଯାଇଛି, ଯାହା ଖାଦ୍ୟ ନଖାଇ ମଧ ତାହାର ସ୍ୱାଦ ଅନୁଭବ ପ୍ରଦାନ କରିବ। 'ଭର୍ଚୁଆଲ୍ ରିଅଲିଟି' ସେଟ୍ ଦୃଶ୍ୟଶ୍ରାବ୍ୟ ଯନ୍ତ୍ର ମାଧମରେ ଆମକୁ ଏକ ଡିଜିଟାଲ୍ ଦୁନିଆକୁ ନେଇ ସେଠାରେ ଉପସ୍ଥିତ ଥିବା ଭଳି ଭ୍ରମ ସୃଷ୍ଟି କରିଥାଏ। ଏବେ ସେହି ପରିକଳ୍ପନାକୁ ସ୍ୱାଦ କ୍ଷେତ୍ରରେ ପ୍ରୟୋଗ କରାଯାଉଛି। ଏହି ପ୍ରଣାଳୀରେ ଖାଦ୍ୟପଦାର୍ଥର ଗୋଟିଏ ବି କ୍ୟାଲୋରି ସେବନ ନକରି ମିଠା, ଖଟା, ଲୁଣିଆ, ପିତା ଓ ଆମିଷ ଆଦି ଜିହ୍ୱାର ପାଞ୍ଚଟି ପ୍ରାଥମିକ ସ୍ୱାଦକୁ ସୃଷ୍ଟି କରାଯାଇପାରିବ। ଆମ ଜିହ୍ୱା ଏହି ପାଞ୍ଚ ପ୍ରକାର ସ୍ୱାଦକୁ ବାରିପାରୁଥିବା ବେଳେ ସ୍ୱାଦ କେବଳ ପାଟିରେ ସୀମିତ ନୁହେଁ। ଖାଦ୍ୟର ଗନ୍ଧ, ସଂରଚନା ଓ ତାପମାତ୍ରା ମଧ ସ୍ୱାଦ ସଂକ୍ରାନ୍ତ ଆମ ଧାରଣାରେ ଯୋଗଦାନ କରିଥାଏ। 'ଇ-ଟେଷ୍ଟ' ଜ୍ଞାନକୌଶଳ ଉପରୋକ୍ତ ସମସ୍ତ ଉପାଦାନକୁ ବ୍ୟବହାର କରି ଏବଂ ମସ୍ତିଷ୍କ ସ୍ୱାଦ-ପ୍ରକ୍ରିୟାକରଣ କେନ୍ଦ୍ରଗୁଡ଼ିକୁ ଉତ୍ତେଜିତ କରି ଖାଦ୍ୟ ଖାଇବାର ଅବିକଳ ଅନୁଭୂତି ପ୍ରଦାନ କରିଥାଏ।

ଏହି ନୂତନ ଉଦ୍ଭାବନର ଅନେକ ଉପକାରିତା ରହିଛି। ରେସ୍ତୋଁରାରେ ଖାଦ୍ୟର ଡିଜିଟାଲ୍ ତାଲିକା ପ୍ରଦାନ କରାଯାଇପାରିବ, ଯେଉଁଠି ଗ୍ରାହକମାନେ କୌଣସି ବ୍ୟଞ୍ଜନ ବରାଦ କରିବା ପୂର୍ବରୁ ତାହାର ଡିଜିଟାଲ ସ୍ୱାଦ ଚାଖିପାରିବେ। ସେହିପରି କୌଣସି ରୋଗୀକୁ ମନପସନ୍ଦର ଖାଦ୍ୟ ବାରଣ କରାଯାଇଥିଲେ, ସେ ତାହା ନଖାଇ ମଧ ତାହାର ସ୍ୱାଦ ଅନୁଭବ କରିପାରିବେ। ଏହା ମଧୁମେହ ରୋଗୀ ଓ ଖାଦ୍ୟ ବିକାର ଭୋଗୁଥିବା ରୋଗୀଙ୍କ ପାଇଁ ବୈପ୍ଳବିକ ହୋଇପାରିବ। ଆମେ ଘରୁ ବାହାରକୁ ଗୋଡ଼ ନକାଢ଼ି ମଧ ବିଭିନ୍ନ ଦେଶ ଓ ସଂସ୍କୃତିର ଖାଦ୍ୟର ମଜା ନେଇପାରିବା। ଏପରି ଆଭାସୀ ସ୍ୱାଦ ଆହରଣ ଦ୍ୱାରା ଖାଦ୍ୟ ଅପଚୟ ଓ ପରିବେଶଗତ ପ୍ରଭାବ ହ୍ରାସ ହୋଇପାରିବ।



## ବ୍ରହ୍ମାଣ୍ଡର ଉତ୍ପତ୍ତି ଅନ୍ୱେଷଣ କରିବ 'ସ୍ଫିଅରଏକ୍ସ'



ଯୁକ୍ତରାଷ୍ଟ୍ର ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ଗତ ମଙ୍ଗଳବାର 'ସ୍ଫିଅର୍‌ଏକ୍ସ' ଟେଲିସ୍କୋପ୍ ଉତ୍‌କ୍ଷେପଣ କରିଛି। ମେଗାଫୋନ୍ ଆକାରର ଏହି ଟେଲିସ୍କୋପ୍ ବ୍ରହ୍ମାଣ୍ଡର ଉତ୍ପତ୍ତି ସମ୍ପର୍କରେ ଅନୁଧ୍ୟାନ କରିବା ସଙ୍ଗେ ସଙ୍ଗେ ଆକାଶଗଙ୍ଗା ଛାୟାପଥର ଅନ୍ୟାନ୍ୟ ସୌରଜଗତରେ ଜଳର ଉପସ୍ଥିତି ସମ୍ପର୍କରେ ସନ୍ଧାନ କରିବ। ଦୁଇ ବର୍ଷର କାର୍ଯ୍ୟକାଳରେ ଏହି ପର୍ଯ୍ୟବେକ୍ଷଣ ଯନ୍ତ୍ରଟି ୪୫ କୋଟିରୁ ଅଧିକ ଛାୟାପଥ ଓ ୧୦ କୋଟିରୁ ଅଧିକ ନକ୍ଷତ୍ରର ତଥ୍ୟାବଳୀ ସଂଗ୍ରହ କରିବ। ଏହା ସର୍ବାଧିକ ୧୦୨ଟି ରଙ୍ଗରେ ସଂପୂର୍ଣ୍ଣ ଆକାଶର ମାନଚିତ୍ର ପ୍ରସ୍ତୁତ କରିବ, ଯାହା ପୃଥିବୀର ଯେକୌଣସି ବୈଜ୍ଞାନିକଙ୍କ ପାଇଁ ମାଗଣାରେ ଉପଲବ୍ଧ ହେବ। ସେହିପରି ବିଗ୍ ବ୍ୟାଙ୍ଗ୍ ପରବର୍ତ୍ତୀ କ୍ଷଣରେ ବ୍ରହ୍ମାଣ୍ଡ କିପରି ବେଲୁନ ଭଳି ଫୁଲିବା ଆରମ୍ଭ କଲା ତାହା ବୁଝିବାରେ ଏହା ବୈଜ୍ଞାନିକଙ୍କୁ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି।

## ଶନିର ୧୨୮ଟି ନୂଆ ଉପଗ୍ରହ

ବୈଜ୍ଞାନିକମାନେ ଶନି ଗ୍ରହକୁ ପ୍ରଦକ୍ଷିଣ କରୁଥିବା ୧୨୮ଟି ନୂଆ ଉପଗ୍ରହ ଆବିଷ୍କାର କରିଛନ୍ତି। ଏଥିସହିତ ଶନିର ଉପଗ୍ରହ ସଂଖ୍ୟା ୨୭୪କୁ ବୃଦ୍ଧି ପାଇଛି, ଯାହା ଆମ ସୌରମଣ୍ଡଳର କୌଣସି ଗ୍ରହ ଲାଗି ସର୍ବାଧିକ। ଯୁକ୍ତରାଷ୍ଟ୍ର ଆମେରିକାର ହାୱାଇ ଦ୍ୱୀପ ସ୍ଥିତ ମୌନା କିଆରେ ଥିବା କାନାଡା ଫ୍ରାନ୍ସ ହାୱାଇ ଟେଲିସ୍କୋପ୍ ଦ୍ୱାରା ୨୦୨୩ରେ ଏହିସବୁ ଉପଗ୍ରହକୁ ଠାବ କରାଯାଇଥିଲା। ଇଣ୍ଟରନେସ୍‌ନାଲ୍ ଆଷ୍ଟ୍ରୋନୋମିକାଲ୍ ୟୁନିଅନ୍ ଗତ ମଙ୍ଗଳବାର ଏହି ଆବିଷ୍କାରକୁ ସ୍ୱୀକୃତି ପ୍ରଦାନ କରିଛି। ଏଥିର ସହିତ ବୃହସ୍ପତି ଓ ଶନି ଗ୍ରହ ମଧ୍ୟରେ ଚାଲିଥିବା ସର୍ବାଧିକ ଉପଗ୍ରହର ପ୍ରତିଯୋଗିତାରେ ଶନି ବହୁ ଆଗକୁ ଚାଲିଯାଇଛି, କାରଣ ବର୍ତ୍ତମାନ ସମୟରେ ବୃହସ୍ପତିର ଆବିଷ୍କୃତ ଉପଗ୍ରହ ସଂଖ୍ୟା ୯୫ରେ ସୀମିତ। ଉଲ୍ଲେଖଯୋଗ୍ୟ ଯେ ଶନିର ନବଆବିଷ୍କୃତ ଉପଗ୍ରହଗୁଡ଼ିକ ଚନ୍ଦ୍ର ପରି ବଡ଼ ଅଥବା ଗୋଲାକାର ନୁହନ୍ତି। ବିଭିନ୍ନ ଆକୃତିର ପଥର ପରି ଦିଶୁଥିବା ଏହି ଉପଗ୍ରହଗୁଡ଼ିକର ଓସାର ୨ରୁ ୪ କିମି ମଧ୍ୟରେ ସୀମିତ।



# ବିଦ୍ୟୁତ କର୍ମଚାରୀଙ୍କ ମନମାନିରେ ଅତିଷ୍ଠ ଉପଭୋକ୍ତା



**ଜଗତସିଂହପୁର,୧୦।୬(ସଂଚାର ବ୍ୟୁରୋ):** ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅଧିନସ୍ତ ଜଗନ୍ନାଥପୁର ପଞ୍ଚାୟତ ରେ ବିଦ୍ୟୁତ ବିଭାଗର ମନମାନି କାର୍ଯ୍ୟ ପାଇଁ ସାଧାରଣ ଲୋକେ ହାଇରଣ ହରକତ ହେଉଥିବା ଅଭିଯୋଗ ଆସିଛି । ଗତ ଏକ ମାସ ହେଲା ପବନ ବର୍ଷା ଲାଗି ରହିଥିବା ବେଳେ ଗଛ ଓ ଡାଳ ପଡି ଉପଭୋକ୍ତା ଙ୍କ ଲାଇନ ଦିନ ଦିନ ଧରି କଟି ଯାଉଛି । ବିଭାଗ ର କର୍ମଚାରୀ ଙ୍କୁ ଜରୁରୀ ସେବା ଯୋଗାଇ ଦେବାପାଇଁ ଫୋନ କରି ଡାକିଲେ ମଧ୍ୟ କର୍ଣ୍ଣପାତ କରୁନାହାଁନ୍ତି ବିଦ୍ୟୁତ ବିଭାଗ ର କର୍ମଚାରୀ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତେଜନା ଦେଖା ଦେଇଛି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଲୋକେ ବିଦ୍ୟୁତ ବିଭାଗ ର କର୍ମଚାରୀ କ୍ଷୀରୋଦ ବାରିକ ଓ ଆସିଷ୍ଟାଟ ସାଦକାନ୍ତ ନାୟକ ଙ୍କ ବିରୁଦ୍ଧରେ ଜିଲାପାଳ ଓ ବିଦ୍ୟୁତ ବିଭାଗ ର ବରିଷ୍ଟ ଯନ୍ତ୍ରୀ ଙ୍କୁ ଏକ ପ୍ରତ୍ର ଲେଖିଥିବା ଜଣା ପଡ଼ିଛି । ଦେଖାଯାଉ ଅଭିଯୋଗ ପରେ ସରକାର ଏମାନଙ୍କ ଉପରେ କିଭଳି ଭାବରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଦେଖିବାକୁ ବାକି ରହିଲା ।

# ବଜୁଳି ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରୁଛି ଟିପିଏସ୍‌ଓଡିଏଲ୍

- **କନିଷି ସବଷ୍ଟେସନର କ୍ଷମତା ୧୬.୧୫ ଏମଭିଏକୁ ବୃଦ୍ଧି**
- **ଆଖପାଖ ଅଞ୍ଚଳର ୭,୦୦୦ରୁ ଅଧିକ ଉପଭୋକ୍ତାଙ୍କୁ ସୁରକ୍ଷିତ ଓ ଭରସାଯୋଗ୍ୟ ବିଜୁଳି ସେବା ଯୋଗାଣ**

**ବ୍ରହ୍ମପୁର,୧୦।୬(ସଂଚାର ବ୍ୟୁରୋ):** ବ୍ରହ୍ମପୁର ଏବଂ ଏହାର ଆଖପାଖ ଅଞ୍ଚଳରେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ କନିଷି ପ୍ରାଇମେରୀ ସବଷ୍ଟେସନ (ପିଏସଏସ୍) ର ଉନ୍ନତିକରଣ କରାଯାଇଛି। ଏହି ପଦକ୍ଷେପ ପରେ ସହରର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ଅଞ୍ଚଳରେ ଭରସାଯୋଗ୍ୟ ବିଦ୍ୟୁତ ସେବା ଯୋଗାଇ ଦିଆଯାଉଛି ଏବଂ ବର୍ଦ୍ଧିଷ୍ଣୁ ବିଜୁଳି ଚାହିଦା ପୂରଣ ହେବା ସହ ଅପରେସନାଲ ସୁରକ୍ଷା ସୁନିଶ୍ଚିତ ହୋଇଛି। ଏହି ପଦକ୍ଷେପରେ ହଳଦିଆପଦରକୁ ବିଦ୍ୟୁତ ଯୋଗାଉଥିବା ଗୋଟିଏ ଟ୍ରାନ୍ସଫର୍ମରର କ୍ଷମତା ୩.୧୫ ଏମଭିଏ ରୁ ୮ ଏମଭିଏକୁ ବୃଦ୍ଧି କରାଯାଇଛି। ଯାହା ଫଳରେ ସବଷ୍ଟେସନର ମୋଟ କ୍ଷମତା ୧୬.୧୫ ଏମଭିଏକୁ ବୃଦ୍ଧି ପାଇଛି। ଏହା ଦ୍ୱାରା ଓଭରଲୋଡିଂ ସମସ୍ୟା ହ୍ରାସ ପାଇବ ଏବଂ ହଳଦିଆପଦର, ଅଟୋନଗର, କନିଷି ଓ ଆଖପାଖ ଅଞ୍ଚଳର ପ୍ରାୟ ୭,୦୦୦ ଲୋକଙ୍କ ବିଜୁଳି ଚାହିଦା ପୂରଣ ହୋଇପାରିବ। ଏହାସହ ଚୁଲୁ, ରଣ୍ଡା ଅଞ୍ଚଳର ଦୁଇଟି ପାୱାର ଟ୍ରାନ୍ସଫର୍ମର ଯଥାକ୍ରମେ ୫ ଏମଭିଏ ଏବଂ ୩.୧୫ ଏମଭିଏ କ୍ଷମତାରେ ଚାଲୁଅଛି। ତିନୋଟି ଟ୍ରାନ୍ସଫର୍ମରର ମୋଟ କ୍ଷମତା ୧୬.୧୫ ଏମଭିଏକୁ ବୃଦ୍ଧି ପାଇଛି। ସୁରକ୍ଷା ଏବଂ ସୁଦୃଢ଼ ଭିତ୍ତିଭୂମି ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଏଥିରେ ପିଏସଏସ୍ ପରିସରରେ ୧୧ କେଭି ଓଭରହେଡ ଲାଇନ୍ ବଦଳରେ ଭୂତଳ ଲାଇନ୍ ସଂଯୋଗ, ସ୍ୱିଚୟାର୍ଡ ଚାରିପାଖରେ ଚେନ୍ ଲିଙ୍କ ଫେନ୍ସିଂ ସ୍ଥାପନ, ସବଷ୍ଟେସନର ନବୀକରଣ, ପାରମ୍ପରିକ କାଷ୍ଠ ବଦଳରେ ଡିଟାଚେବଲ୍ ଗ୍ରିଲ୍ ସ୍ଥାପନ ଏବଂ କର୍ମଚାରୀ ଓ ଉପଭୋକ୍ତାଙ୍କ ସୁରକ୍ଷିତ ଯା'ଆସ ପାଇଁ ଏକ ସ୍ୱତନ୍ତ୍ର ମାର୍ଗ ତିଆରି କରାଯାଇଛି।



ଏହି ଭିତ୍ତିଭୂମି ବିକାଶ ପଦକ୍ଷେପ ସମ୍ପର୍କରେ ମତ ଦେଇ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, "ଦକ୍ଷିଣ ଓଡ଼ିଶାରେ ଏକ ସୁଦୃଢ଼ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ବିଦ୍ୟୁତ ଭିତ୍ତିଭୂମି ନିର୍ମାଣ କରିବା ହେଉଛି ଆମର ଉଦ୍ଦେଶ୍ୟ। କନିଷି ପ୍ରାଇମେରୀ ସବଷ୍ଟେସନର କ୍ଷମତା ବୃଦ୍ଧି ପରେ ବ୍ରହ୍ମପୁର ବାସିନ୍ଦା ଏବଂ ବ୍ୟାବସାୟିକ ଅନୁଷ୍ଠାନଗୁଡ଼ିକ ଭରସାଯୋଗ୍ୟ ଓ ସୁରକ୍ଷିତ ବିଜୁଳି ସେବା ପାଇବେ, ଯାହା ସ୍ଥାନୀୟ ଅଞ୍ଚଳର ସାମାଜିକ ତଥା ଅର୍ଥନୈତିକ ବିକାଶରେ ସହାୟକ ହେବ। ଏହି ପଦକ୍ଷେପ ବ୍ରହ୍ମପୁର ସହରରେ ଉନ୍ନତ ବିଜୁଳି ସେବା ଯୋଗାଇ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ଟିପିଏସ୍‌ଓଡିଏଲର ପ୍ରତିବଦ୍ଧତାକୁ ଦର୍ଶାଉଛି। ସୁରକ୍ଷିତ ଏବଂ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ଦିଗରେ କମ୍ପାନୀ ଏହାର ପ୍ରୟାସ ଜାରି ରଖିଛି।

# ବ୍ଲକସ୍ତରୀୟ ହକି ପ୍ରତିଯୋଗିତା ଅନୁଷ୍ଠିତ



**ସୁନ୍ଦରଗଡ,୧୦।୬(ସଂଚାର ବ୍ୟୁରୋ):** ଜୁନ ୧୦ ତାରିଖ ମଙ୍ଗଳ ବାର ସକାଳ ୭ ଟାରେ ବ୍ଲକ ସ୍ତରୀୟ ଏକ ଦିବସୀୟ ହକି ପ୍ରତିଯୋଗିତା ଟାଙ୍ଗରପାଲି ବ୍ଲକ ଯୋଗୀମାଲ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ତପସ୍ୱିନୀ ମାଝୀ ମୁଖ୍ୟ ଅତିଥି ଥିବା ବେଳେ ସମ୍ମାନୀତ ଅତିଥି ଭାବେ ମଙ୍ଗସ ପୁର ହସ୍ପିଟାଲ୍ ର ଚିକିତ୍ସକ ଅଧିକାରୀ ଡ. ନୂତନ କୁଜୁର, ଯୋଗିମାଲ ସରପଞ୍ଚ ସୌଦାମିନୀ ଭୋଇ, ମେଘଡେଗା ସରପଞ୍ଚ ପିତୃଷ୍ ଟପ୍ପୋ, ସାନପତ୍ରକ୍ଷ ପାଲି ସରପଞ୍ଚ ବିଭୂତି ଓରାମ, ରେମଣ୍ଡକ୍ଷ ସମିତି ମେମ୍ବର ଜଟିଆ ମୁଣ୍ଡା ଓ ସରପଞ୍ଚ ଚେମା ପ୍ରଧାନ ଉପସ୍ଥିତ ଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରସେନ୍ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଅଞ୍ଚଳର ୬ ଟି ଦଳ ଯଥା ପାତକିଜୋର୍, ବାମଡ଼ିଆଡେରା, ଡୁଙ୍ଗିନାଳକ୍ଷ, ସୁନାଜୋର୍, ବଡବେଡ଼ଁରା ଓ ଯୋଗୀମାଲ ଦଳ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ବିବେକ ଟପ୍ପୋ, ସାମେଲ କୁଜୁର୍ ଖେଳ ପରିଚାଳନା କରିଥିବା ବେଳେ ଖେଳ ଶିକ୍ଷକ ମନୋଜ କୁମାର ପଟେଲ, ରୋହିତ ପଟେଲ, କ୍ଷେତ୍ରମଣି ଚୌଧୁରୀ, ପ୍ରବୀଣକ୍ଷ ପଟେଲ, ସୁଭଦ୍ରା ସିଂ ଓ କିଶୋର କୁମାର ଟପ୍ପୋ ସହଯୋଗ କରିଥିଲେ। ଫାଇନାଲ ମ୍ୟାଚରେ ଡୁଙ୍ଗିନାଳକ୍ଷ ଦଳ ଚମ୍ପିୟାନ ହୋଇଥିବା ବେଳେ ବଡବେଡ଼ଁରା ଦଳ ରନର୍ସ ଅପ୍ ହୋଇ ଅତିଥି ମାନଙ୍କ ଠାରୁ ଟ୍ରଫି ସହ ରାଶି ଗ୍ରହଣ କରିଥିଲେ। ଟାଙ୍ଗରପାଲି ବ୍ଲକ ଓ ଯୋଗୀମାଲ ଗ୍ରାମ ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ପ୍ରତିଯୋଗିତା ଆୟୋଜନ କରା ଯାଇଥିଲା ।

# 'ମିଶନ ଶକ୍ତି' ପ୍ରକଳ୍ପରେ ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ




**କଲ୍ୟାଣସିଂପୁର,୧୦।୬(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁବିକାଶ ବିଭାଗର ନିର୍ଦ୍ଦେଶ କ୍ରମେ କଲ୍ୟାଣ ସିଂହପୁର ବ୍ଲକର "ମିଶନ ଶକ୍ତି" ପ୍ରକଳ୍ପ ତରଫରୁ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ବ୍ଲକର ୮ଗୋଟି ସ୍ୱୟଂ ସହାୟିକା ଗୋଷ୍ଠିର ୨୩ ଜଣ ମହିଳା ଭାଗ ନେଇଥିଲେ। କଲ୍ୟାଣ ସିଂହପୁର ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ଅମ୍ରିତା କାଡ୍ରାକା ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ, ଗୋଷ୍ଠି ଉନ୍ନୟନ ଅଧିକାରୀଣୀ ମୋନିଷା ଦାସ, ଶିଶୁ ବିକାଶ ଅଧିକାରୀଣୀ ବିଜୟଲକ୍ଷ୍ମୀ ଓ ସହକାରୀ ଯନ୍ତ୍ରୀ ସବ୍ୟସାଚି ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରତିଯୋଗିତାର ମୁଖ୍ୟ ଲକ୍ଷ୍ୟ ଥିଲା ମାଣ୍ଡିଆ ଓ ସୌଓଁ ଜାତୀୟ ଖାଦ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା। ବୁଢ଼ାଗୁଡ଼ା ପଞ୍ଚାୟତ ଦେଉଳବାଡ଼ି ଗ୍ରାମର "ମାଁ ଅଗ୍ନିଗାଙ୍ଗାମା" ସ୍ୱୟଂ ସହାୟିକା ଗୋଷ୍ଠି ପ୍ରଥମ ସ୍ଥାନ ହାସଲ କରି ୫୦୦୦ ଟଙ୍କାର ଚେକ୍ ଓ ଶିକରପାଇ ଲାଭ କରିଥିଲେ। ସେହିପରି, "ମା ମାଣିକେଶ୍ୱରୀ" ସ୍ୱୟଂ ସହାୟିକା ଗୋଷ୍ଠି ଦ୍ୱିତୀୟ ସ୍ଥାନରେ ରହି ୪୦୦୦ ଟଙ୍କାର ଚେକ୍ ମିଳିଥିଲା। ସେମାନେ ଅଗାମି ଦିନରେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ମୋନନୀତ ହୋଇଥିଲେ। କାର୍ଯ୍ୟକ୍ରମରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀ ମାନଙ୍କୁ ଓଡ଼ିଶା ସରକାରଙ୍କ ପ୍ରଦତ୍ତ ମାନପତ୍ର ଗୁଡ଼ିକ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି ପରିଚାଳିକା ଜଛନା ରାଣି ପଣ୍ଡା, ରେଣୁବାଳା ପରିଡ଼ା, ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ରାଜିବ କୁମାର ପାଢ଼ୀ ଓ ସହାୟକ ପ୍ରକାଶ ବିଡ଼ିକା ପ୍ରମୁଖ ସହଯୋଗୀ ଭାବେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ସ୍ୱୟଂ ସହାୟିକା ଗୋଷ୍ଠି ମାନଙ୍କ ପାଇଁ ଏକ ମୂଲ୍ୟବାନ ଅବସର ଥିଲା, ଯାହା ସେମାନେ ସେମାନଙ୍କର ସାଧାରଣ ଜୀବନରେ ଆର୍ଥିକ ସ୍ୱାଧୀନତା ଓ ସମୃଦ୍ଧି ଆଣିବାରେ ସାହାଯ୍ୟ କରିପାରିବେ।

# ସରିଆଁ ମଣ୍ଡଳ ବିଜେପିର ବୈଠକ



**ନର୍ଲା,୧୦।୬(ସଂଚାର ବ୍ୟୁରୋ):** ନର୍ଲା ବ୍ଲକର ଘଣ୍ଟମାଲ ଠାରେ ମଙ୍ଗଳବାର ଦିନ ବିଜେପି ସରିଆଁ ମଣ୍ଡଳର ଏକ ପ୍ରସ୍ତୁତି ବୈଠକ ସଭାପତି ଚିତ୍ରସେନ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିକଶିତ ଭାରତ/ ଓଡ଼ିଶା ସଂକଳ୍ପ ସଭାର ଆୟୋଜନ ନେଇ ଆୟୋଜିତ ଉକ୍ତ ବୈଠକରେ ଦେଶର ଜଶସ୍ୱି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁଶାସନର ୧୧ ବର୍ଷ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମମାନ ନେଇ ଆଲୋଚନା ହୋଇଥିଲା। ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଜିଲ୍ଲା ଉପସଭାପତି ଅନିରୁଦ୍ଧ ପଧାନ, ରାଜ୍ୟ ପରିଷଦ ସଦସ୍ୟ ସୁରେଶ କୁମାର ଭୋଇ, ଜିଲ୍ଲା ପ୍ରତିନିଧି ସଞ୍ଜୟ ମାଝୀ, ସାଧାରଣ ସମ୍ପାଦକ ତନୁ ମାଝୀ, କୃଷକ ମୋର୍ଚ୍ଚା ସଭାପତି ପ୍ରେମାନନ୍ଦ ମାଝୀ, ଏସସି ମୋର୍ଚ୍ଚା ସଭାପତି ବସନ୍ତ ତାଣ୍ଡି, ଉପସଭାପତି ନିଳାଞ୍ଚଳ ସିଂ ଠାକୁର, ଏସଟି ମୋର୍ଚ୍ଚା ସଭାପତି ହିରଣ୍ୟ ନାଏକ, ଯୁବ ମୋର୍ଚ୍ଚା ସଭାପତି ଅଶୋକ ସାହୁ, ସହ ସମ୍ପାଦକ ଶ୍ୱେତ ସା, ଲିଙ୍ଗରାଜ ବଗର୍ତ୍ତୀ, ଉପସଭାପତି ସୁବାଶ ଚନ୍ଦ୍ର ସା, ନରସିଂହ ମାଝୀ, ଅନିରୁଦ୍ଧ ଦଳପତି ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ନୀଳଗିରି,୧୦।୬ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ କେପିଲାଖରାଜ ପଞ୍ଚାୟତ କେ.ପି ମାହାଲ ଗ୍ରାମର ମଧୁସୂଦନ ମଲ୍ଲିକ ଙ୍କ ପୁଅ ଲିପୁନ୍ ଓରଫ ସୁନିଲ ମଲ୍ଲିକ (୨୯) ଙ୍କ ମୃତ ଦେହ ଏକ ଆକାସୀଆ ଗଛରେ ଝୁଲୁଥିବାର ଆଜି ସକାଳେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପ୍ରସାରଣ ହେବା ପରେ ଘଟଣା ସ୍ଥଳରେ ଲୋକାରଣ୍ୟ ହୋଇଯାଇଥିଲା। ଖବର ପାଇ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନୀଳଗିରି ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଏନେଇ ନୀଳଗିରି ଥାନା ପକ୍ଷରୁ ୧୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁ ର ପ୍ରକୃତ କାରଣ ଜଣା ପଡ଼ିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଗାଇସିଲେଟରେ କିଡ଼ନୀ ରୋଗୀଙ୍କ ସଂଖ୍ୟା ବୃଦ୍ଧି



**ବରଗଡ,୧୦।୬(ସଂଚାର ବ୍ୟୁରୋ):** ବରଗଡ ଜିଲ୍ଲା ଅନ୍ତର୍ଗତ ଗାଇସିଲେଟ ବ୍ଲକ ଜିଲ୍ଲା ସଦରମହକୁମା ରୁ ପ୍ରାୟ ୮୦ କିଲୋମିଟର ଦୂରରେ ଅବସ୍ଥିତ । ବର୍ତ୍ତମାନ ଜଳବାୟୁ ପରିବର୍ତନ ବିଶ୍ୱ ପାଇଁ ବଡ଼ ଆହ୍ୱାନ । ବିଶେଷକରି ଗାଇସିଲେଟ ଅଞ୍ଚଳ ରେ ଦିନକୁ ଦିନ ବ୍ୟାପକ ପରିମାଣରେ କିଡ଼ନୀ ରୋଗୀ ଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏହାର କାରଣ ଖୋଜିବାକୁ ଯାଇ ଆଜି ଠଓଗଟଇଜ ବୁର୍ଲା ଏକ ଡାକ୍ତରୀ ଦଳ ଙ୍କ ସହ ଗାଇସିଲେଟ ର ଡାକ୍ତରୀ ଟିମ୍,ଚଏଈଉ ବିଭାଗ ର ଅଧିକାରୀ ବୃନ୍ଦ ମଧ୍ୟ ଦଳରେ ସାମିଲ ହୋଇ ବିଭିନ୍ନ ବ୍ଲକ ର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ । ଏହି ଅବସରରେ ଗାଇସିଲେଟ ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯୁଥ କ୍ଲବର ସଭାପତି ରଞ୍ଜନ ପଣ୍ଡା ଏହି ଟିମ ସହ ସାମିଲ ହୋଇ ଗାଇସିଲେଟ ଅଞ୍ଚଳ ର ବିଭିନ୍ନ ଗ୍ରାମ କୁ ପରିଦର୍ଶନ କରି ଡାକ୍ତରୀ ଟିମ୍ ରୋଗୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ରୋଗୀ ମାନେ କେମିତି କିଡ଼ନୀ ରୋଗ ରୁ ଠିକ ହୋଇପାରିବେ ଏବଂ ଏହି ରୋଗ ବିଷୟରେ ସଚେତନ ହୋଇପାରିବେ ସେଥିପ୍ରତି ଦୃଷ୍ଟି ଦେବା କୁ ଠଓଗଟଇଜ ର ଡାକ୍ତରି ଦଳ ପରାମର୍ଶ ଦେଇଥିଲେ । ବିଶେଷକରି କିଡ଼ନୀ ରୋଗ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା ମଧ୍ୟ କରିଥିଲେ ।

# ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା

**ବ୍ରହ୍ମପୁର,୧୦।୬ (ସଂଚାର ବ୍ୟୁରୋ):** ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ପରିସରରେ ବ୍ଲକ ସ୍ତରୀୟ 'ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଡେପୁଟି କମିସନର(ବିଏମସି) କଲ୍ୟାଣୀ ସଂଘମିତ୍ରା, କର୍ପୋରେଟର ପ୍ରଶାନ୍ତ ପଟ୍ଟନାୟକ, ସୁରେନ୍ଦ୍ର ମହାରଣା,ଭାଜପାର ବରିଷ୍ଠ କର୍ମକର୍ତ୍ତା ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ମିଶନ ଶକ୍ତି ଗ୍ରୁପଙ୍କୁ ମାନପତ୍ର ଓ ପୁରସ୍କୃତ କରାଯାଇଥିଲା।



# କାମରେ ଆସୁନି ଲକ୍ଷାଧିକ ଟଙ୍କାର ଶୌଚାଳୟ




**ହିଞ୍ଜିଳିକାଟୁ,୧୦।୬(ସଂଚାର ବ୍ୟୁରୋ):** ସ୍ୱଚ୍ଛ ଓଡିଶା, ସୁସ୍ଥ ଓଡିଶା ଲକ୍ଷ୍ୟ ନେଇ ହିଞ୍ଜିଳିକାଟୁ ପୌରପରିଷଦ ପକ୍ଷରୁ ସହରର ପ୍ରାୟ ୧୦ଟି ସ୍ଥାନରେ ସର୍ବସାଧାରଣଙ୍କ ନିମନ୍ତେ ଶୌଚାଳୟ ନିର୍ମାଣ କରାଯାଇଥିଲା। କିନ୍ତୁ ସେଥି ମଧ୍ୟରୁ ଅଧେ ଶୌଚାଳୟରେ ତାଲା ଝୁଲୁଥିବା ବେଳେ ଆଉ ଅଧେ ଶୌଚାଳୟ ଦୁର୍ଗନ୍ଧରେ ନାକ ଫାଟୁଛି। ଯାହା ଫଳରେ ସହରକୁ ଆସୁଥିବା ହଜାର ହଜାର ଲୋକ ବହୁ ଅସୁବିଧା ହେଉଛନ୍ତି । ଆଜି ବି ମହିଳା ହୁଅନ୍ତୁ କି ପୁରୁଷ ଶୌଚ ଲାଗିଲେ କାନ୍ଥ ବାଡ଼ କିମ୍ବା ଗଛ କଡ ଭରସା କରିଥାନ୍ତି । ସୂଚନା ପ୍ରକାରେ, ହିଞ୍ଜିଳି ସହରକୁ ପ୍ରତିଦିନ ହଜାର ହଜାର ଲୋକେ ବିଭିନ୍ନ କାମରେ ଆସୁଥାନ୍ତି । କୋର୍ଟ କାମ ହେଉ କି ମେଡ଼ିକାଲ କାମ ଅଥବା ବଜାରରେ ଅନ୍ୟ କିଛି କାମରେ ଆସୁଥିଲେ ମଧ୍ୟ ଶୌଚ ପାଇଁ ସୁବିଧା ନଥିବାରୁ ଲଜ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସହରର ଅଧା ଶୌଚାଳୟ ତାଲା ଝୁଲୁଥିବା ଦେଖି ଲୋକେ ବାହାରେ ଶୌଚ କରୁଛନ୍ତି । ପରିସ୍ରା କରିବା ମନା ଲେଖାଯାଇଥିଲେ ମଧ୍ୟ ବିକଳ୍ପ ନ ଥିବାରୁ ଲୋକେ ଏଠି ସେଠି ଶୌଚ କରିବାକୁ ବାଧ୍ୟ ହେଉଛନ୍ତି। ଯାହାଫଳରେ ଦୁର୍ଗନ୍ଧରେ ଫାଟି ପଡୁଛି ପୂରା ଅଂଚଳ । ତେବେ ମହିଳା ମାନେ ନିରୁପାୟ ହୋଇ ଏଠି ସେଠି ପରିସ୍ରା କରୁଥିବା ବେଳେ ଲଜ୍ୟାଜନକ ପରିସ୍ଥିତିର ସାମ୍ନା କରୁଛନ୍ତି। ସହରର ଆଉ କିଛି ସ୍ଥାନରେ ଶୌଚାଳୟ ଖୋଲା ରହିଛି ସତ କିନ୍ତୁ ଭିତରକୁ ଗଲେ ଆବର୍ଜନାରେ ପରିପୂର୍ଣ୍ଣ ହୋଇରହିଥିବାବେଳେ ପରିସ୍ରାଗାର ପରିସରରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିବାରୁ ଦୁର୍ଗନ୍ଧରେ ନାକ ଫାଟୁଛି । ଶୌଚାଳୟ ଭିତରେ କୁଢ଼କୁଢ଼ ପ୍ଲାଷ୍ଟିକ ବୋତଲ, ମଦ ବୋତଲ ଭଳି ବର୍ଜ୍ୟବସ୍ତୁ ଭର୍ତ୍ତି ହୋଇଛି । ପରିସ୍ରା କରିବା ଲାଗି ବସାଯାଇଥିବା ବେସିନ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି, ଯାହା ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଉଛି । ଯାହା ଫଳରେ ଲୋକେ ଶୌଚାଳୟ ବାହାରେ ମଳତ୍ୟାଗ କରୁଛନ୍ତି । ଏଥିପ୍ରତି ସ୍ଥାନୀୟ ପ୍ରଶାସନର ଦୃଷ୍ଟି ପଡୁନଥିବା ଅତି ଦୁର୍ଭାଗ୍ୟଜନକ ବୋଲି ଜନସାଧାରଣ ଓ ବୁଦ୍ଧିଜୀବୀ ପ୍ରତିକ୍ରିୟା ରଖିଛନ୍ତି। ତୁରନ୍ତ ଏହି ଶୌଚାଳୟଗୁଡ଼ିକ ଯେପରି ସାଧାରଣ ଲୋକଙ୍କ ପାଇଁ ବ୍ୟବହାର ହେଇପାରିବ ସେ ନେଇ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି।

# ବ୍ୟାପିଲା ଝାଡ଼ାବାନ୍ତି: ଗଛମୂଳେ ସାଲାଇନ ଲଗାଇ ଚିକିତ୍ସିତ ହେଉଛନ୍ତି ରୋଗୀ



**ଧର୍ମଶାଳା,୧୦।୬(ସଂଚାର ବ୍ୟୁରୋ):** ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳରେ ଶତାଧିକ ଲୋକେ ଝାଡ଼ା ବାନ୍ତିରେ ଆକ୍ରାନ୍ତ ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସକାଳୁ ସକାଳୁ ଏହି ଅଞ୍ଚଳର ଅନେକ ପଞ୍ଚାୟତରେ ଲୋକେ ଝାଡ଼ା ବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ ମେଡିକାଲ ପରିସରରେ ରୋଗୀ ଓ ତାଙ୍କ ପରିବାର ଲୋକଙ୍କ ଭିଡ ଦେଖିବାକୁ ମିଳୁଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକୀୟ ପରିମାଣର ବେଡ ନ ଥିବା କାରଣରୁ ଶତାଧିକ ରୋଗୀ ମେଡିକାଲ ବାରଣ୍ଡା ଓ ଗଛମୂଳେ ସାଲାଇନ ଲଗାଇ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳୁଛି। ଖବରପାଇ ଯାଜପୁର ସିଡିଏମଓ ପ୍ରକାଶ ଚନ୍ଦ୍ର ବଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ସ୍ଥିତି ଦେଖି ଯାଜପୁର ମୁଖ୍ୟ ଚିକିତ୍ସାଳୟରୁ ଏକ ଟିମ୍ ଡକାଇଛନ୍ତି।

# ଆକ୍ରମଣକାରୀଙ୍କୁ ଗିରଫ ଦାବି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ନିରବ ପ୍ରତିବାଦ

- **ପୁଲିସ ଓ ପ୍ରଶାସନ ଉପରେ ପ୍ରଶ୍ନ ଉଠାଇଲେ ଡାକ୍ତର**

**ନୟାଗଡ଼,୧୦।୬(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ମା ଓ ଗର୍ଭସ୍ଥ ଶିଶୁ ମୃତ୍ୟୁ ଘଟଣା ଆଜି ଭିନ୍ନ ମୋଡ଼ ନେଇଛି । ଓଡ଼ିଶା ମେଡିକାଲ ସେବା ସଂଘ ନିଷ୍ପତ୍ତିକ୍ରମେ ଆଜିଠାରୁ ଡାକ୍ତରମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡ୍ୟୁଟି ସରିବା ପରେ ନୀରବ ପ୍ରତିବାଦକୁ ଓହ୍ଲାଇଛନ୍ତି । ଡାକ୍ତରଙ୍କୁ ଆକ୍ରମଣ କରିଥିବା ବ୍ୟକ୍ତିଙ୍କୁ ଗିରଫ ପାଇଁ ସଂଘ ଦାବି କରିଛି । ବାଲୁଗାଁର ଯୁବନେତା ସଞ୍ଜୟ କୁମାର ନାୟକଙ୍କ ପତ୍ନୀ ପ୍ରସବ ମମତା ସ୍ୱାଇଁଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ସମ୍ପୃକ୍ତ ଡାକ୍ତର ରବୀନ୍ଦ୍ର ନାଥ ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । କିନ୍ତୁ ଉକ୍ତ ଦିନ ଡ୍ୟୁଟିରେ ଥିବା ଡାକ୍ତରଙ୍କୁ ଆକ୍ରମଣ ଘଟଣାକୁ ନେଇ ଡାକ୍ତର ରବୀନ୍ଦ୍ର ନାଥ ସାହୁ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । ଯଦି ପ୍ରସୂତି ମହିଳାଙ୍କ ମୃତ୍ୟୁ ପାଇଁ ତାଙ୍କୁ ନିଲମ୍ବନ କରାଯାଇଛି, ତେବେ ଡାକ୍ତରଙ୍କୁ ଆକ୍ରମଣ କରିଥିବା ଆକ୍ରମଣ କାରୀଙ୍କୁ ପୁଲିସ ଗିରଫ ନକରି କାହିଁକି ଟାଳଟୁଳ ନୀତି ଅବଲମ୍ବନ କରୁଛି। ସମ୍ପୃକ୍ତ ଡାକ୍ତରଙ୍କ ନିଲମ୍ବନ ପ୍ରତ୍ୟାହାର କରି ଏକ ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ହୋଇଛି। ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲା ସଭାପତି ଡା. ବି ସୂର୍ଯ୍ୟା ରାଓ ଓ ସଂପାଦକ ଡା. ପ୍ରଦୀପ କୁମାର ପାଇକରାୟଙ୍କ ନେତୃତ୍ୱରେ ନୀରବ ପ୍ରତିବାଦ ଆରମ୍ଭ ହୋଇଛି।




# ଶିକ୍ଷକଙ୍କୁ ମିଳିଲା 'ପ୍ରକୃତି ବନ୍ଧୁ' ସମ୍ମାନ



**ବୈଶିଙ୍ଗା,୧୦।୬(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନା ଙ୍କୁ ୨୦୨୪-୨୫ ବର୍ଷ ପାଇଁ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି। ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶ୍ୱ ପରିବେଶ ଦିବସ ରେ ଶ୍ରୀ ଜେନାଙ୍କୁ ଏହି ସମ୍ମାନ ମିଳିଛି। ବିଦ୍ୟାଳୟରେ ନର୍ସରୀ ମାଧ୍ୟମରେ ଚାରା ପ୍ରସ୍ତୁତି କରି ମାଗଣାରେ ବଣ୍ଟନ,ଜଙ୍ଗଲ ସୁରକ୍ଷା, ବନାଗ୍ନି ଦାଉରୁ ଜଙ୍ଗଲ ସୁରକ୍ଷା, ପଥପ୍ରାନ୍ତ ବନୀକରଣ, ବ୍ୟକ୍ତିଗତ ଉଦ୍ୟମରେ ପର୍ଯ୍ୟାପ୍ତ ବୃକ୍ଷରୋପଣ, ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି, ଚାରା ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଆୟୋଜନ, ଏକକ ବ୍ୟବହାର ପ୍ଲାଷ୍ଟିକ ବ୍ୟବହାର ରୋକିବା ପାଇଁ ଉଦ୍ୟମ, ବର୍ଷାଜଳ ସଂରକ୍ଷଣ, ଔଷଧୀୟ ଗଛ ଉଦ୍ୟାନ ସୃଷ୍ଟି,ବିଦ୍ୟାଳୟରେ ସବୁଜିମା ବୃଦ୍ଧି ପାଇଁ ସର୍ବଦା ସେ ଉଦ୍ୟମ ରତ।ପରିବେଶ ଭିତ୍ତିକ ପ୍ରକଳ୍ପ ଗୁଡିକର ମାର୍ଗଦର୍ଶନ କରି ରାଜ୍ୟ ସ୍ତରରେ ପୁରସ୍କାପ୍ରାପ୍ତ ତଥା ପରିବେଶ ଭିତ୍ତିକ ନାଟକ,ନୃତ୍ୟ ପରିବେଷଣ ପାଇଁ ଜାତୀୟ ସ୍ତରରେ ପ୍ରଶଂସିତ ଓ ସମ୍ମାନୀତ। ପରିବେଶ ସୁରକ୍ଷା ପାଇଁ ଚିତ୍ରାଙ୍କନ, କୁଇଜ୍, ବକ୍ତୃତା ଆୟୋଜନ ,ବିଶ୍ୱ ପରିବେଶ ଦିବସ, ବନ ଦିବସ, ବିଶ୍ୱ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ, ଆର୍ଦ୍ର ଭୂମି ସୁରକ୍ଷା ଅଭିଯାନ, ବିଶ୍ୱ ଜଳ ଦିବସ, ଘରଚଟିଆ ଦିବସ ପାଳନ କରିବା ସହିତ ବିଭିନ୍ନ ଅଗ୍ରଣୀ ଖବର କାଗଜ ରେ ପରିବେଶ ଭିତ୍ତିକ ଆଲେଖ୍ୟ ଉପସ୍ଥାପନ କରି ସଚେତନତା ସୃଷ୍ଟି କରିପାରିଛନ୍ତି। ଆକାଶ ବାଣୀ ରେ ତାଙ୍କର ପରିବେଶ ସଚେତନତା ଭିତ୍ତିକ ବହୁ ଉପଦେୟ ସନ୍ଦର୍ଭ ପ୍ରସାରଣ ହୋଇ ପାରିଛି। ବାରିପଦା ବନଖଣ୍ଡ ପକ୍ଷରୁ ପ୍ରକାଶିତ ପରିବେଶ ଭିତ୍ତିକ ପତ୍ରିକା " ଇକୋ ଟାଇମ୍" ର ସମ୍ପାଦନା କରି ପ୍ରଶଂସିତ ହୋଇ ପାରିଛନ୍ତି।ପରିବେଶ ସୁରକ୍ଷା ଅଭିଯାନ ରେ ସକ୍ରିୟ ଅଂଶଗ୍ରହଣ ପାଇଁ ତାଙ୍କୁ ବାରିପଦା ବନଖଣ୍ଡ ପକ୍ଷରୁ ପୁରସ୍କୃତ କରାଯାଇଛି। ଜାତୀୟ ସବୁଜ ବାହିନୀ ଇକୋ କ୍ଲବ୍ ଓ ଶକ୍ତି କ୍ଲବ୍ ର ଜିଲ୍ଲା ସ୍ତରୀୟ ମାଷ୍ଟର ଟ୍ରେନର ଭାବରେ ସେ ଅଧୁନା କାର୍ଯ୍ୟ ରତ। ତାଙ୍କର ଏହି ବହୁମୁଖୀ ପ୍ରତିଭାକୁ ସ୍ୱୀକୃତି ପ୍ରଦାନ ପୂର୍ବକ ବାରିପଦା ବନଖଣ୍ଡ ଅଧିକାରୀ ଏ.ଉମା ମହେଶ, ସହକାରୀ ବନ ସଂରକ୍ଷକ ସେକ୍ ମେହେରବାନ ଅଲ୍ଲୀ, ବେତନଟୀ ବନାଞ୍ଚଳ ଅଧିକାରୀ ମନ୍ୱାର ଖାଁ ତାଙ୍କୁ "ପ୍ରକୃତି ବନ୍ଧୁ" ସମ୍ମାନରେ ସମ୍ମାନିତ କରିଛନ୍ତି। ଶ୍ରୀ ଜେନାଙ୍କ ଏହି ସଫଳତା ପାଇଁ ବହୁ ପରିବେଶ ପ୍ରେମୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଛନ୍ତି ।

# ୱାଟରସେଡ ଯନ୍ତ୍ରୀଙ୍କୁ ନିସ୍ତୁକ ମାଡ଼

**ଶଗଡ଼ଘାଟ,୧୦।୬(ସଂଚାର ବ୍ୟୁରୋ):** ଟିଟିଲାଗଡ଼ ୱାଟରସେଡ ଯନ୍ତ୍ରୀ ନିକୁଞ୍ଜ ଦାସଙ୍କୁ ନିସ୍ତୁକ ମାଡ଼ ହୋଇଛି । ଶ୍ରୀ ଦାସ ଦୀର୍ଘ ବର୍ଷ ହେବ ଏହି ବ୍ଲକରେ ୱାଟରସେଡରେ ଯନ୍ତ୍ରୀ ଭାବେ ନିଯୁକ୍ତି ପାଇଛନ୍ତି । ହେଲେ ତାଙ୍କ ନାଁରେ ଅନେକ ଅଭିଯୋଗ ହୋଇଥାଏ। ଅଭିଯୋଗ ମୁତାବକ, ଯନ୍ତ୍ରୀ ନିଜେ ଠିକାଦାର ଓ ଅନ୍ୟ ଚାଷୀ ଚହଲା କାମ କଲେ ଯନ୍ତ୍ରୀଙ୍କ ଜେସିବି ନିହାତି ଭାବେ ବ୍ୟବହାର ହୁଏ ନ ହେଲେ ଫାଇଲ ଆଗକୁ ବଢ଼ିନଥାଏ। ଏତିକି ନୁହେଁ ଚହଲା ବିଲ୍ କରି ଦେବା ବାହାନାରେ ହଜାର ହଜାର ଟଙ୍କା ନେଇ ଦେଖା ଦେଇ ନ ଥାଆନ୍ତି। ଆଜି ଅପରାହ୍ନରେ ହଠାତ ଯନ୍ତ୍ରୀ ଜଣଙ୍କ କୌଣସି କାମରେ କୋର୍ଟ ପରିସରରେ ବୁଲୁଥିବାବେଳେ ଚାଷୀ ଜଣଙ୍କ ଖବରପାଇ ଯନ୍ତ୍ରୀଙ୍କୁ ବିଲ୍ କେତେ ଦୂର ଗଲା ବୋଲି ପଚାରିବାରୁ ସେ ଚିହିଁକି ଯାଇଥିଲେ। ଏହାପରେ ଉଭୟଙ୍କ ମଧରେ ଯୁକ୍ତି ତର୍କ ହୋଇ ମାଡ଼

# ବିଦ୍ୟୁତ୍ ଆଘାତରେ ବୋହୂ ମୃତ ; ଶାଶୂ-ଶଶୁର ଆହତ

**ପୋଲସରା,୧୦।୬(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ପୋଲସରା ଥାନା ମାଳତେନ୍ତୁଳିଆ ନୂଆଁସାହିରେ ବିଦ୍ୟୁତ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ଦୁଇ ଜଣ ଆହତ ହୋଇଛନ୍ତି । ମୃତ ମହିଳା ଜଣଙ୍କ ନମିତା ସାହୁ ହୋଇଥିବାବେଳେ ଅଭିମନ୍ୟୁ ସାହୁ ଶ୍ୱଶୁର ଓ ଶାଶୁ ଆହତ ହୋଇଛନ୍ତି। ପ୍ରକାଶ ଯେ, ନମିତା ନିଜ ଘର ବାରଣ୍ଡାରେ କାମ କରିବା ସମୟରେ ଶ୍ୱଶୁର ଲୁହା ଗ୍ରୀଲରୁ ବିଦ୍ୟୁତ ଆଘାତର ଶିକାର ହୋଇଥିଲେ । ପାଖରେ ବସିଥିବା ବୋହୂ ଓ ଶାଶୁ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ । ଉଭୟଙ୍କ ମଧ୍ୟରୁ ବୋହୂ ଗୁରୁତର ହୋଇଥିବାବେଳେ ଶାଶୁ ଆହତ ହୋଇଥିଲେ । ସମସ୍ତଙ୍କୁ ସ୍ଥାନୀୟ ଲୋକେ ଉଧାର କରି ଚିକିତ୍ସା ଲାଗି ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି ।